

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୦ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 MAY 2021

Vol.No. 32 ■ No. 137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କରୋନାରେ ଅନାଥ ହୋଇଥିବା ପିଲାଙ୍କୁ ୧୦ ଲକ୍ଷ ସହାୟତା ସହ ମାସିକ ଭତ୍ତା ଘୋଷଣା କଲେ ମୋଦୀ

ଭୁବନେଶ୍ୱର,୨୯/୦୫(ନି.ପ୍ର): କରୋନା ମହାମାରୀରେ ପ୍ରଭାବିତ ହୋଇଥିବା ପିଲାମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡରୁ ଅନେକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଆସନ୍ତାକାଲି ମୋଦି ସରକାରକୁ ୭ ବର୍ଷ ପୂରଣ ହେଉଥିବାରୁ ଏହା ପୂର୍ବ ସଂନ୍ଧ୍ୟାରେ ଏଭଳି ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନମନ୍ତ୍ରୀଙ୍କ ଘୋଷଣା ମୁତାବକ କରୋନା ମହାମାରୀରେ ପିତା ଓ ମାତାଙ୍କୁ ହରାଇ ଅନାଥ ହୋଇଥିବା ପିଲାମାନଙ୍କୁ ୧୮ ବର୍ଷ ହେବା ଯାଏ ମାସିକ ଭତ୍ତା ଦେବେ କେନ୍ଦ୍ର ସରକାର ।ପ୍ରଧାନମନ୍ତ୍ରୀଙ୍କ ତରଫରୁ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି କି, 'ପିଏମ୍ କେୟାର୍ସ ଫର ଚିଲଡ୍ରେନ' ସୌଜନ୍ୟରେ କୋଭିଡ ପ୍ରଭାବିତ ପିଲାଙ୍କୁ ସମର୍ଥନ ଓ ସେମାନଙ୍କ ସଶକ୍ତ କରିବାକୁ ପଦକ୍ଷେପ ନିଆଯାଉଛି । ସରକାର ଏହି




ପିଲାମାନଙ୍କ ସହିତ ଥିବା କଥା କୁହାଯାଇଥିବା ବେଳେ ପ୍ରେସ ନୋଟ୍ ରେ କୁହାଯାଇଛି କି ଯେଉଁ ପିଲାମାନେ କୋଭିଡରେ ଅନାଥ ହୋଇଛନ୍ତି ସେମାନଙ୍କୁ ୧୮ ବର୍ଷ ପର୍ଯ୍ୟନ୍ତ ମାସିକ ଭତ୍ତା ଓ ୨୩ ବର୍ଷରେ ପିଏମ୍ କେୟାର୍ସ ଫଣ୍ଡରୁ ୧୦ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ । ଏହା ସହ କରୋନା ମହାମାରୀରେ ଅନାଥ ହୋଇଥିବା ପିଲାମାନଙ୍କ ପାଇଁ ମାଗଣା ଶିକ୍ଷା,ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଋଣ ଯୋଗାଇ ଦିଆଯିବ ଓ ଏହି ଶିକ୍ଷାଋଣର ସୁଧ ପିଏମ୍ କେୟାର୍ସ ଫଣ୍ଡରୁ ଭରଣା କରାଯିବ ।ଅନ୍ୟପଟେ ଆୟୁଷ୍ମାନ ଭାରତ ଯୋଜନାରେ ପିଲାକୁ ୧୮ ବର୍ଷ ହେବା ଯାଏ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ମିଳିବ । ଯାହାର ପ୍ରିମିୟମ ପିଏମ୍ କେୟାର୍ସ ଫଣ୍ଡରୁ ଭରଣା କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି କି, ପିଲାମାନେ ଦେଶର ଭବିଷ୍ୟତ ତେଣୁ ସେମାନଙ୍କୁ ସୁରକ୍ଷା ଓ ସୁନ୍ଦର ଭବିଷ୍ୟତ ପାଇଁ ସରକାର ସବୁକିଛି କରିବାକୁ ପ୍ରସ୍ତୁତ ।

## କରୋନା ଔଷଧ ଟୁ-ଡିଜି ପାଇଁ ଅର୍ଡର ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୯/୦୫(ନି.ପ୍ର): ଡିଆରଡିଓ ଠାରୁ କରୋନା ଔଷଧ କିଣିବେ ରାଜ୍ୟ ସରକାର। ୫ ହଜାର ସ୍ୟାଚେଟ୍ ଟୁ-ଡିଜି ମେଡିସିନ୍ ପାଇଁ ଅର୍ଡର ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ରାଜ୍ୟରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଏହି ଔଷଧର ଅର୍ଡର ଦିଆଯାଇଥିବା ସେ କହିଛନ୍ତି। ଭାରତୀୟ ପ୍ରତିରକ୍ଷା ଗବେଷଣା ସଂସ୍ଥା ଡିଆରଡିଓ ଓ ଅନ୍ୟତମ ସର୍ବବୃହତ ଫାର୍ମା କଂପାନୀ ଡକ୍ଟର ରେଡିସ୍ ର ମିଳିତ ସହଯୋଗରେ ପ୍ରସ୍ତୁତ କରୋନା ଔଷଧ ଟୁ-ଡିଜି ର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି। ଗୋଟିଏ ସକେଟ୍ ଟୁ-ଡିଜି ଔଷଧର ଦାମ୍ ୯୯୦ ଟଙ୍କା ରଖିଛି ଡକ୍ଟର ରେଡିସ୍ କଂପାନୀ। ତେବେ ସରକାରୀ ହସ୍ପିଟାଲ ଦ୍ୱାରା ଏହି ଔଷଧକୁ ରିହାତିରେ ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

### ମନ୍ତ୍ରିପରିଷଦ ବୈଠକରେ ସଂକଳ୍ପ ପାରିତ

## ପାଠ୍ୟକ୍ରମରେ ସାମିଲ ହେବ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା

ଭୁବନେଶ୍ୱର,୨୯/୦୫ (ନି.ପ୍ର): ଏଣିକି ପ୍ରତି ହାଇସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ମହାମାରୀ ପରିଚାଳନା ଠାରୁ ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟନ୍ତ ସବୁ ବିଷୟରେ ଜ୍ଞାନ ଆହରଣ କରିବେ ଏବଂ ଏହା ସେମାନଙ୍କ ପାଠ୍ୟକ୍ରମର ଅଂଶବିଶେଷ ହେବ । ଏହାସହ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରତି ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ। ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାର ପରିଚାଳନା, ସରକାରୀ ଚାକିରୀ ଓ ନିଯୁକ୍ତି ପାଇଁ ଏକ ବାଧତାମୂଳକ ବିଷୟ ହେବ । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ୱାର୍ଡ ମେମ୍ବର ପର୍ଯ୍ୟନ୍ତ ସବୁ ନିର୍ବାଚିତ ପ୍ରତିନିଧି ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା



ବିଷୟରେ ତାଲିମ ନେବେ । ମିଶନ ଶକ୍ତି ଗୋଷ୍ଠୀ, ବନ ସୁରକ୍ଷା ସମିତି ଓ ଅନ୍ୟ ଗୋଷ୍ଠୀଭିତିକ ସଂଗଠନ ଗୁଡିକୁ ମଧ୍ୟ ଏ ସଂପର୍କରେ ତାଲିମ ଦିଆଯିବ। ଶନିବାର ସଂଧ୍ୟାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ଏନେଇ ଏକ ସଂକଳ୍ପ ଗୃହୀତ ହୋଇଛି। ରାଜ୍ୟରେ କରୋନା ମହାମାରୀ ସଂକ୍ରମଣ ଆଶଙ୍କା ଓ 'ୟାସ' ବାତ୍ୟା କ୍ଷୟକ୍ଷତି ମଧ୍ୟରେ ବିଜେଡି ସରକାର ଆଜି ନିଜର ପଂଚମ ପାଳିର ଦ୍ୱିତୀୟ ବର୍ଷ ଶାସନ ପୂରଣ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ▶▶ପୃଷ୍ଠା ୭

## ସାଉଦିଆରବରୁ ଭାରତକୁ ଆସିବ ୧୦୦ରୁ ଅଧିକ ଆଇଏସଓ କଂଟେନର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ /ଭୁବନେଶ୍ୱର,୨୯/୦୫ (ନି.ପ୍ର): ଭାରତକୁ ସାଉଦିଆରବ ୬୦ ଟନ୍ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ ସହ ୩ଟି ଆଇଏସଓ କଂଟେନର ପଠାଇଥିବା ବେଳେ ଆଗାମୀ ଦିନରେ ଅଧିକ ୧୦୦ଟି ଆଇଏସଓ କଂଟେନର ପଠାଇବାର ବ୍ୟବସ୍ଥା କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାଉଦିଆରବର ଉର୍ଜା ମନ୍ତ୍ରୀ ପ୍ରିନ୍ସ ଅବଦୁଲାଜିଜଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ କରୋନା ବିରୋଧୀ ମୁକାବିଲାରେ ଭାରତକୁ ସହଯୋଗ କରିବା ପାଇଁ ସାଉଦିଆରବରୁ ୬୦ ଟନ୍ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ ଓ ୩ଟି ଆଇଏସଓ କଂଟେନର ଆସୁଅଛି । ଏହି କଂଟେନର ଜୁନ ୬ରେ ମୁମ୍ବାଇରେ ପହଁଚିବ । ଏହାସହ ଆଗାମୀ ଦିନରେ ଅତିରିକ୍ତ ୧୦୦ଟି ଆଇଏସଓ କଂଟେନର ସାଉଦିଆରବରୁ ଆସିବା ନେଇ ସେ



ସୂଚନା ଦେଇଛନ୍ତି। ସାଉଦିଆରବର ଏହି ପଦକ୍ଷେପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସାଉଦିଆରବର ନେତୃତ୍ୱ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କର ପ୍ରତିଫଳନ । ଏହି ୩ କଂଟେନର ଏବଂ ଆଗାମୀ ଦିନରେ ଆସିବାକୁ ଥିବା କଂଟେନର ଗୁଡ଼ିକ ୬ ମାସ ପର୍ଯ୍ୟନ୍ତ ଇଣ୍ଡିଆନ ଅଏଲ ପାଖରେ ରହିବ। ସାଉଦି ଆରବର କମ୍ପାନୀ ଲିନ୍ଦେ ଦାମନମ୍ ଠାରୁ ଇଣ୍ଡିଆନ ଅଏଲ ଲିକୁଇଡ୍ ମେଡ଼ିକାଲ ଅକ୍ସିଜେନ୍ ଦେଶ ପାଇଁ ଆମଦାନୀ କରିବ । ସୂଚନାଯୋଗ୍ୟ, ଚଳିତ ମାସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତକୁ କୋଭିଡ୍ ବିରୋଧୀ ଲଢ଼େଇରେ ନିରନ୍ତର ସହଯୋଗ କରିବା ଉପରେ ପ୍ରିନ୍ସ ଅବୁଦୁଲାଜିଜ୍ ସହ ଆଲୋଚନା କରିଥିଲେ ।

### ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମବଙ୍ଗ ଗସ୍ତ ବିବାଦ

## ମମତା କହିଲେ ମୋତେ ବଦନାମ କରାଯାଉଛି

ପଶ୍ଚିମବଙ୍ଗ,୨୯/୦୫: ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମବଙ୍ଗ ଗସ୍ତବେଳେ ଆରମ୍ଭ ହୋଇଥିବା ବିବାଦକୁ ନେଇ ଆଜି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିକ୍ରିୟା ରଖିଛନ୍ତି । ମମତା କହିଛନ୍ତି କି ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବା ପରେ ସେ ଦୀଘା ଗସ୍ତରେ ଯାଇଥିଲେ । ଏହାସହ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ମମତା କହିଥିଲେ କି ମୋ ବିଜୟ କେନ୍ଦ୍ର ସରକାରଙ୍କର ହଜମ ହେଉନାହିଁ । ମୁଁ ପଶ୍ଚିମବଙ୍ଗବାସୀଙ୍କ ସ୍ୱାର୍ଥ ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ୨୪ ଘଂଟା



ଚୁପ୍ ରହିବା ପରେ ମମତା ଆଜି ମୁହଁ ଖୋଲିଛନ୍ତି । ସେ ସିଧା କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି କି ପରାଜୟ ଏପର୍ଯ୍ୟନ୍ତ ବିଜେପିର ହଜମ ହୋଇନାହିଁ, ତେଣୁ ଯେକୌଣସି ପ୍ରକାର ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ବୈଠକରେ ଡେରିରେ ପହଂଚିବାକୁ ନେଇ ସେ କହିଛନ୍ତି କି ମୋର ପୂର୍ବରୁ ଦୀଘା ଗସ୍ତ ସ୍ଥିର ହୋଇସାରିଥିଲା , ଏହାସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତନେଇ ମୋତେ ଡେରିରେ ସୂଚନା ମିଳିଥିଲା । ଅନ୍ୟପଟେ ବୈଠକରେ ରାଜ୍ୟ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମମତା । ସେ କହିଛନ୍ତି କି ପ୍ରଧାନମନ୍ତ୍ରୀଙ୍କ ଗୁଜୁରାଟ ଗସ୍ତବେଳେ ସେଠିକାର ବିରୋଧୀଦଳ ▶▶ପୃଷ୍ଠା ୭

## ଜୁନ୍ ଦ୍ୱିତୀୟ ସପ୍ତାହରେ ଦେଶରେ ମିଳିବ ସ୍ପୁଟନିକ୍-ଭି ଟିକା

ଭୁବନେଶ୍ୱର,୨୯/୦୫(ନି.ପ୍ର): ଜୁନ୍ ଦ୍ୱିତୀୟ ସପ୍ତାହରେ ଦେଶରେ ମିଳିବ ଋଷିଆ ନିର୍ମିତ ସ୍ପୁଟନିକ-ଭି ଟିକା । ଏନେଇ ଘୋଷଣା କରିଛି ଆପୋଲ ହସ୍ପିଟାଲ ଗ୍ରୁପ୍ । ଦେଶରେ ପ୍ରାୟ ୮୦ଟି ସ୍ଥାନରେ ଆଗ ଧାଡ଼ିର କରୋନା ଯୋଦ୍ଧା ବାଣିଜ୍ୟିକ ସଂସ୍ଥାର କର୍ମଚାରୀ ମାନଙ୍କୁ ଏହି ଟିକା ଦିଆଯିବ ବୋଲି ଘୋଷଣା କରିଛନ୍ତି ଆପୋଲ ହସ୍ପିଟାଲ ଗ୍ରୁପର ଉପାଧ୍ୟକ୍ଷ ସୋଭନା କାମିନେନି । ତେବେ ଗୋଟିଏ ଡୋ଼ଜ ଟିକାର ଦାମ୍ ୧୧୯୫ ଟଙ୍କା ସ୍ଥିର କରାଯାଇଛି । ଏଥିରେ ଟିକାର ଦାମ୍ ୯୯୫ଟଙ୍କା ଓ ୨ଶହ ଟଙ୍କା ଟିକାକରଣ ଖର୍ଚ୍ଚ ରହିଛି । ଆପୋଲ ହସ୍ପିଟାଲ ଗ୍ରୁପର ଉପାଧ୍ୟକ୍ଷ କହିଛନ୍ତି ପ୍ରତି ସପ୍ତାହରେ ୧୦ ଲକ୍ଷ ଲୋକଙ୍କ ଟିକା କରଣ ସହ ସେପଟ୍ଟେମ୍ବର ସୁଦ୍ଧା ୨କୋଟି ଲୋକଙ୍କ ଟିକାକରଣର ଲକ୍ଷ ରଖିଛି ଆପୋଲୋ ଗ୍ରୁପ୍ । ଗତ ମେ' ୨୪ ତାରିଖରେ ପ୍ରଥମ ଥର ପାଇଁ ଋଷିଆ ନିର୍ମିତ ସ୍ପୁଟନିକ୍- ଭି ଟିକା ଭାରତରେ ପହଂଚିଥିଲା । ଭାରତ ସମେତ ବିଶ୍ୱର ୬୦ଟି ଦେଶ ଋଷିଆ ନିର୍ମିତ ସ୍ପୁଟିନିକ-ଭି ଟିକାର ଜରୁରୀକାଳୀନ ବ୍ୟବହାର ନେଇ ଅନୁମତି ଦେଇଛନ୍ତି ।

## ଗୋଟିଏ ଦିନରେ ୭୧୮୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୯/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୧୮୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୪୭୧୪୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ▶▶ପୃଷ୍ଠା ୭

## ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ବସନ୍ତ ଦାସଙ୍କ ପରଲୋକ

ଭୁବନେଶ୍ୱର,୨୯/୦୫(ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ବସନ୍ତ ଦାସଙ୍କ କରୋନାରେ ପରଲୋକ ଘଟିଛି । କିଛିଦିନ ହେଲା ସେ ଘରୋଇ ହସପିଟାଲରେ ର ଚିକିତ୍ସିତ ହେଉଥିଲେ। ଉଭୟ ଓଡିଆ ଏବଂ ଇଂରାଜି ସାମ୍ବାଦିକତା ସହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ସୁନାମ ରହିଥିଲା ୨୦୦୨ରେ ଗଣମାଧ୍ୟମର ବୃତ୍ତିଗତ ଚାକିରି ଜୀବନରୁ ଅବ୍ୟାହତି ନେଇ ଜଣେ



ମୁକ୍ତବୃତ୍ତ ସାମ୍ବାଦିକ ଓ ସ୍ତମ୍ଭକାର ଭାବରେ ସକ୍ରିୟ ରହିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ 'ଯେ ଦେଶେ ଯାଇ ସେ ଫଳ ଖାଇ' ସମେତ ୧୬ଟି ପୁସ୍ତକ ରଚନା କରିଛନ୍ତି ବସନ୍ତ ଦାସ । ପଲିଟିକାଲ ହିଷ୍ଟ୍ରି ଅଫ ମଡର୍ଣ୍ଣ ଓଡ଼ିଶା, ତାଙ୍କର ବହୁ ପଠିତ ଓ ବହୁ ଆଦୃତ ପୁସ୍ତକ ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୫ ଜଣ ମୃତ

ଭୁବନେଶ୍ୱର,୨୯/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୨୬୮୬ ହୋଇ ଯାଇଛି ।

## ଜୁନ୍ ୧ରୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ୍ କ୍ଲାସ୍

ଭୁବନେଶ୍ୱର,୨୯/୦୫ (ନି.ପ୍ର): ଆସନ୍ତା ଜୁନ୍ ୧ ତାରିଖରୁ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ ହେବ। ତେବେ ହଷ୍ଟେଲ ଗୁଡିକ ଏବେ ଖୋଲିବ ନାହିଁ। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଖରା ଛୁଟି ପରେ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜ ଗୁଡ଼ିକରେ ଅନ୍‌ଲାଇନ୍ କ୍ଲାସ୍ ଆରମ୍ଭ ହେବ। ବର୍ତମାନ ଶ୍ରେଣୀ ଗୃହରେ ପାଠପଢ଼ା ସମ୍ଭବ ନୁହେଁ। ସେହିପରି ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ହଷ୍ଟେଲ ଗୁଡ଼ିକ ବନ୍ଦ ରହିବ। ୟୁଜିସିର ନିଷ୍ପତି ସଂପର୍କରେ ସୂଚନା ପାଇବା ପରେ ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

## ଆସନ୍ତା ୫ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଓ ବର୍ଷା ସମ୍ଭାବନା : ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୯/୦୫(ନି.ପ୍ର): ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଓ ମୟୁରଭଞ୍ଜ ରହିଛି । ସେହିପରି



ଉପକୂଳ ଓଡ଼ିଶା ସମେତ ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ▶▶ପୃଷ୍ଠା ୭

### ରାମଦେବ ବାବାଙ୍କ ବିବଦୀୟ ବୟାନକୁ ନେଇ ବଢୁଛି ଅଡୁଆ

## ଆଇଏମଏ ପରେ ଏଫଏଆଇଏମଏ ପଠାଇଲା କାନୁନୀ ନୋଟିସ

ନୂଆଦିଲ୍ଲୀ,୨୯/୦୫: ଆଇଏମଏ ପରେ ୟେଲୋପାଥିକୁ ନେଇ ବିବାଦୀୟ ବୟାନ ଦେବା ପରେ ବାବା ରାମଦେବଙ୍କ ପାଇଁ ବଢୁଛି ଅଡୁଆ । ଗୋଟେପଟେ ବାବା ରାମଦେବଙ୍କୁ ନେଇ ହରଡ ଘଣାରେ ବି କେନ୍ଦ୍ର ସରକାର । ସୋସିଆଲ ମେଡିଆରେ ବିରୋଧୀ ବି ବେସ୍ ରୋଚକ କମେଣ୍ଟମାନ ଦେଉଛନ୍ତି । ଏହାରି ଭିତରେ ଏଭଳି ବୟାନ ବିରୋଧରେ ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ବାବା ରାମଦେବଙ୍କ ପାଖକୁ



କାନୁନୀ ନୋଟିସ ପଠାଇଥିବା ବେଳେ ଏବେ ଫେଡେରେସନ ଅଫ୍ ଅଲ ଇଣ୍ଡିଆ ମେଡିକାଲ ଆସୋସିଏସନ (ଏଫଏଆଇଏମଏ) ତରଫରୁ ବି କାନୁନୀ ନୋଟିସ ପଠାଯାଇଥିବା ସୂଚନା ମିଳିଛି । ଏହାସହ ଏଫଏଆଇଏମଏ କର୍ମଚାରୀ ମାନଙ୍କ ସହ ଏକଜୁଟ୍ ଥିବା ଦର୍ଶାଇ ପୁରା ଦେଶରେ ରେଜିଡେଣ୍ଟ ଡକ୍ଟର ଆସୋସିଏସନ ( ଆରଡିଏଏସ) ମାଧ୍ୟମରେ ବାବା ରାମଦେବଙ୍କ ପାଖକୁ ବି କାନୁନୀ ନୋଟିସ ପଠାଯାଇଛି । ଏଫଏଆଇଏମଏ ତରଫରୁ କୁହାଯାଇଛି କି, ବାବା ରାମଦେବ୍ ଶସ୍ତା ରାଜନୀତି ଚକ୍କରରେ ଏଲୋପାଥି ବିରୋଧରେ ଏଭଳି ମନ୍ତବ୍ୟ ଦେଉଛନ୍ତି । ଏଭଳି ମନ୍ତବ୍ୟକୁ ସଂଘ ତରଫରୁ ନିନ୍ଦା କରାଯିବା ସହିତ ବାବା ରାମଦେବଙ୍କ ▶▶ପୃଷ୍ଠା ୭

# ବାତ୍ୟା କ୍ଷତିଗ୍ରସ୍ତ ଅଂଚଳକୁ ପଠାଗଲା ୨ ହଜାର ପ୍ୟାକେଟ୍ ଶୁଖିଲା ଖାଦ୍ୟ ଓ ୧୫୦ ସଫେଇ କର୍ମଚାରୀ

ଗଞ୍ଜାମ,୨୯/୫ (ନି.ପ୍ର): ସାମୁଦ୍ରିକ ଝଡ଼ ୟସ୍ ବାତ୍ୟାରେ କ୍ଷତିଗ୍ରସ୍ତ ରାଜ୍ୟର ଉତର ଓଡ଼ିଶା ଉପକୂଳ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ପରାଦ୍ୱୀପ ଭଳି ବିଭିନ୍ନ ସ୍ଥାନରେ ତାଣ୍ଡବ ରଚିଥିବା ବେଳେ ବିଶେଷ କରି ବାଲେଶ୍ୱରରେ ଏହା ପ୍ରଭାବ ଅଧିକ ରହିଥିଲା । ୟସ୍ ବାତ୍ୟା ପ୍ରଭାବରେ ବାଲେଶ୍ୱର ଜିଲ୍ଲା ଅଧିକ କ୍ଷତିଗ୍ରସ୍ତ ହେବା ସହ ସମ୍ପୃକ୍ତ ଅଂଚଳରେ ଦେଖା ଦେଇଥିବା ଖାଦ୍ୟାଭାବ ଓ ପାନୀୟ ଜଳ ଯୋଗାଣ ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ରିଲିଫ୍ ପାଇଁ ସହାୟତା କରିବାକୁ ଅନୁରୋଧ କରାଯାଇଥିଲା । ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାତ୍ୟାଚଂଳ ବାଲେଶ୍ୱର ଜିଲ୍ଲାକୁ ୨୦୦୦ ଶୁଖିଲା ଖାଦ୍ୟ ପ୍ୟାକେଟ୍ ସହ ଗୋଟିଏ ରିଲିଫ୍ ଗାଡି ପଠାଯାଇଛି । ଗୋଟିଏ ପ୍ୟାକେଟ୍ ରେ ଚୁଡ଼ା ଦେଢ଼ କେଜି, ଗୁଡ଼ ୫୦୦ ଗ୍ରାମ୍, ବିସ୍କୁଟ୍, ଦିଆସିଲି ଆଦି ସାମଗ୍ରୀ ରହିଛି । ଏହା ବ୍ୟତୀତ ବ୍ରହ୍ମପୁର ନୋବେଲ କକ୍ ଅନୁଷ୍ଠାନ ପକ୍ଷରୁ ମଧ ୩୫୦୦ କେଜି ଚୁଡ଼ା, ୪୦୦ କେଜି ଗୁଡ଼ ସାଙ୍ଗକୁ ୧୦୦୦ ପାଣି ବୋତଲ ଏହି ଟ୍ରକ୍ ଯୋଗେ ପଠାଯାଇଥିବା ବିଏମସି ସୂତ୍ରରୁ ଜଣାପଡିଛି । ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ରିଲିଫ୍ କାର୍ଯ୍ୟର ତଦାରଖ କରାଯାଇଥିବା ବେଳେ ଅନ୍ୟାନ୍ୟ ପଦାଧିକାରୀ ମାନେ ଏଥିରେ ସହଯୋଗ କରିଥିଲେ । ଏହାଛଡା ବାତ୍ୟା କ୍ଷତିଗ୍ରସ୍ତ ଅଂଚଳରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମହାନଗର ନିଗମ ପକ୍ଷରୁ ୧୫୦ ଜଣିଆ ସଫେଇ କର୍ମଚାରୀଙ୍କ ସହିତ ସଫେଇ ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ସାଙ୍ଗକୁ ଦୁଇଟି ଟ୍ରକ୍ ଓ ଦୁଇଟି ପାଣି ଟ୍ୟାଙ୍କର ପ୍ରାଥମିକ ପର୍ଯ୍ୟାୟରେ ବାତ୍ୟା ଅଂଚଳକୁ ଆଜି ପଠାଯାଇଛି ।

# ମୋଟୁଠାରେ ପ୍ରବାସୀଙ୍କୁ ବିଜେଡି ତରଫରୁ ଶୁଖିଲା ଖାଦ୍ୟ ବଂଟନ

ମାଲକାନଗିରି,୨୯/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆଜି ମୋଟୁ ସୀମାନ୍ତ ଚେକ ପଏଂଟ ଠାରେ ପ୍ରବାସୀ ଶ୍ରମିକଙ୍କୁ ସୁଖା ଖାଦ୍ୟ ବଂଟନ କରାଯାଇଥିଲା । ସାରା ଦେଶରେ କରୋନା ମହାମାରୀ ନିଜର କାୟା ବିସ୍ତାର କରିଥିବା ବେଳେ ବର୍ତ୍ତମାନ ଚାରିଆଡେ ଲକ ଡାଉନ ଓ ସଟ ଡାଉନ ନିୟମ ଜାରି କରାଯାଇଛି । ଏଭଳି ସ୍ଥିତିରେ ବହୁ ଲୋକେ ଯେଉଁ ମାନେ ନିଜ ଘର ଛାଡ଼ି ବାହାର ରାଜ୍ୟରେ ପେଟ ପାଟଣା ପାଇଁ କାମ କରିବାକୁ ଯାଇଥିଲେ ସେମାନେ ଲକ ଡାଉନ ଯୋଗୁଁ କାମ ନଥିବାରୁ ନିଜ ଅଂଚଳ କୁ ଫେରୁଛନ୍ତି । ବିଶେଷ କରି ମାଲକାନଗିରି ଜିଲ୍ଲାର ମୋଟୁ ସୀମାନ୍ତ ଦେଇ ନୀତିଦିନ ସହ ସହ ପ୍ରବାସୀ ନିଜ ଘର ମୁହାଁ ହୋଇଛନ୍ତି । ଏହି ପ୍ରବାସୀ ମାନେ କଷ୍ଟ ଦାୟକ ଯାତ୍ରା କରି ନିଜ ଘରକୁ ଫେରୁଥିବା ବେଳେ ଆଜି ମୋଟୁ ସୀମାନ୍ତରେ ମାଲକାନଗିରି ବିଜୁ ଯୁବ ଜନତା ଦଳ ପକ୍ଷରୁ ପ୍ରବାସୀ ଙ୍କୁ ସୁଖା ଖାଦ୍ୟ ଓ ପାନୀୟ ଜଳ ବଂଟନ କରାଯାଇଛି । ବିଜୁ ଯୁବ ଜନତା ଦଳର ସଭାପତି ଆଡ଼ମା ରାବା ଙ୍କ ନେତୃତ୍ୱରେ ମାଲକାନଗିରି ବିଜୁ ଛାତ୍ର ଜନତା ଦଳର ସଭାପତି ତାପସ ରଞ୍ଜନ ନାଏକ, ରାଜୀବ ଲୋଚନ ସୀସା, କଂଟେଶ୍ୱର ପଟଲା, ଏ ରାଜୁ ରାଓ, ସୁନୀଲ ସାହୁ, ଆସିସ ବାଇନ, ମନୋଜ ପଟ୍ଟନାୟକ, ଚିରଞ୍ଜୀବ୍ ଲା ପ୍ରମୁଖ ମୋଟୁ ସୀମାନ୍ତ ରେ ପହଁଚି ପ୍ରବାସୀ ଙ୍କୁ ଖାଦ୍ୟ ପଦାର୍ଥ ସହ ମାସ୍କ, ସାନିଟାଇଜର ବଂଟନ ଏବଂ କରି ସେମାନଙ୍କର ସମସ୍ୟା ବିଷୟରେ ପଚାରି ବୁଝିଥିଲେ।

# ବିଡିଓଙ୍କୁ ସମ୍ବର୍ଦ୍ଧନା ଦେଲେ ସରପଂଚ

କେନ୍ଦ୍ରାପଡ଼ା,୨୯/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ସରପଂଚ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ବାତ୍ୟା ୟାସ୍ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରି ବାତ୍ୟା ଆସିବା ପୂର୍ବରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶୂନ୍ୟ ମୃତାହତ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ । ବ୍ଲକ କର୍ମଚାରୀମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଡିଓ ଅଶ୍ୱିନୀ କୁମାର ଦାସ ବିଭିନ୍ନ ପଂଚାୟତକୁ ଜରୁରୀକାଳୀନ ସାମଗ୍ରୀ ପଠାଇବା, ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ସରପଂଚମାନଙ୍କ ସହ ବିଚାର ବିମର୍ଷ କରି ଆବଶ୍ୟକୀୟ ସାମଗ୍ରୀ ଯୋଗାଇବା ତଥା କଣ୍ଟ୍ରୋଲ ରୁମ୍ରେ ନିଜେ ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟାକୁ ପରିଚାଳନା କରିଥିଲେ । ସେଥିପାଇଁ ସରପଂଚ ସଂଘ ପକ୍ଷରୁ ରାଜ୍ୟ ସଭାପତି କଂସାର ସରପଂଚ ପ୍ରଦ୍ୟୁମ୍ନ କୁମାର ଜେନା, ପିତବାସ ବେହେରା, ସରଂଚଙ୍କ ପ୍ରତିନିଧି ନରୋତମ ମଲିକ, ଶରଣ ମଲିକ, ସନାତନ ବାରିକଙ୍କ ସହିତ ଚକ୍ରୋଡା ସରପଂଚ ବସନ୍ତ କୁମାର ରାଉତ, ଆୟବା ସରପଂଚ ଗଗନ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କୋଭିଡ ନିୟମ ଉଲ୍ଲଙ୍ଘନ କରି ବାହାଘର: ୨୦ ହଜାର ଟଙ୍କା ଜୋରିମାନା

କନ୍ଧମାଳ,୨୯/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଠାରେ କୋଭିଡ ନିୟମ ଉଲ୍ଲଂଘନ କରି ବାହାଘର ଭୋଜି ଆୟୋଜନ ହେଉଥିବା ବେଳେ ଦାରିଙ୍ଗବାଡି ତହସିଲଦାର କଳାକୃଷ୍ଣ ପ୍ରଧାନ ଓ ଥାନା ଅଧିକାରୀ କୌଶିକ ମାଝୀ ମିଳିତ ଭାବରେ ସେଠାରେ ଚଢ଼ଉ କରି ଭୋଜିର ଆୟୋଜକ କିରଣ ପ୍ରଧାନଙ୍କ ଠାରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ସୂଚନା ଅନୁସାରେ, ଦାରିଙ୍ଗବାଡି ଗ୍ରାମପଂଚାୟତ ଅନ୍ତର୍ଗତ ଗଦାବାଡି ଗ୍ରାମର କିରଣ ପ୍ରଧାନ ବାହା ହେଉଥିବାବେଳେ ଏକ ବଡ ଭୋଜିର ଆୟୋଜନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ଲୋକ ଯୋଗ ଦେଇଥିବା ବେଳେ ସେଠାରେ ସାମାଜିକ ଦୂରତା କିମ୍ବା ଲୋକଙ୍କ ମୁହଁରେ ମାସ୍କ ନଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ ନିୟମକୁ ଉଲ୍ଲଂଘନ କରି ବାହାଘର ଚାଲିଥିଲା । କୌଣସି ସୂତ୍ରରୁ ଖବର ପାଇ ଦାରିଙ୍ଗବାଡି ପୋଲିସ କର୍ମଚାରୀ ଓ ରାଜସ୍ୱ ବିଭାଗର କର୍ମଚାରୀ ଘଟଣାରେ ପହଂଚି ଆୟୋଜକ କିରଣ ପ୍ରଧାନଙ୍କ ଠାରୁ ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରିବା ସହିତ ଉକ୍ତ ଭୋଜି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ ତହସିଲଦାର ।

# ନଦୀରେ ଗାଧୋଇବା ହେଲା କାଳ: ନଦୀରେ ବୁଡି ଯୁବକ ମୃତ

ଧର୍ମଶାଳା,୨୯/୫ (ନି.ପ୍ର): ନଦୀରେ ଗାଧୋଇବା ହେଲା କାଳ । ନଦୀରେ ବୁଡି ଜଣେ ଯୁବକର ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରହ୍ମବରଦା ପଂଚାୟତସ୍ଥ ୧୩ ନଂ ୱାର୍ଡର ଅକ୍ଷୟ ସେଠୀଙ୍କ ପୁଅ ଚିତରଂଜନ(୨୨) ବୋଲି ଜଣାପଡିଛି । ମିଳିଥିବା ସୂଚନା ମୁତାବକ ଆଜି ମଧ୍ୟାହ୍ନରେ ଚିତ ରଂଜନ ଓ ତାର ମାଉସୀ ପୁଅଙ୍କ ସହ ବ୍ରାହ୍ମଣୀ ନଦୀକୁ ଗୋଧୋଇବାକୁ ବ୍ରହ୍ମବରଦା ନିକଟସ୍ଥ ହାଟ ଘାଟକୁ ଯାଇଥିଲେ । ସେଠାରେ ଗାଧୋଉଥିବା ସମୟରେ ଅସାବଧାନତା ହେତୁ ସେ ଗଭୀର ପାଣିରେ ବୁଡି ଯାଇଥିଲେ । ହେଲେ ମାଉସୀ ପୁଅ ଉଦ୍ଧାର କରିବା ଯାଇଥିଲେ ମଧ୍ୟ ଗଣ୍ଡରେ ତାଙ୍କୁ ଉଦ୍ଧାର କରି ପାରିନଥିଲେ । ତେବେ ସେ ଘରକୁ ଆସି ଏହି ଘଟଣା ସମ୍ପର୍କରେ ଚିତରଂଜନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଘର ଲୋକେ ଓ ପଡେଶୀ ଘଟଣାସ୍ଥଳରେ ପଂହଚିଥିଲେ । ହେଲେ କେହି ତାଙ୍କୁ ଉଦ୍ଧାର କରି ପାରିନଥିଲେ । ପରେ ଏକ ଜେସିବି ଦ୍ୱାରା ଏହି ଗଣ୍ଡରୁ ତାଙ୍କୁ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ପୋଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ଦେଇଥିଲା । ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ତାଙ୍କ ମୃତ ଦେହ ଘରେ ପଂହଚିଥିଲା । ତେବେ ଖବର ପାଇ ବରୀ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସ, ବ୍ରହ୍ମବରଦା ସରପଂଚ ବିଜୟ ଦାସଙ୍କ ସହ ରସୁଲପୁର ତହସିଲଦାରେ ଜ୍ୟୋତିକାନ୍ତ ଭୂଜବଳ ମୃତକଙ୍କ ପରିବାର ନିକଟରେ ପଂହଚିଥିଲେ ।

# କଂଟ୍ରୋଲ ଡିଲରମାନଙ୍କୁ ଆଇ ସ୍କାନର ଯୋଗାଣ

କେନ୍ଦ୍ରାପଡ଼ା,୨୯/୫ (ନି.ପ୍ର): କରୋନା ସମୟରେ ସାମାଜିକ ଦୂରତା ବଜାୟ ରଖିବା, ମାକ୍ସ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । କଣ୍ଟ୍ରୋଲ ଡିଲର ମାନେ ରାସନ ସାମଗ୍ରୀ ଦେବାବେଳେ ଇପିଏସ୍ ମେସିନ ମାଧ୍ୟମରେ ଗ୍ରାହକ ମାନଙ୍କ ଟିପଚିହ୍ନ ନେଇ ସାମଗ୍ରୀ ଦେଉଥିଲେ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ପକ୍ଷରୁ ପ୍ରତି ଡିଲରଙ୍କୁ ଇପିଏସ ମେସିନ ସହ ଆଇ ସ୍କାନର ଲଗାଇ ଆଖିର ଛାପନେଇ ରାସନ ସାମଗ୍ରୀ ଦେବାକୁ ବ୍ୟବସ୍ଥା କରାଯାଇଛି । ଏନେଇ ଗରଦପୁର ବ୍ଲକରେ ଶୁକ୍ରବାର କଣ୍ଟ୍ରୋଲ ଡିଲର ମାନଙ୍କୁ ଆଇ ସ୍କାନର ମେସିନ ଯୋଗାଇ ଦେଇଥିବା ଜଣାପଡିଛି ।

# କେନ୍ଦ୍ରାପଡ଼ାରେ ସଂକ୍ରମଣ ଉପରମୁହାଁ

କେନ୍ଦ୍ରାପଡ଼ା,୨୯/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ କରୋନା ସଂକ୍ରମଣର ଦ୍ୱିତୀୟ ପ୍ରବାହ ଧିରେ ଧିରେ କାୟା ବିସ୍ତାର କରି ବଢୁ ଥିବାରୁ ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆ ଯାଇଥିବା ରିପୋର୍ଟ ମୁତାବକ ଆଜି ଗୋଟିଏ ଦିନରେ ୪୮୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଆଳି ବ୍ଲକରେ -୩୦, ଡେରାବିଶ-୬୩, ଗରଦପୁର-୪୨, କେନ୍ଦ୍ରାପଡା ବ୍ଲକ-୮୦, ମହାକାଳପଡା-୬୭, ମାର୍ଶାଘାଇ-୭୭, ପଟ୍ଟାମୁଣ୍ଡାଇ-୬୯, ରାଜକନିକା -୨୦, ରାଜନଗର-୨୦ ଓ କେନ୍ଦ୍ରାପଡା ମୁନିସିପାଲିଟି ଅଂଚଳରେ ୧୦ଜଣ କରାଯାଇଛି । ମୋଟ୍ ଜିଲ୍ଲାରେ ୪୮୭ ଜଣ ଆଜି ଆକ୍ରାନ୍ତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ଏ ସମସ୍ତ ବ୍ୟକ୍ତିଙ୍କୁ ପ୍ରାଥମିକ ଅବସ୍ଥାରେ ନିଜ ନିଜ ଘରେ ସଂଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିବା ଜଣା ପଡିଛି ।

# ଧର୍ମଶାଳାରେ ଓଡିଶା ସରକାରଙ୍କ ସ୍ୱାର୍ଥରକ୍ଷା ପାଇଁ ଏତଲା ଦେଲେ ବି.ଜେ.ଡି ନେତା

ଧର୍ମଶାଳା,୨୮ମଇ (ହି.ସ.) - ସମସ୍ତ ପ୍ରକାର ହରିଲୁଟ ପାଇଁ ଚର୍ଚ୍ଚାରେ ରହିଛି ଯାଜପୁର ଜିଲ୍ଲାର ଧର୍ମଶାଳା। ଏଠାରେ କେତେକ ମାଫିଆ ନିୟମିତ ହରିଲୁଟ ଚଳାଇଥିବା ବେଳେ ଏହାକୁ ସୁରକ୍ଷା ଯୋଗାଇ ଆସିଛନ୍ତି କ୍ଷମତାସୀନ ନେତା ଏବଂ ସରକାରୀ କଳ। ଏଥିପାଇଁ ଦୁର୍ନିତି ବିରୋଧରେ ଜିରୋ ଟଲରାନ୍ସ ଏବଂ ଫାଇବ ଟିର ସ୍ଲୋଗାନ ଦେଉଥିବା ନବୀନ ସରକାର ବଦନାମ ହେଉଛନ୍ତି। ଓଡିଶା ସରକାରଙ୍କ ସମ୍ପଦ ହରିଲୁଟ ରାଜ୍ୟ ସରକାରଙ୍କ ବିରୋଧରେ ଏକ ଷଡଯନ୍ତ୍ର ବୋଲି ଅଭିଯୋଗ କରି ଧର୍ମଶାଳା ଥାନାରେ ଶୁକ୍ରବାର ବି.ଜେ.ଡି ନେତା ସତୀଶ ବିଶ୍ୱାଳ ଏତଲା ଦେବା ଘଟଣା ଏବେ ସାଧାରଣରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି। ଅଭିଯୋଗ ମୁତାବକ ଧର୍ମଶାଳା ଥାନା ଅଧୀନ ନାକପୋଲ-ସାରୋଇ ପୂର୍ତ ବିଭାଗ ରାସ୍ତାରେ ସାରୋଇ ଏବଂ ଧର୍ମଶାଳା ସିନେମା ହଲ ନିକଟରେ ନାଳବନ୍ଧ ରାସ୍ତାରେ ଥିବା ଦୁଇଟି ଲୁହା ପିଲାର ଗେଟକୁ ଦୁବୃତମାନେ ପ୍ରାୟ ଦୁଇ ମାସ ହେବ ଭାଙ୍ଗି ଦେଇଛନ୍ତି। ବିଭିନ୍ନ କାରଣରୁ ସରକାରଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ଗେଟ ସରକାରଙ୍କ ତରଫରୁ କରାଯାଇ ଥିଲା। ସରକାରଙ୍କ କୋଟି କୋଟି ଟଙ୍କାର କଳାପଥର ଏବଂ ବାଲି ଚୋରା ଚାଲାଣ ପାଇଁ ଏହି ଗେଟକୁ ଭାଙ୍ଗି ଦିଆ ଯାଇଛି। ଏହା ଫଳରେ ସରକାର ଦୈନିକ ବହୁ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି। ରାସ୍ତାରେ ଭାରିଯାନ ଚଳପ୍ରଚଳ ହେବା ଫଳରେ ନିମ୍ନ ମାନର ନବନିର୍ମିତ ରାସ୍ତା ଅଧିକ ଖରାପ ହେଉଛି। ଏଥିନେଇ ସରକାରଙ୍କ ବିରୋଧରେ ଜନଅସନ୍ତୋଷ ବଢୁଥିବା ବେଳେ କେତେକ ବୁଦ୍ଧିଜୀବି ଏଥିନେଇ ସ୍ୱର ଉଠାଇଛନ୍ତି ଏବଂ ସରକାରଙ୍କୁ ଟୁଇଟ ମଧ୍ୟ କରିଛନ୍ତି। ଓ.ଏମ.ଏମ.ସି ରୁଲ କ୍ଷେତ୍ରରେ ଏବଂ ସର୍ବସାଧାରଣ ସମ୍ପତି ନଷ୍ଟ ନେଇ ପୋଲିସ ନିଜ ଆଡୁ ଏତଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣର କ୍ଷମତା ରହିଛି। ହେଲେ ତାହା ହୋଇନାହିଁ। ଏହି ରାସ୍ତାରେ ଟ୍ରକରୁ ବାଲି ଓ କଳାପଥର ପଡି ଗଦା ହୋଇ ରହୁଥିବାରୁ ଲୋକେ ରାସ୍ତାରେ ଯାତାୟତ କରିପାରୁ ନାହାନ୍ତି। ପୂର୍ତବିଭାଗର ସ୍ଥାନୀୟ ଜେଇ, ଏସଡିଓ, ନିର୍ବାହୀଯନ୍ତ୍ରୀଙ୍କ ତରଫରୁ ଏଥି ନେଇ ଏତଲା ଦିଆଯାଇ ନାହିଁ କିମ୍ବା ଧର୍ମଶାଳା ତହସିଲ ତରଫରୁ ଏଭଳି ଲଘୁ ଖଣିଜ ଦ୍ରବ୍ୟ ହରିଲୁଟ ନେଇ ଥାନାରେ ଏତଲା ଦିଆଯାଉ ନାହିଁ ବୋଲି ଗଣମାଧ୍ୟମରେ ପୂର୍ବରୁ ଖବର ପ୍ରକାଶ ପାଇଛି। ଏଭଳି କାର୍ଯ୍ୟ ରାଜ୍ୟ ସରକାରଙ୍କ ସ୍ୱାର୍ଥ ବିରୋଧୀ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର। କାରଣ ଏଥିପାଇଁ ଗୋଟିଏ ପଟରେ ରାଜ୍ୟର ସମ୍ପତି ତଥା ରାସ୍ତା ନଷ୍ଟ ହେଉଥିବା ବେଳେ ଅପର ପକ୍ଷରେ ଚୋରା ଚାଲାଣ ପାଇଁ ସରକାର ବହୁ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ସେହିପରି ଲଘୁ କଣିଜ ଦ୍ରବ୍ୟ ଚୋରୀକୁ ମଧ୍ୟ ସରକାରୀ କଳ ତରଫରୁ ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ସଂପୃକ୍ତ ପୂର୍ତ ବିଭାଗ ଅଧିକାରୀ ଏବଂ ତହସିଲ କର୍ତ୍ତୁପକ୍ଷଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୩୭୯/୫୧୧, ୧୦୯ ଏବଂ ୧୨୦ (ବି) ଧାରାରେ ଏତଲା ରୁଜୁ କରାଯାଉ। କାରଣ ଏମାନେ ଏଥିନେଇ ଅଦ୍ୟାବଧି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନାହାନ୍ତି କିମ୍ବା ଥାନାରେ ଏତଲା ଦେଇ ନାହାନ୍ତି। ଏଥିସହ ସଂପୃକ୍ତ ଦୁର୍ବୃତ ଏବଂ ଗେଟ ଭାଙ୍ଗିବାରେ ମୂଳ ଚକ୍ରାନ୍ତକାରୀଙ୍କ ବିରୋଧରେ ତୁରନ୍ତ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏତଲା ପ୍ରଦାନ ପରେ ସତୀଶ ଗଣମାଧ୍ୟମକୁ କହିଛନ୍ତି , ଯେ କେହି ହେଉ ନା କାହିଁକି ନବୀନ ସରକାର କୌଣସି କ୍ଷେତ୍ରରେ ଦୁର୍ନିତିକୁ ବରଦାସ୍ତ କରେନାହିଁ। ସରକାର ସାଧାରଣ ଜନତାଙ୍କ ସ୍ୱାର୍ଥ ଏବଂ ସରକାରୀ ସମ୍ପତିର ସୁରକ୍ଷାକୁ ହିଁ ଗୁରୁତ୍ୱ ଦେଇ ଆସିଛି। ତେଣୁ ଏ କ୍ଷେତ୍ରରେ ନିଶ୍ଚୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବନ୍ୟାଜଳରେ ଭାସିଗଲା ବାଉଁଶ ପୋଲ

କେନ୍ଦ୍ରାପଡ଼ା,୨୯/୫ (ନି.ପ୍ର): ଆଳି ବ୍ଲକ ଅଧିନ ପଦନୀପାଳ ପଂଚାୟତର ଦୈତାରୀପୁର ଗ୍ରାମବାସୀଙ୍କ ଦ୍ୱାରା ତିଆରି କରାଯାଇଥିବା ଅସ୍ଥାୟୀ ବାଉଁଶ ପୋଲ ବନ୍ୟାଜଳରେ ଭାସିଯାଇଛି । ଖରସ୍ରୋତା ନଦୀରେ ପ୍ରବଳ ବନ୍ୟାଜଳ ପ୍ରବାହିତ ହେବା ଫଳରେ ଗ୍ରାମବାସୀ ମାନଙ୍କ ବ୍ୟବହାର ପାଇଁ ତିଆରି କରାଯାଇଥିବା ଏହି ବାଉଁଶ ପୋଲଟି ଭାସି ଯାଉଥିବାରୁ ଏହାକୁ ନିର୍ଭର କରି ରାଜକନିକା କୁ ଯାତାୟତ କରୁଥିବା ଗ୍ରାମବାସୀ ମାନେ ଗମନାଗମନ ଅଭାବରୁ ଚିନ୍ତାରେ ପଡିଛନ୍ତି । ରାଜକନିକା ବ୍ଲକର ନମତରା ପଂଚାୟତକୁ ସଂଯୋଗ କରୁଥିବା ଏହି ପୋଲ ଯୋଗୁଁ ଦୈନିକ ୨ ହଜାରରୁ ଉର୍ଦ୍ଧ୍ୱ ଯାତାୟତ କରୁଥିବା ଲୋକମାନେ ଖୁବ କମ୍ ସମୟରେ କନିକାରେ ପହଁଚି ପାରୁଥିଲେ । ୨ଟି ବ୍ଲକ ମଧ୍ୟରେ ପ୍ରବାହିତ ଖରସ୍ରୋତା ନଦୀରେ ଜଳପତନ ବୃଦ୍ଧିପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗ୍ରାମବାସୀ ଜନ ସାଧାରଣଙ୍କ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଇଛି । ବନ୍ୟା ପରିସ୍ଥିତି ଭୟଙ୍କର ରୂପ ଧାରଣ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ଭାସି ଯାଇଥିବା ପୋଲକୁ ପୁନଃ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ।

# ଚୋରି ମାମଲାରେ ୨ ଗିରଫ

ଜୟପୁର,୨୯/୫ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ମାମଲାରେ ୨ ଜଣକୁ ଗିରଫ କରିଛି । ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍ଗବଜାରସ୍ଥିତ ଅରୁଣ କୁମାର ଖଡଗରାୟଙ୍କ ସମ୍ପର୍କିୟଙ୍କ ଘରୁ ଗତ ୨୬।୫।୨୧ ରେ ଚୋରି ହୋଇଥିଲା । ତାଲା ଭାଙ୍ଗି ଚୋରି କରି ନେଇଥିଲେ । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏଥିରେ ୨ ଜଣ ଅଭିଯୁକ୍ତକୁ ପୋଲିସ ଗିରଫ କରଛି । ଗିରଫ ଅଭିଯୁକ୍ତ ହେଲେ ବାଙ୍କବଜାର ଅଜୟ କୁମାର ମିଶନ ଗ୍ରହାନ (୨୭) ହରେକୃଷ୍ଣ ଜାନି (୨୦) ।

## କାର୍ଯ୍ୟରତ ସାମ୍ବାଦିକଙ୍କୁ ପୋଲିସ ପ୍ରଶାସନର ଆକ୍ରମଣ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଜୟପୁର,୨୯/୫ (ନି.ପ୍ର): ସମାଜର ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ନିମନ୍ତେ ନିସ୍ୱାର୍ଥ ଭାବେ ଜଣେ ଜାଗ୍ରତ ପ୍ରହରୀ ଭାବେ ଗଣମାଧ୍ୟମ ପ୍ରତିନିଦ୍ ନିରବଛିନ୍ନ ନିଜ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ଆଗଧାଡ଼ିର ଯୋଦ୍ଧା ବୋଲି ପ୍ରଶଂସା ମଧ୍ୟ ଦିଆଯାଉଛି । କିନ୍ତୁ ଏହା ସତ୍ୱେ ଠିକ୍ ବିପରୀତ ଭାବେ ଉକ୍ତ କାର୍ଯ୍ୟରତ ସାମ୍ବାଦିକଙ୍କୁ ବେସରକାରୀ ହେଉ ବା ସରକାର ତରଫରୁ ମରଣାନ୍ତକ ଆକ୍ରମଣର ଶିକାର ମଧ୍ୟ ହେଉଛନ୍ତି । ଏହିପରି ଘଟଣା ବାରମ୍ବାର ହେଉଥିବା ବେଳେ ସାମ୍ବାଦିକଙ୍କ ସୁରକ୍ଷା ନେଇ ସରକାରଙ୍କ ପକ୍ଷରୁ ବର୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆନଯିବା ଅତି ଦୁଃଖଦାୟକ ଘଟଣା । ଗତ କିଛି ଦିନ ପୂର୍ବରୁ ପୁରୀଠାରେ କାର୍ଯ୍ୟରତ ଜିଲ୍ଲା ଗଣମାଧ୍ୟମ ପ୍ରତିନିଧି ଦତାତ୍ରେୟ ନାୟକଙ୍କୁ ପୋଲିସର ମରଣାନ୍ତକ ଆକ୍ରମଣ ଘଟଣାକୁ ସମସ୍ତ ସାମ୍ବାଦିକ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଏହି ପରିପ୍ରେକ୍ଷୀରେ ଉକ୍ତ ଘଟଣାକୁ ଜୟପୁର କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ମଧ୍ୟ ଘୋର ବିରୋଧ କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜଣାଇଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ସତ୍ୟ ପଟ୍ଟନାୟକ, ଟି. ଗୌରୀ ଶଙ୍କର, ରବି ନାୟକ, ଚିତ ଚୌଧୁରୀ, ସନ୍ଦୀପ କୁମାର ଦଳେଇ, ଯୋଗେନ୍ଦ୍ର ସିଂ, ପବନ ପାଣିଗ୍ରାହୀ ଉପସ୍ଥିତ ଥିଲେ ।

# କନ୍ଧମାଳର ଗ୍ରାମାଂଚଳରେ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳିତ

କନ୍ଧମାଳ,୨୯/୫ (ନି.ପ୍ର): ସାରା ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ପାଳନ କରୁଥିବା ବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କନ୍ଧମାଳରେ ମଧ ଏହି ଦିବସ ସମସ୍ତ କରୋନା ନିୟମକୁ ପାଳନ କରି ସଚେତନତା କାର୍ଯ୍ୟକ୍ରମ ଗୁଡିକ ଅନୁଷ୍ଠିତ ହୋଇଯାଇଛି । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ କୋଲକାତାଙ୍କ ମିଳିତ ସହଯୋଗରେ ଫିରିଙ୍ଗିଆ ବ୍ଲକର ଅପହଂଚ କୁହାଯାଉଥିବା ବାଲନ୍ଦାପଡା, ପାହିରାଜୁ, କୁଏରମାଣ୍ଡୁ, ଲୁଇସିଂ ଓ ପକାରୀ ଗ୍ରାମ ପଂଚାୟତର ବିଭିନ୍ନ ଅଂଚଳରେ ଏହି ଦିବସକୁ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଗ୍ରାମାଂଚଳର କିଶୋରୀ ବାଳିକା ଓ ଯୁବତୀ ମାନେ ଯୋଗଦେଇ ଋତୁସ୍ରାବ ଜନିତ ପରିଚ୍ଛନ୍ନତାର ସଠିକ୍ ପରିଚାଳନା ପାଇଁ ଯୌନ ପ୍ରଜନନ ଶିକ୍ଷାର ଆବଶ୍ୟକତାକୁ ଜାଣିବା ଉଚିତ୍ । ସାଧାରଣତଃ ମହିଳାମାନେ ଅଧିକା ଯୌନ ସଂକ୍ରମଣ ରୋଗରେ ପୀଡିତ ହେଉଥିବାରୁ ଋତୁସ୍ରାବ ଜନିତ ଅପରିଚ୍ଛନ୍ନତା ହେଉଛି ଯୌନ ସଂକ୍ରମଣର ଏକ ବଡ ମାଧ୍ୟମ ବୋଲି ଆଲୋଚନାରୁ ଜଣାଯାଇଥିଲା । ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ହେଲେ ମହିଳାମାନେ ବ୍ୟବହାର କରୁଥିବା ନାପ୍‌କିନ୍ ର ସଠିକ ପରିଚାଳନା ଯଥା- ସମୟାନୁସାରେ ବ୍ୟବହାର କରିବା ଓ ସଫାସୁତୁରା କରିବା ନିମନ୍ତେ ଉପସ୍ଥିତ ସମସ୍ତ ମହିଳାଙ୍କୁ ବଝାଯାଇଥିଲା । ସାଧାରଣରେ ଥିବା ଋତୁସ୍ରାବ ଜନିତ ଅନ୍ଧବିଶ୍ୱାସକୁ ଦୂରକରି ଆବଶ୍ୟକ ଅନୁସାରେ ପୁଷ୍ଟିକର ଖାଦ୍ୟ ଖାଇବା ନିୟମିତ ଅଙ୍ଗନଓ୍ୱାଡି ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱାତୀ ଅନୁଷ୍ଠାନର ବାଲନ୍ଦାପଡା ଠାରେ ଅବସ୍ଥାପିତ ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ । ସେହିଭଳି ଲକ୍ଷ୍ୟ ଭେଦି ପ୍ରକଳ୍ପ ମାଧ୍ୟମରେ କେଳାପଡା ଠାରେ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ସହାୟତାରେ ମଧ ଏହି ଦିବସଟି ପାଳିତ ହୋଇଯାଇଛି ।

# ଟି.ପି ଦକ୍ଷିଣାଂଚଳ ଓଡିଶା ବିତରଣ ଲିଃର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ : ବିକ୍ଷୋଭ

ଜୟପୁର,୨୯/୫ (ନି.ପ୍ର): ଓଡିଶା ବିଦ୍ୟୁତ କର୍ମଚାରି ମହାସଂଘ ତରଫରୁ ଟି.ପି ଦକ୍ଷିଣାଂଚଳ ଓଡିଶା ବିତରଣ ଲିଃର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଛି । ଏନେଇ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଗୁରୁବାର ଜୟପୁର ସର୍କଲ ଅଧିନସ୍ଥ କୋରାପୁଟ ଡିଭିଜନ ଅଧିନରେ ନନ୍ଦପୁର ସେକ୍ସନରେ କାର୍ଯ୍ୟରତ ଠିକା କର୍ମଚାରୀ ଭାବେ ଅବସ୍ଥାପିତ ଉମା ଶଙ୍କର ନାୟକ ବିଦ୍ୟୁତ ମରାମତି କାର୍ଯ୍ୟ କରୁଥିବା ସମୟରେ ୩୩/୧୧ କେଭି ସବେଷ୍ଟସନରୁ ବିଦ୍ୟୁତ ଲାଗି ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ଏହା ସମ୍ପୂର୍ଣ୍ଣ ଭାବେ ଅଧିକାରୀଙ୍କ ଭୁଲ ପରିଚାଳନା ଯୋଗୁଁ ଏବଂ ସବ ଷ୍ଟେସନରେ ଉକଯୁକ୍ତ ତାଲିମ ପ୍ରାପ୍ତ କର୍ମଚାରିଙ୍କୁ ନିଯୁକ୍ତି ନ ଦେଇଥିବା ହେତୁ ଏପରି ବାରମ୍ବାର ଦୁର୍ଘଟଣା ଘଟୁଛି । ଏହି ବାବଦରେ ଉପରିସ୍ଥ ଅଧିକାରି ବାରମ୍ବାର ଅବଗତ ଥିଲେ ମଧ୍ୟ ଏହାର ଉପଯୁକ୍ତ ପ୍ରତିକାର କରାଯାଉ ନାହିଁ । ଏହାକୁ ଓଡିଶା ବିଦ୍ୟୁତ ମର୍ମଚାରୀ ମହାସଂଘ ଦୃଢ ନିନ୍ଦା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି । ତୁରନ୍ତ ମୃତ କର୍ମଚାରିଙ୍କ ପରିବାରକୁ ଚାକିରି ଦେବା ସହ କ୍ଷତି ପୁରଣ ଦେବା ଦାବୀରେ ଘେରାଉ ବିକ୍ଷୋଭ ଜୟପୁର ସର୍କଲ ସମ୍ମୁଖରେ କରାଯାଇଥିଲା । ଉକ୍ତ ବିକ୍ଷୋଭରେ ସର୍କଲ ସମ୍ପାଦକ କେ ଗୌରି ଶଙ୍କର, ଦକ୍ଷିଣାଂଚଳ ସମ୍ପାଦକ ପି ବାଲାଜି, ଇଞ୍ଜିନିୟର ଉଇଙ୍ଗ ଦିବାକର ସାହୁ, ସୁଶିଲ କୁମାର ନାୟକ, ସର୍ବେଶ୍ୱର ଶତପଥି, ଡିଭିଜନ ସମ୍ପାଦକ କୋରାପୁଟ ବିଶ୍ୱଜିତ ପତି ଓ ଜୟପୁର ସମ୍ପାଦକ ପରେଶ ସ୍ୱାଇଁ, ସୁସୁଲ ପଣ୍ଡା ଏ.ଆକବର ସହ ମହାସଂଘର ଶତାଧିକ କର୍ମଚାରି ଉପସ୍ଥିତ ରହି ବିକ୍ଷୋଭ କରିଥିଲେ । ଅଧିକ୍ଷଣ ଯନ୍ତ୍ରୀ ଦାବୀ ପତ୍ର ଦେବା ସହ ତାର ସମାଧାନ କରିବାକୁ ଦାବି କରିଥିଲେ । ଯେ ପର୍ଯ୍ୟନ୍ତ ଦାବୀ ପୁରଣ ନହୋଇଛି ଆନ୍ଦୋଳନ ଜାରି ରହିବ ଏଥି ପାଇଁ ଉଚ୍ଚ ପଦାଧିକାରି ଦାୟୀ ରହିବେ ।

# ଗଞ୍ଜାମ ଜିଲ୍ଲାରୁ ବାଲେଶ୍ୱର ପଠାଗଲା ୧୦ଟି ରିଲିଫ୍ ସାମଗ୍ରୀ ବୋଝେଇ ଗାଡ଼ି

ଗଞ୍ଜାମ,୨୯/୫ (ନି.ପ୍ର): ବାତ୍ୟା ପ୍ରଭାବିତ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍ ସାମଗ୍ରୀ ପଠାଯିବା ଲାଗି ନିଷ୍ପତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ଟି ରିଲିଫ୍ ସାମଗ୍ରୀ ବୋଝେଇ ଗାଡ଼ି ବାଲେଶ୍ୱର ପଠାଯାଇଛି । ଚାଉଳ ଓ ଡ଼ାଲି ସମେତ ଶୁଖିଲା ଖାଦ୍ୟ ସାମଗ୍ରୀ ଏ ସମସ୍ତ ଗାଡ଼ିରେ ପଠାଯାଇଛି । ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରେୟ ଭାଉସାହେବ, ବିଏମସି କମିଶନର ଡଃ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲ୍ଲାପାଳ ଭି. କୀର୍ତିଭାସନ, ଛତ୍ରପୁର ଉପଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଓ ଡ଼ିଆରଡିଏ ଏପିଡ଼ି ଜ୍ୟୋତିଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୩୦ ମଇ, ୨୦୨୧

email : rabibarachayan2015@gmail.com


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୨୯**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପ୍ରାଇସ୍ ମୋତେ କହିଲେ "Bharat ! Let us forgive and forget (ଆସ ସବୁ ଭୁଲିଯିବା ଓ ପରସ୍ପରକୁ କ୍ଷମାକରିବା) ।" କେତେ ଭାବ ମୋ ମନରେ ଖେଳିଗଲା । ପ୍ରାଇସ୍ ସାହେବଙ୍କ ପୂର୍ବ ବ୍ୟବହାର ଯୋଗୁଁ ତାଙ୍କ ପ୍ରତି ଯେଉଁ ପରିମାଣରେ ଘୃଣା ଜାତ ହୋଇଥିଲା, ତାଙ୍କୁ ପ୍ରହାର ଦ୍ୱାରା ରକ୍ତାକ୍ତ କରିଦେବା ପରେ ସେହି ପରିମାଣରେ ଅନୁତାପ ମଧ ଜାଗ୍ରତ ହେବାକୁ ଲାଗିଲା । ମୁଁ ମଧ ତାଙ୍କୁ ମାରିଥିବା କାରଣରେ ଅନୁତାପ ଓ କ୍ଷମାଭିକ୍ଷା ଜ୍ଞାପନ କଲି । ଏ ସମସ୍ତ ଘଟଣା ସନ୍ଧ୍ୟା ଛଅଟାରୁ ରାତ୍ର ପ୍ରାୟ ନଅଟା ପର୍ଯ୍ୟନ୍ତ ଘଟିଥିଲା ।

ବସାକୁ ଫେରି ସହଧର୍ମିଣୀ ଓ ପିତାଙ୍କୁ ସବୁକଥା ଜଣାଇଲି, ଚାକରମାନେ ମଧ ସବୁ ଶୁଣିଲେ । ପିତା ମୋତେ ସାହେବଙ୍କୁ ମାରିଥିବାରୁ ତିରସ୍କାର କଲେ । ତାଙ୍କ ଭୟ, ସାହେବ ପ୍ରତିଶୋଧ ନେବେ । ତତ୍ ସକାଶେ ମୁଁ ଭୀତ ନୁହେଁ ବୋଲି ତାଙ୍କୁ ଅଭୟ ଦେଲି । ଅଳ୍ପ ଆହାର କରି ଶଯ୍ୟାଶ୍ରୟ କଲି । ନିଦ ହେଲା ନାହିଁ । କେତେ କଥା ଭାବିଗଲି । କି ଦୃଷ୍ଟିକୋଣ ! ଆଉ ଆମ୍ଭମାନଙ୍କ ପ୍ରତି କି ଦୁର୍ବବହାର ! ଏମାନେ ଭାରତବାସୀଙ୍କୁ କି ହୀନ ଚକ୍ଷୁରେ ଦେଖୁଛନ୍ତି ! ଆଉ ଭାରତବାସୀମାନେ ଗୋରାଙ୍କ ଦୁର୍ବ୍ୟବହାର ସୁଦ୍ଧା ସହ୍ୟକରି ସେମାନଙ୍କ ଔଦ୍ଧତ୍ୟ ଓ ଉଚ୍ଛୃଙ୍ଖଳାର ପ୍ରଶୟ ଦେଉଅଛନ୍ତି । ଭାରତବାସୀ ନିଜ ଶାରୀରିକ ଓ ମାନସିକ ଦୁର୍ବଳତା ପ୍ରକାଶ ନକରି ଯଦି ଗୋରାଙ୍କୁ ଉପଯୁକ୍ତ ଶିକ୍ଷା ଦିଅନ୍ତେ ତା' ହେଲେ ସେମାନଙ୍କ ମଧରେ ଚେତନା ଜାଗ୍ରତ କରି ନିଜ ସମ୍ମାନ ବୃଦ୍ଧିକରନ୍ତେ ।

ପରଦିନ ସକାଳେ ସମସ୍ତ ଘଟଣା ଟାଉନ୍‌ରେ ରାଷ୍ଟ୍ର ହୋଇଗଲା । ଟାଉନ୍‌ର କେହି କେହି ମୋ କାର୍ଯ୍ୟର ପ୍ରଶଂସା କଲେ । କେହି କେହି ଭୀତିବ୍ୟଞ୍ଜକ ଭାବ ପ୍ରକାଶ କଲେ । ମୁଁ ଏ ବିଷୟରେ ଯେତେ ଭାବିଲି ଓ ଅନ୍ୟମାନଙ୍କ ସହିତ ଅନ୍ୟମାନଙ୍କ ସହିତ ଆଲୋଚନା କଲି, ମୋ କାର୍ଯ୍ୟର ପୋଷକତା ଓ ସମର୍ଥନ ବିଷୟକ ଉତ୍ସାହ ଓ ଉତ୍ତେଜନା ଅନୁଭବ କଲି । ଅନୁତାପ କ୍ରମେ କ୍ରମେ ତିରୋହିତ ହେବାକୁ ଲାଗିଲା ଓ ଗୋରାଙ୍କ ପ୍ରତି ଘୃଣା ଦ୍ୱିଗୁଣିତ ହେବାକୁ ଲାଗିଲା । ଇତିପୂର୍ବେ ଗୋରା-କଳା ସଂଘର୍ଷ ବିଷୟ ସମ୍ବାଦପତ୍ରରେ ପାଠ କରିଥିଲି । ଥରେ କଲିକତା ହାଇକୋର୍ଟର ଜଜ୍ ପାଟଣାର ହସନ୍ ଇମାମ୍ ସାହେବ ରେଳରେ ଦାର୍ଜିଲିଂକୁ ଯାଉଥିବା ସମୟରେ ତାଙ୍କ ରକ୍ଷିତ ପ୍ରଥମଶ୍ରେଣୀର ଡବାକୁ ଜଣେ ଗୋରା ସାହେବ ପ୍ରବେଶ କରିବା, ତାଙ୍କ ପ୍ରତିବାଦ ସତ୍ତ୍ୱେ ତାହା ତ୍ୟାଗ କରି ଯିବାକୁ ଅନିଚ୍ଛା ପ୍ରକାଶ କରିବା, ଗାର୍ଡ ତାଙ୍କ ଅଭିଯୋଗ ନଶୁଣିବା ଓ ପରିଶେଷରେ ସେ ଇଞ୍ଜିନ ସମ୍ମୁଖକୁ ଯାଇ ଛିଡ଼ାହୋଇ ରହିବା ସମୟରେ ସେହି ଗାଡ଼ିର ଯାତ୍ରୀ କଲିକତା ହାଇକୋର୍ଟର ଅପର ବିଚାରପତି ଜଷ୍ଟିସ୍ ଫ୍ଲେଚର (Justice Fletcher) ସାହେବ ମଧ୍ୟସ୍ଥତା କରି ଅପ୍ରୀତିକର ଘଟଣା ନିବାରଣ କରିଥିବା, ସେହି ସାହେବଙ୍କୁ ଇମାମ୍ ସାହେବଙ୍କ ଡବାରୁ ବହିଷ୍କାର କରିଦେବା ଜାଣିଥିଲି । ପୁଣି ଆଉ ଥରେ ସେହି ବିଚାରପତି ହସନ୍ ଇମାମ୍ ସାହେବ ଆସାନ୍‌ସୋଲ୍ ଷ୍ଟେସନରେ ଗୋଟିଏ ପ୍ରଥମ ଶ୍ରେଣୀ ଡବାରେ ଶୋଇଥିବା ସମୟରେ ବିହାର ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ସେକ୍ରେଟାରୀ ଇଂଜିନିୟର୍ କ୍ଲେଟନ୍ (Clayton) ସାହେବ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ । ଏହା ଫଳରେ ତାଙ୍କୁ ଚାକିରି ଛାଡ଼ି ଭାରତବର୍ଷରୁ ଚାଲିଯିବାକୁ ହୋଇଥିଲା । ଜଣେ ଗୋରା ରେଳଗାଡ଼ିରେ ଜଣେ ସହଯାତ୍ରୀ ଭାରତୀୟ ରାଜାଙ୍କୁ ତାଙ୍କ ଗୋଡ଼ ଘଷିବାପାଇଁ ବାଧ କରିଥିଲେ, ଆଉ ରାଜା ସେହି ଗାଡ଼ିରେ ତାକୁ ମାରି ପାରିନଥିଲେ, ନିଜେ ନ ମରି ତାହାର ଗୋଡ଼ ଘସିଥିଲେ । ଗୋରାଙ୍କୁ ସେହି ସମୟରେ ଆମ୍ଭ କଳାଲୋକଙ୍କ ଏତେ ଭୟ ଯେ, ତାଙ୍କୁ ଦେଖିବା ମାତ୍ରକେ ସଲାମ୍ କରିବାକୁ ହାତ ସ୍ୱତଃ ଉଠିପଡ଼େ । କେବଳ ଗୌରାଙ୍ଗ କାହିଁକି, ଆଜି ସୁଦ୍ଧା ସାହେବୀ ପୋଷାକଧାରୀ କୃଷ୍ଣାଙ୍ଗ ସୁଦ୍ଧା ଏହି ସମ୍ମାନର ଅଧିକାରୀ ହେଉଥିବା ସର୍ବତ୍ର ଦେଖାଉଅଛି । ଏପରି କେତେ ଘଟଣା ଘଟିଯାଇଅଛି । ଉପାୟ ଥିଲେ ସୁଦ୍ଧା ଭାରତବାସୀ ଗୋରାଙ୍କଠାରେ ଆତ୍ମସମ୍ମାନ ହରାଇଛନ୍ତି । ଯାହାହେଉ ମହାତ୍ମା ଗାନ୍ଧୀଙ୍କ ପ୍ରେରଣା ଫଳରେ ଭାରତବାସୀଙ୍କ ମୋହ ବହୁ ପରିମାଣରେ ଦୂର ହୋଇଛି ଓ ସେମାନଙ୍କ ମନରେ ଆତ୍ମସମ୍ମାନ ଭାବ ଜାଗ୍ରତ ହୋଇଅଛି । ପ୍ରାଇସ୍ ସାହେବଙ୍କ ବ୍ୟବହାରରେ ମୋର ଧୈର୍ଯ୍ୟଚ୍ୟୁତି ହେବା ସ୍ୱାଭାବିକ । ମୁଁ ଯଦି ତାଙ୍କୁ ନମାରି ତାଙ୍କ ହାତରେ ମାଡ଼ ଖାଇଥାନ୍ତି, ତାହାହେଲେ ବୋଧହୁଏ କାହାରି ଆଗରେ ମୁହଁ ଦେଖାଇ ପାରି ନଥାନ୍ତି । ହୁଏତ ମୋତେ ଆତ୍ମହତ୍ୟା କରିବାକୁ ହୋଇଥାନ୍ତା ।

ଉପରକୁ ସିନା ମିଳାମିଶା ହେଲା, ଏହା ଉତ୍ତାରେ ମୋ ପ୍ରତି ସାହେବଦ୍ୱୟଙ୍କ ବ୍ୟବହାର ଅନ୍ୟ ପ୍ରକାର ଦେଖିଲି । ଜଣେ କଳାଲୋକ ହସ୍ତରେ ସାହେବଙ୍କ ଦର୍ପ ଓ ଔଦ୍ଧତ୍ୟ ଚୂର୍ଣ୍ଣ ହୋଇଅଛି । ଘନ ଘନ ଶୁଣିବାକୁ ପାଇଲି, ପ୍ରାଇସ୍ ମୋତେ ଉପଯୁକ୍ତ ଶିକ୍ଷା ଦେବେ । ସାକ୍ଷାତ ସମୟରେ ଟେଲର୍ ସାହେବଙ୍କ ମୁଖମଣ୍ଡଳରେ ବିରକ୍ତିବ୍ୟଞ୍ଜନ ଭାବ ସ୍ପଷ୍ଟ ଭାବରେ ଲକ୍ଷିତ ହେଉଥାଏ । ଭବିଷ୍ୟତ ଦୁର୍ଘଟଣା ଦୁର୍ଘଟଣା ସକାଶେ ମୁଁ ମଧ ପ୍ରସ୍ତୁତ ହୋଇ ରହିଲି ।

ରେଳଗାଡ଼ିର ପ୍ରଥମଶ୍ରେଣୀ ତଳର ଥରେ କଲିକତା ହାଇକୋର୍ଟର ବିଚାରପତି ସାର୍ ଆଶୁତୋଷ ମୁଖୋପାଧ୍ୟାୟ ଜଣେ ଗୋରାସାହେବଙ୍କ ସହଯାତ୍ରୀ ହୋଇଥିଲେ । ଗାଡ଼ିରେ ଶୋଇପଡ଼ି ପୁଣି ଉଠି ଦେଖିଲେ ତାଙ୍କ ଯୋତା ହଳକ ନାହିଁ । ସାହେବ ଗାଡ଼ିରୁ ଗଳାଇ ଦେଇଅଛି । ତୁନି ହୋଇ ରହିଲେ । ଅଳ୍ପସମୟ ପରେ ସାହେବଟି ଶୋଇପଡ଼ିଲା । ଗାଡ଼ିମଧରେ କଣ୍ଟାରୁ ଟଙ୍ଗା ହୋଇଥିବା ତାହାର କୋଟ୍ ଖଣ୍ଡିକ ଗାଡ଼ିରୁ ନେଇ ସାର୍ ଆଶୁତୋଷ ପକାଇଦେଲେ । ନିଦରୁ ଉଠି ସାହେବ ତାଙ୍କୁ ବିରକ୍ତ ବ୍ୟଞ୍ଜକ ଦୃଷ୍ଟିରେ ପଚାରିଲେ, "ମୋର କୋଟ୍ କାହିଁ?" ସାର୍ ଆଶୁତୋଷ କହିଲେ, "ତୁମ କୋଟ୍ ମୋର ଯୋତା ଆଣିବା ପାଇଁ ଯାଇଛି ।"

ଅନୁଗୁଳ ଟାଉନ୍‌କୁ ଲାଗି ଜେମାଦେଇପୁର ଗ୍ରାମ । ଏଠାକୁ ବୃଦ୍ଧ ଆର୍ତ୍ତ କର ସମୟ ସମୟରେ ଆସି ମୋ ପିତାଙ୍କ ସଙ୍ଗେ ବସି ଗଳ୍ପ କରନ୍ତି ଓ ରାଜା ଅମଳର କେତେକଥା କହନ୍ତି, କେତେ ପୁରୁଣା ଗୀତ ବୋଲନ୍ତି ଓ ପ୍ରବଚନମାନ କହନ୍ତି । ତହିଁରୁ ନିମ୍ନଲିଖିତ ଯୋଡ଼ିକ ଚିତ୍ତାକର୍ଷକ:

ଘିଅ କରିଥିଲି କରଷେ  
ଝିଅ ବାହାକଲି ପୁଅ ବାହାକଲି  
ଘରସାରି କଲି ବରଷେ ।  
ଉଙ୍କୁଣୀ ନୁହେଁ କି ରଙ୍କୁଣୀ ନୁହେଁ  
ଯେ ମାଗିଲେ ମେଞ୍ଚେ ଦିଏଁ  
(ପୁଣି) ଆସିଲ ବନ୍ଧୁ ଭଲ କଲ  
ବସିବାକୁ ନାହିଁ ଠାଆ  
ପିଢ଼ା ଖଣ୍ଡେ ଦିଅନ୍ତି ବନ୍ଧୁ  
ବଢ଼େଇ ଘରେ ବାହା  
ପାଣିଢ଼ାଳେ ଦିଅନ୍ତି ବନ୍ଧୁ  
ଦଦରା ମାଠିଆ  
ତୋରାଣୀ ମୁନ୍ଦେ ଦିଅନ୍ତି ବନ୍ଧୁ  
ବାପଘରେ ମାଆ  
ଚୂଡ଼ା ଗଣ୍ଡେ ଦିଅନ୍ତୁ ବନ୍ଧୁ  
କେଉଟୁଣୀକି ଜର  
ପଇଡ଼ ପୁଞ୍ଜେ ଦିଅନ୍ତି ବନ୍ଧୁ  
ବାଉରି ଖାଇଛି ମାଡ଼ ।  
ପାନ ଖଣ୍ଡେ ଦେଇଥା'ନ୍ତି  
ଘରେ ତ ନାହିଁ ଗୁଆ  
ସାଇପଡ଼ିଶାରୁ ମାଗିଆଣନ୍ତି  
ଛାଡୁ ତ ନାହିଁ ଛୁଆ,  
ପାଣି ଢାଳେ ଦେଇଥାନ୍ତି  
ଘରେ ତ ନାହିଁ ଲୋଟା,  
ସାଇପଡ଼ିଶାରୁ ମାଗିଆଣନ୍ତି  
ଗୋଡ଼ଟା ହୋଇଛି ଛୋଟା ।  
ତେଲ ଟିକିଏ ଦିଅନ୍ତି ବନ୍ଧୁ  
ମୁଣ୍ଡରେ ନାହିଁ ବାଳ  
ଘଷା ଘଷି କରିଦିଅନ୍ତି ବହିଯାଆନ୍ତା ଝାଳ,  
ବାଟେଇ ଦେଇ ଯାଆନ୍ତି  
ବନ୍ଧୁ ଗୋଡ଼ରେ ହୋଇଛି ଘା  
ଯେଉଁ ବାଟେ ବାଟେ ଅଇଲ  
ବନ୍ଧୁ ସେହି ବାଟେ ବାଟେ ଯାଆ ।

ଟାଉନ୍ ନିକଟବର୍ତ୍ତୀ ଅପର ଖମାର ଗ୍ରାମର ବୃଦ୍ଧ କବିରାଜ ଯୋଗୀନାଥ ଖାଡ଼ଙ୍ଗା ଓ ଜ୍ୟୋତିଷ ନଟବର କରଙ୍କ ସହିତ ସୌହାର୍ଦ୍ଦ୍ୟ ସ୍ଥାପିତ ହୋଇଥିଲା । ମୋର ଜ୍ୟେଷ୍ଠ କନ୍ୟା ମନୋରମା ଉତ୍ତାରେ ଗୋଟିଏ ପୁତ୍ର ତା. ୧୨.୧୨.୧୯୧୨ ରେ ଜନ୍ମ ହୋଇଥିଲା ଓ ତା. ୧୪.୦୪.୧୯୧୪ ରେ ତାହାର ମୃତ୍ୟୁ ହେଲା ଓ ମୃତ୍ୟୁର ଅବ୍ୟବହିତ ପରେ ଦ୍ୱିତୀୟ ପୁତ୍ର ଜନ୍ମହେଲା । ମୋ ସ୍ତ୍ରୀ, ପିତା ମାତା ତଥା ସମଗ୍ର ପରିବାର ନବଅପତ୍ୟ ଶୋକରେ ଏତେ ଅଭିଭୂତ ହୋଇପଡ଼ିଲୁ ଯେ, ଦ୍ୱିତୀୟ ପୁତ୍ରର ଜନ୍ମ ସୁଦ୍ଧା ଆମ୍ଭମାନଙ୍କ ମନରେ ଶାନ୍ତି ଦାନ କରିପାରିଲା ନାହିଁ । ଦୁଃଖ ମଧରେ ତାହାର ଜନ୍ମ ହୋଇଥିବାରୁ ମୋ ମା' ତାହାର ନାମ ରଖିଲେ ଦୁଃଖୁ ।

(କ୍ରମଶଃ)

## ପର୍ଦ୍ଦା ପଛର କଥା -୨



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ଼ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

### ସାରୀପୁଉରୁ ମୋ ଭାଇ ଜଗା: ସଂଳାପ ଯାତ୍ରାର ପ୍ରାରମ୍ଭ (୨)

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପରେ ହାଇସ୍କୁଲରେ ପଢ଼ିଲା ବେଳେ ଅଜାଘର ଖୋର୍ଦ୍ଧାରେ ପ୍ରିୟା ଟକିଜ୍‌ରେ ପ୍ରଥମ କରି 'ସ୍ତ୍ରୀ' ଚଳଚ୍ଚିତ୍ର ଦେଖିଲି । ଚଳଚ୍ଚିତ୍ରଟିର ଅନେକ ସିକ୍ୟୁଏନ୍ସ ବିଶେଷ କରି ଗୀତ ଏବେ ବି ମନେ ଅଛି । ପରେ ପରେ ଅନ୍ୟ କେତୋଟି ଚଳଚ୍ଚିତ୍ର ଦେଖିଥିଲି । ସବୁଗୁଡ଼ିକ ମନେ ପକାଇବାକୁ ଚେଷ୍ଟା କଲି । ପିଲାଦିନେ ଭୁବନେଶ୍ୱରସ୍ଥିତ ଆମ ସରକାରୀ କ୍ୱାର୍ଟର ଥିଲା ସଂସ୍କୃତି ଚର୍ଚ୍ଚାର ଖଟି । ବାପାଙ୍କ ସାଙ୍ଗ ଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ) । ମୁଁ ତାଙ୍କୁ ମଉସା ଡାକୁଥିଲି । ସେ ଥିଲେ ଆମର ଫ୍ୟାମିଲି ଫ୍ରେଣ୍ଡ । ମଉସାଙ୍କୁ କହିଲି ସଂଳାପ ଲେଖିବା କଥା । ସେ ମୋ ମୁଣ୍ଡରେ ହାତ ରଖି କହିଲେ, "ବୁଗୁଲା (ମୋ ଡାକ ନାମ) ତୁ ପାରିବୁ । ମୋର ସେ ବିଶ୍ୱାସ ଅଛି, ଆଗେଇଯା ।" ଏତିକି ହିଁ ମୋ ପାଇଁ ଯଥେଷ୍ଟ ଥିଲା । ଦେଖିଥିବା ପୁରୁଣା ଚଳଚ୍ଚିତ୍ରକୁ ମନେ ପକାଇ ତାର ସିକ୍ୟୁଏନ୍ସକୁ ଦୋହରାଇବା, ମନେ ମନେ ବିଶ୍ଳେଷଣ କରିବାରେ ମୋର ସମୟ କଟିଲା । ସେତେବେଳେ ଚଳଚ୍ଚିତ୍ର ରଚନା ସଂପର୍କୀତ ପୁସ୍ତକ ଓଡ଼ିଆରେ ଉପଲବ୍ଧ ନଥିଲା । ତେବେ ସାଥୀ ପକେଟ ବୁକ୍‌ର 'ଫୁଲମତୀ' ଯାହାକି ଚିତ୍ରନାଟ୍ୟ ଫରମାଟରେ ଡା. ବସନ୍ତ ମହାପାତ୍ର ଲେଖିଥିଲେ । ସେ ବହିଟି ମୋର ହସ୍ତଗତ ହେବାପରେ ମୋର ଆତ୍ମ ବିଶ୍ୱାସ ବଢ଼ିଗଲା । ଅବଶ୍ୟ ବହିଟିକୁ ସଂପୂର୍ଣ୍ଣ ଚିତ୍ରନାଟ୍ୟ କୁହାଯାଇପାରିବ ନାହିଁ । ତେବେ ଅଧା ନାଟକ ଓ ଅଧା ଉପନ୍ୟାସର ଧାରାରେ ଲେଖା ହୋଇଥିବା 'ଫୁଲମତୀ'କୁ ଚିତ୍ରଲିପି (Scerenio) କୁହାଯାଇପାରେ । କାରଣ ସେଥିରେ କ୍ୟାମେରାର ଗତି, ଦୃଶ୍ୟ ବିଭାଜନ, ସଂଳାପର ପ୍ରୟୋଗାତ୍ମକ ଧରା ନଥିଲା ।

ରଜନୀ ସାମନ୍ତରାୟଙ୍କ ସୁନ୍ଦରପଦା (ଭୁବନେଶ୍ୱର) ସ୍ଥିତ ଘରେ ଚଳଚ୍ଚିତ୍ରର ସୁଟିଂ ଚାଲିଲା । କାହାଣୀ ରଜନୀବାବୁ କହିଲେ । କାହାଣୀରେ ଉତ୍କଳର ଆରାଧ ଦେବତା ଶ୍ରୀ ଜଗନ୍ନାଥ ଏକ ଚରିତ୍ର । ନାୟିକା ପିଲାଦିନୁ ଶ୍ରୀ ଜଗନ୍ନାଥଙ୍କ ଉପସିକା ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ନାୟିକାଙ୍କୁ ସାହାଯ୍ୟ କରୁଛନ୍ତି । ଚଳଚ୍ଚିତ୍ରଟିର ନାମକରଣ ହେଲା, "ମୋ ଭାଇ ଜଗା" ସ୍କ୍ରିପ୍ଟ ଆରମ୍ଭ ପୂର୍ବରୁ ରଜନୀ ବାବୁ 'ବଡ଼ ଭାଉଜ' (ତାଙ୍କର ନିର୍ଦ୍ଦେଶକ) ଚଳଚ୍ଚିତ୍ରର ସ୍କ୍ରିପ୍ଟ ପଢ଼ିବାକୁ ଦେଲେ ଓ କହିଲେ "ଯାକୁ ପଢ଼ । ମୁଁ ଜାଣେ ତମେ ନିଶ୍ଚୟ ପାରିବ ।"

'ଏଇ ସଂଘର୍ଷ' ପରେ ନିର୍ଦ୍ଦେଶକ ରଜନୀ ବାବୁଙ୍କ ସହ ପାରିବାରିକ ସଂପର୍କ ବଢ଼ି ଯାଇଥିଲା । ଆମ ଦୁଇଜଣଙ୍କ ନାମ ଓ ଜନ୍ମ ରାଶି ଏକ ଥିଲା । ରଜନୀ ବାବୁ ଓଡ଼ିଆ ସନେମା ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ମୁମ୍ବାଇରେ ବଳବନ୍ତ ଗାର୍ଗୀଙ୍କ ନାଟ୍ୟ ସଂସ୍ଥାରେ କାମ କରୁଥିଲେ । ଅଭିନେତ୍ରୀ ସାରିକାଙ୍କର ବ୍ୟକ୍ତିଗତ ସହାୟକ ଥିଲେ । ଚିତ୍ରନିର୍ମାଣର କିଛି କିଛି ଅଭିଜ୍ଞତା ସାଉଁଟିଥିଲେ । 'ବଡ଼ଭାଉଜ', 'ଏଇ ସଂଘର୍ଷ' ପରେ 'ମୋ ଭାଇ ଜଗା' ତାଙ୍କର ତୃତୀୟ ଓଡ଼ିଆ ଚଳଚ୍ଚିତ୍ର, ପୁଣି ନିଜ ପ୍ରଯୋଜନାରେ । ନିଜ ଘରଟିକୁ ବନ୍ଧକ ଭାବରେ ଲଗାଇ ଦେଇଥିଲେ ଏହି ଚଳଚ୍ଚିତ୍ରଟିର ପ୍ରଯୋଜନା ପାଇଁ । ଚଳଚ୍ଚିତ୍ର ସ୍କ୍ରିପ୍ଟିଂର କାଇଦା କଟକଣା ସବୁ ବୁଝାଇଦେଲେ । ପ୍ରତିଟି ଦୃଶ୍ୟ ରଚନା କେମିତି ହେବ ସେ ବିଷୟରେ ବିସ୍ତୃତ ଧାରଣା ଦେଲେ ।

ମନେଅଛି ସେ ବର୍ଷ ହୋଲିରେ ରଂଗ ନଖେଳି ନିଜ କଲେଜ୍ ଚ୍ୟାମ୍ବରରେ ବସି ମୁଁ ଏ ଚଳଚ୍ଚିତ୍ରର ୪୨ ଗୋଟି ସିନ୍ ଏକା ଦିନକେ ଲେଖିଥିଲି । ଆଶ୍ଚର୍ଯ୍ୟ ଲାଗେ ଏବେବି, ରଜନୀ ବାବୁଙ୍କୁ ପଢ଼ାଇବା ପରେ ସେ ବହୁତ ଖୁସି ହୋଇଯାଇଥିଲେ । ପ୍ରାୟତଃ ଲାଇନ୍ ଅପ୍ ହିସାବରେ ସବୁ ଠିକ୍‌ଥିଲା । ମୋର ମନେ ଅଛି ମୋର ଗୋଟିଏ ଛାତ୍ର ମତେ ଗୋଟିଏ ରିନୋଲଡ୍ ପେନ୍ ଉପହାର ଦେଇଥିଲା । ମୁଁ ସେଇ କଲମରେ ସ୍କ୍ରିପ୍ଟଟିକୁ କମ୍ପ୍ଲିଟ୍ କରିଥିଲି । ବହୁଦିନ ଯାଏ ମୁଁ ସେହି ରରିନୋଲ୍ଡ୍ ପେନ୍‌ଟିକୁ ସାଇତି ରଖିଥିଲି ସ୍ମୃତି ଭାବରେ ।

ରିନୋଲ୍ଡ ପେନ୍‌କୁ ଭଲପାଇବାର ଅନ୍ୟତମ କାରଣ ଥିଲା ନାଟ୍ୟକାର ବିଜୟ ମିଶ୍ର ହିଁ ସବୁବେଳେ ରିନୋଲ୍ଡ ପେନ୍‌ରେ ସ୍କ୍ରିପ୍ଟ ଲେଖୁଥିଲେ । ଅଧିକାଂଶ ସମୟରେ ବିଜୟ ମିଶ୍ରଙ୍କ ପାଖରେ ବସି ଆଲୋଚନାର ସୁଯୋଗ ମିଳୁଥିଲା । ମତେ ବି ମଉସା (ବିଜୟ ମିଶ୍ର) ବହୁତ ପ୍ରୋତ୍ସାହନ ଦେଉଥିଲେ । ବିଜୟ ମିଶ୍ର ବାପାଙ୍କର ବନ୍ଧୁ ଥିଲେ । ତାଙ୍କର ବହୁ ନାଟକରେ ବାପା ଗୀତ ରଚନା କରୁଥିଲେ ।

'ମୋ ଭାଇ ଜଗା'ର ସ୍କ୍ରିପ୍ଟିଂ ପରେ ଗୀତ/ସଂଗୀତର ପର୍ବ । ସଂଗୀତ ନିର୍ଦ୍ଦେଶକ ନାରାୟଣ ଭାଇନା (ରଥ) । 'ଏଇ ସଂଘର୍ଷ'ର ତିକ୍ତ ଅନୁଭୂତି ପାଇଁ ଏଥରକ ବେଶ୍ ସତର୍କ ଥିଲେ ନାରଣ ଭାଇନା । ଗୀତ ପାଇଁ ମୋର ଦୁର୍ବଳତା । ଡୁଏଟ୍ ସଙ୍ଗ୍ ଦୁଇଟିକୁ ରଚନାର ଭାର ଦେଲେ ନିର୍ଦ୍ଦେଶକ । ପ୍ରଥମ ଡୁଏଟ ସଙ୍ଗ୍‌ଟି ଥିଲା ନାୟକ ଓ ପ୍ରଥମ ନାୟିକାଙ୍କ ଉପରେ, ଦ୍ୱିତୀୟ ଡୁଏଟ୍ ସଙ୍ଗ୍‌ଟି ଥିଲା ନାୟକ ଓ ଦ୍ୱିତୀୟ ନାୟିକାଙ୍କ ଉପରେ । (କ୍ରମଶଃ)

## କବିତା.... ଆମ ସମୟର

### ॥ ହାର୍‌କିଣି ॥



● ସୁରେନ୍ଦ୍ର ପାଣିଗ୍ରାହୀ

ଏଇ ବାତ୍ୟା ଆସିବା ଆଗଦିନ ସକାଳଠାରୁ  
ଲାଇନ୍ କଟିଗଲା ଯେ ଗଲା  
ବୋଉ ବାଉଳୁଥିଲା ବସି ଦାଣ୍ଡଘରେ  
ସଂଜ ହେଲେ ମାଡ଼ି ଆସିବ ବାଘଭଳି ଅଂଧାର  
ଚାରିଆଡ଼େ ବାଜିଲାଣି ମେଘର ଖଂଜଣି  
ଗାଜିଲାଣି ହାତୀଶୁଣ୍ଢର ପାଣି ।

ଦି' ପହରେ ଆମ ଖମାର ସଂଧିରେ ଥିବା  
ଆଳିମାଳିଆ ବୁଗୁଚା ଭିତରୁ  
ଦରାଣ୍ଡି ଦରାଣ୍ଡି ଉଠେଇ ଆଣିଲା ମଳିଛିଆ  
ରଂଗର ଜିନିଷଟିଏ । ଝାଡ଼ିଝୁଡ଼ି ସଫାକରି  
ତା'ର ଫଟା କାଚଟିକୁ ପୋଛୁ ପୋଛୁ  
କହିଲା ତୋ ବାପା ଥିଲେ ଏବେ ରସୁଣ ଛେଚି  
ଲଗେଇ ଦେଇଥାଆନ୍ତେ ଏ କାଚରେ ।  
ସଫା କରିଥାନ୍ତେ ଚୂନଦେଇ  
ଆଉ ପାଞ୍ଚପଇସା ନେଇ ଗାଁ ହାଟରୁ  
ମାଟିତେଲ ଆଣି ପକେଇ ଦେଇ ଥାଆନ୍ତେ ଯେ  
ଦାଉ ଦାଉ ଜଳିଥାନ୍ତା ହସ୍ତାଟିଏରେ ବାପା ।

ପିଲାବେଳେ ଆମ ଗାଆଁରେ ବିଜୁଳି ନଥିଲା  
ଆମ ପାଇଁ ଆଲୁଅର ବତୀ ଥିଲା ଏ ଲଣ୍ଠନ  
ଭାରି କଡ଼ା ମିଜାଜ୍‌ର ମାଷ୍ଟର ଥିବା ମୋ ବାପା  
ଏଇ ହାର୍‌କିଣିଟିଏ ଜାଳି ପଢୁଥିଲେ ଲାଇବ୍ରେରୀରେ

ରାତି ଅଧ ଯାଏ/ ଆଉ କେତେ ଯେ ପିଲାଏ  
ଏଇ ମଳିଛିଆ ହାର୍‌କିଣି ଆଲୁଅରେ ପାଠପଢ଼ି  
ଧୋବଧୋବଳିଆ ବାବୁ ହେଇଯାଇଥିଲେ ପୁଣି ।

ଆମର କେତେ ଯେ ସୁଖ, ଦୁଃଖ, ଝଡ଼ି, ବରଷାର  
ସାଥି ଥିଲା ଏଇ କଳା ମସିଆ ରଂଗର ଲଣ୍ଠନ ଖଣ୍ଡିକ  
ସାରା ଜୀବନ ସ୍ୱାଧୀନତା ସଂଗ୍ରାମର ଗୀତ ଗାଇଗାଇ  
ସମସ୍ତଂକୁ ପାଠ ପଢ଼େଇବାର ରାସ୍ତା ଦେଖେଇ  
ଆମ ଅଞ୍ଚଳରେ  
ନିଜେ ଲଣ୍ଠନଟିଏ ହେଇ ଯାଇଥିଲେ ବାପା ।

ବୋଉ ସେଇ ଲଣ୍ଠନଟିକୁ ନିରେଖି ଚାହୁଁଥିଲା ବାରଂବାର  
ଆଉ ସେଇ ମଳିଛିଆ ଲଣ୍ଠନ ଭିତରୁ ବାପା ଯେମିତି  
ବୋଉକୁ କହୁଥିଲେ 'ବ୍ୟସ୍ତ ହୁଅନା' ଦିଅ  
ଏଇ ଲଣ୍ଠନଟି ନେଇ ପାଞ୍ଚପଇସାରେ ତେଲ  
ମୁଁ ପକେଇ ଆଣୁଚି ଗାଁ ଦୋକାନରୁ...

+ ସା/ପୋ: ବରି, ଜି: ବାଲେଶ୍ୱର  
(ମୋ) ୯୪୩୭୨୮୨୯୮୪

### ॥ ବାତ୍ୟା: ଦୁଇଟି ଚିତ୍ରରୂପ ॥



● ଅଧ୍ୟାପକ ବିଶ୍ୱରଞ୍ଜନ

(୧)  
ଆସିଛି ମୁଁ ଆସିଛି  
'ବାତ୍ୟା' ମୁଁ ଆସିଛି  
ଉଡ଼ାଇ ନେବାକୁ  
ତୁମ ଦେହ ବଲ୍ଲରୀରୁ  
ସବୁ କିଛି,  
ଯାହା ତୁମକୁ ମୋ'ଠାରୁ  
ଦୂରେଇ ରଖିଛି ।

(୨)  
ଆସିଛି ମୁଁ ଆସିଛି  
'ବାତ୍ୟା ମୁଁ ଆସିଛି  
'ପ୍ରଳୟ'ର ଦୂତ ହୋଇ  
ସବୁକିଛି କରିବାକୁ ଶେଷ  
ଧ୍ୱଂସର ଉପତ୍ୟକା ପରେ  
ଆଙ୍କିବାକୁ ନୂଆ ଛବି  
ଲେଖିବାକୁ ସୃଜନର  
ନୂଆ ଇତିହାସ ।

+ ଭୁବନେଶ୍ୱର  
(ମୋ) ୮୭୬୩୨୩୬୨୧୨

### ॥ ସ୍ୱପ୍ନ ॥



● ଅରୁଣ କୁମାର ସାହୁ

ଶେଯ ସୁପାତିର କୋଳେ  
କେବେକେବେ ମୃତ୍ୟୁ ଘଟେ  
ଅର୍ଦ୍ଧଚେତନ ଅବଚେତନାର  
ଅବା କେବେ  
ଅବଚେତନ ଚେତନାର ।

ନିଦମାନେ ତ ମୃତ୍ୟୁ  
ମୃତ୍ୟୁ ପରା ମହାନିଦ୍ରା  
ମୃତ୍ୟୁର କୋଳରେ  
ଅବା ନିଦର କୋଳରେ  
ସାଂସାରିକ ଚେତନାର ମୃତ୍ୟୁ ଘଟି  
କେବେକେବେ ଜନ୍ମ ନିଏ  
କେଉଁ ଗୈରିକ ଚେତନା  
ଅବା ଜୀବନ ଚେତନା ।

ଗୈରିକ ଚେତନାରେ  
ଖୋଜିଖୋଜି ଯାଇ ଦେଖେ ତ  
ପହଂଚିଛି କେଉଁ ଏକ  
ଦ୍ୱିତୀୟ ସ୍ୱର୍ଗରେ ଯେଉଁଠୁ  
ଭଗବାନଙ୍କ ପାଖକୁ ଯାଇ ହୁଏ  
ନା ଫେରିବାକୁ ଇଚ୍ଛା ହୁଏ  
ମୃତ୍ୟୁର କୋଳକୁ ।  
ଫଳବତୀ ଇଚ୍ଛା ହୁଏ  
ଜୀବନର ଚେତନାକୁ ନେଇ  
ସେଠି ନା ସ୍ୱର୍ଗ ଥାଏ  
ନା ମର୍ତ୍ତ୍ୟ  
ସେଠି କେବଳ ତୁମେ ହିଁ ଥାଅ ।

ମୁଁ ମରି ଯାଉଁଯାଉଁ  
ବଂଚିଥିବା ବେଳେ  
ତମେ ଚାଲି ଆସ  
ଖୁବ୍ ସନ୍ତର୍ପଣରେ  
ଅନ୍ତରଙ୍ଗ ଭାବରେ  
ସ୍ୱପ୍ନର ବେଶରେ ।

ମୃତ୍ୟୁରୁ ଜୀବନକୁ ଫେରି  
ଦେଖେ ତ  
ବଂଚିଛି ସିନା  
ତମେ ନାହଁ କି ସ୍ୱପ୍ନ ନାହିଁ ।  
ଲାଗେ ବାସ୍ତବ ଜୀବନଠାରୁ  
ଏଇମିତି ସ୍ୱପ୍ନଲଗ୍ନା ମୃତ୍ୟୁଟିଏ  
କେତେ ଆପଣାର ।

+ ଡିଜିଏମ୍, ନାଲ୍‌କୋ  
ଭୁବନେଶ୍ୱର  
(ମୋ) ୯୪୩୭୧୫୫୬୧୭

### ॥ ଟିକେ ନିଘା କର ॥



● ମାନସ ରଂଜନ ପଣ୍ଡା

ମୁଁ ଜାଣିଛି  
ତମେ ବ୍ୟସ୍ତ ଅଛ ବିକଳି ଦାସ  
ବଞ୍ଚିର ଭୂଇଁରୁ  
ଶ୍ୟାମଳିମା ସାଉଁଟିବାରେ  
ଭଂଗା ବେହେଲାରୁ ଖୋଜିବାରେ  
ରାଗ ଦରବାରୀ  
ଦରଜର ଦରକାର ଦରବ ଜାଳିବାରେ  
ଅଦୃଶ୍ୟ ଈଶ୍ୱରଙ୍କ ସହ ବାକ୍‌ବିତଣ୍ଡାରେ

ତୁମେ ଭୁଲିସାରିଛ  
ତୁମ ପାହୁଣ୍ଡର ପରାକ୍ରମ  
ତୁମ ପାପୁଲି ପଛର ପରିଧି  
ତୁମେ ଖାଲି ଖିଆଲରେ  
ଆଉଁସୁଛ ଦୁଃଖର ଦରଦୀ ପିଠି  
ଅମାରାତ୍ରୀରେ ଜହ୍ନକୁ ଲେଖୁଛ ଚିଠି ।  
ଟିକେ ମୁକୁଳି ଆସ  
ଅଭାବର ଏଇ ଭାବରୁ  
ଅନ୍ଧାରର ଜରାୟୁରୁ  
ନିଘାକର ବିକଳି, ପ୍ରବୋଧି ନିଜକୁ  
ଦେଖ ସବାପଛ ଧୂର୍ତ୍ତ ଲୋକଟି  
ଏବେ ଶିଖରରେ ।

+ ସତ୍ୟଶିବ ନିଳୟ, ଆରଡି, ଭଦ୍ରକ  
(ମୋ) ୭୯୭୮୫୮୦୩୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୦ ମଇ, ୨୦୨୧



# ଅଭିମାନର ଅନ୍ୟନାମ ଅଭୟ ସିଂ

## ମାୟାଧର ନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ)

କେବେ ଆମ ସାମାଜିକ, ସାଂସ୍କୃତିକ, ବୌଦ୍ଧିକ ଓଡ଼ିଶାର ଏ ଚରିତ୍ରହୀନତାର କଳଙ୍କ କବଳରୁ ମୁକୁଳିବାର ତାରିଖ ଗଣା ଆରମ୍ଭ କରିବ ?

ଶେଷକଥା ବୋଲି କିଛି ନାହିଁ। 'ଆପେ ବଂଚିଲେ ବାପର ନାଆଁ' - କଥାଟାକୁ ଜପାମାଳି କରି ଏ ଓଡ଼ିଶା ଭୂଇଁର ଧନୀ ଧନମାଳିମାନେ ଚାରିଆଡ଼େ ଚରାବୁଲା କରୁଛନ୍ତି। କେବଳ ନିଜ ପ୍ରତିଷ୍ଠା ବହୁଗୁଣିତ କରିବାକୁ ପ୍ରଚୁର କଳାପଇସା, ଖଇକଉଡ଼ି ବୁଣିଲା ପରି ବଂଟୁଛନ୍ତି - କିନ୍ତୁ ଗୋଟିଏ ପଇସା କୌଣସି ପ୍ରତିଭାକୁ ଦେବାରେ ଖର୍ଚ୍ଚ କରିବାରେ କୁଣ୍ଠିତ ସେମାନେ। ଏପରିକି ପ୍ରବାସୀ ଓଡ଼ିଆ ଭାଉଭଉଣୀ କେତେଜଣ ବି ବିଦେଶାଗତ ଚିଲିକା ଚଢ଼େଇ ପରି ଓଡ଼ିଶାକୁ ଘେରାଏ ଘେରାଏ ବୁଲିଦେଇ ଚାଲିଯାଉଛନ୍ତି। ଉଦ୍ଦେଶ୍ୟ - ଏଠି ଆସି କୌଣସି ପ୍ରତିଭା ଖୋଜିବେ ନାହିଁ। କେବଳ ନିଜର ନିର୍ଘାତ ପ୍ରଚାର ପାଇଁ ଯାହା କାର୍ଯ୍ୟକ୍ରମ ଚଳାଇଯିବେ। ମାଇକ୍, ମଂଚ, ମିଡ଼ିଆଠୁ ଆରମ୍ଭ କରି ଆଂଚଳିକ 'ଭୂଷଣ' ଓ ଭିଆଇପିମାନଙ୍କ ମହଲରେ ହଲହଲ ହେବେ। କେତେ ଓଡ଼ିଆ ସାମ୍ବାଦିକ / ଲେଖକ ଲେଖିକାଙ୍କୁ ଆମେରିକା, ଫ୍ରାନ୍ସ, ଜର୍ମାନୀରୁ ଜାପାନ ଯାଏଁ ମାହାଳିଆ ଗସ୍ତରେ ନେଇଯିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କର କାମ ଆଦାୟ କରିନେବେ। ସେ କାମଟା କିନ୍ତୁ କୋଉ କାମକୁ ନୁହେଁ - ଖାଲି ମାଗଣାରେ ବା ଅଳ୍ପ ଖର୍ଚ୍ଚରେ ନିଜ ପାଇଁ ଖ୍ୟାତି କିଣିବାର କାମ।

ଇତିହାସ ବଡ ନିଷ୍ଠୁର । ସେ କାହାକୁ କ୍ଷମା ଦିଏନି । ସବୁକଥା କହିଦିଏ, ଲେଖିଦିଏ, ଭଲକୁ ଭଲ କରି ଯୁଗଯୁଗ ପାଇଁ ସାଇତି ରଖିଯାଏ । ଖରାପକୁ ଲଙ୍ଗଳା କରି ଛାଡିଯାଏ । ଯେଉଁମାନେ ବିଶ୍ୱରେ ଆଜି ମହାମାନବ ଭାବେ ପରିଚିତ – ସେମାନଙ୍କ ଜୀବନରେ ମଧ୍ୟ ଭୁଲଭଟକା ରହିଥାଏ । କିନ୍ତୁ ସେମାନେ ମାନିଯାଇ ଲିଖିତ କ୍ଷମା ପ୍ରାର୍ଥନା କରନ୍ତି – ସେଥିପାଇଁ ସେମାନେ ତ ମହାନ୍। ଆଉ କିଛି ଖ୍ୟାତନାମା ଲୋକ ଅଛନ୍ତି - ଯାହାକୁ ଗଣମାଧ୍ୟମ ଆଗଧାଡିରେ ରଖେ – ସେମାନଙ୍କ ଈର୍ଷା, ଷଡଯନ୍ତ୍ର କଥା ପଦାକୁ ଆସିଲେ ଆପଣମାନଙ୍କ ମୁଣ୍ଡ ଖରାପ ହୋଇଯିବ । ଯେଉଁ ଯେଉଁ ବ୍ୟକ୍ତିଙ୍କୁ ଆପଣ ମହାନ୍ ବୋଲି ଭାବୁଛନ୍ତି – ସେମାନଙ୍କ ଭିତିରି କଥା ଭରାସଭାରେ ବାହାରିପଡ଼ିଲେ – ସେମାନଙ୍କ ପ୍ରତି ଘୋରତର ଘୃଣାଜାତ ହେବ ହିଁ ହେବ।

କିଛି ନାମକରା ବ୍ୟକ୍ତି ଅଛନ୍ତି – ଭାବନ୍ତି – ଜୀବନରେ ଯେଉଁ ପାପ ଥରେ ଅଧେ କରିଛନ୍ତି – ସେ ସବୁ ଲୁଚିଯିବ । ଦାନଧର୍ମ, ସତ୍‌ସଂଗ୍ କଲେ ଲୋକେ ଭୁଲିଯିବେ । କାରଣ ଲୋକଙ୍କ ସ୍ମୃତିଶକ୍ତି କ୍ଷଣସ୍ଥାୟୀ । ନା - ନା – କିଏ କହିଲା – ଲୋକଙ୍କ ସ୍ମୃତି କ୍ଷଣକ ପାଇଁ। ବହୁ ଲୋକଙ୍କ ସ୍ମୃତି ମଲା ପର୍ଯ୍ୟନ୍ତ ରହିଥାଏ । ଯିଏ ଯେତେ ବଡ ମହାଶକ୍ତି ହେଉଥାଉ ପଛେ, ଯଦି ସେ ତା' ଜୀବନରେ ଜନବିରୋଧୀ, ଖୋସାମତିଆ, ଲୋଭୀ, ସ୍ୱାର୍ଥପର, ଈର୍ଷାପରାୟଣ, ଗର୍ବୀ, ନାରୀଲୋଭୀ ହୋଇ କିଛି ଭୁଲ କାମ କରିଥାଏ, କାହାକୁ ସହିନପାରି ତାକୁ ତଳିତଳାନ୍ତ କରିଥିବା ପାପ ସବୁବେଳେ ଖାଇ ଗୋଡାଏ । ସେ ବ୍ୟକ୍ତି ସେଇ ପାପ ଲୁଚାଇଲେ – ଲୁଚେନାହିଁ । ପାପକୁ ପ୍ରାୟଶ୍ଚିତ କଲାବେଳକୁ ନେଡ଼ିଗୁଡ଼ ବହିଯାଇଥାଏ କହୁଣୀକୁ।

ଆମେ କେତେଦିନ ବଂଚିବା କି ? ଜନ୍ମ ହୋଇଛେ - ନିଶ୍ଚୟ ମରିବା । ଏଇ ଜନ୍ମମୃତ୍ୟୁ ମଧ୍ୟରେ ଜୀବନର ଜୟଗାନ, ସତ୍ୟ, ନ୍ୟାୟ, ମଣିଷର ଜୟଗାନ କରି ଜୀବନକୁ ସାର୍ଥକ କରି ଚାଲିଯିବା । କିଏ ଆମ ପିତା, ମାତା, ଭାଇବଂଧୁ - ଆସିଛୁ ଏକା - ଯିବା ଏକା । କେହି ଆମ ସଂଗରେ ଯିବେନି । ଆମର ଏମିତି ମରଣ ହେଉ – ସାରା ଦୁନିଆଟା କାନ୍ଦୁଥିବ ।

ଅଭୟ ସିଂଙ୍କ ଅକୁହା କାହାଣୀ ଇତିମଧ୍ୟରେ ଇଂରାଜୀରେ 'An untold story of a Journalist' ଦେଶବିଦେଶ, ରାଜ୍ୟର ବହୁ ବିଜ୍ଞ ବ୍ୟକ୍ତିଙ୍କୁ ଏ ଓଡ଼ିଶାଭୂଇଁରେ କେବଠୁ ଆରମ୍ଭ ହୋଇସାରିଥିବା ଘୋର ସାଂସ୍କୃତିକ ଷଡଯନ୍ତ୍ର ସମ୍ବନ୍ଧରେ ସଜାଗସଚେତ କରାଇସାରିଛି।

ସତରେ ଆମ ଲୋକମାନେ କ'ଣ ପ୍ରତିକ୍ରିୟାହୀନ ?

ଅଭୟ ସିଂଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଡେରାବିଶ୍ ବ୍ଲକର ଲକ୍ଷ୍ମୀନାରାୟଣପୁର ଗାଁ । ବାପା – ରଘୁନାଥ ସିଂ ଡେରାବିଶ୍ ହାଇସ୍କୁଲରେ ସାହିତ୍ୟ ଶିକ୍ଷକ ଥିଲେ । ତାଙ୍କ ରଚିତ ଗୀତିନାଟକ ଗରୁଡ ଜନ୍ମ, ଖୁଲଣା ସୁନ୍ଦରୀ, ସତୀ ଅନସୂୟା, ରାମାୟଣର ନାଟ୍ୟାନୁରୂପ, ଉତ୍କଳ ମଣ୍ଡପରେ ପ୍ରଦର୍ଶିତ ହୋଇଥିଲା ।

ଅଭୟ ବାବୁ ଯଦି 'ବିଜୟା' ପତ୍ରିକାରେ ବନାନ ଭୁଲ କରିଥାନ୍ତି – ତା'ହେଲେ ପିତା ପୁତ୍ର ପାଖକୁ ଚିଠି ଲେଖି ଭୁଲ ଦର୍ଶାଇ ଦିଅନ୍ତି । ଏଇ କଥା କହିଲେ - ଅଭୟ ବାବୁଙ୍କ ଗାଁର ପ୍ରସନ୍ନ କୁମାର ସିଂ । ସେ କହିଲେ – ଟିକେ ମୁଣ୍ଡ ନଇଁଦେଲେ ତୋଫାନ ପଳାଇବ – କିନ୍ତୁ ମୁଣ୍ଡ ନଇଁବେ ନାହିଁ । ତୋଫାନକୁ ମୁକାବିଲା କରିବା ଲୋକ ଥିଲେ ଅଭୟ ସିଂ। (ସମାପ୍ତ)



+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ଧାରାବାହିକ ଉପନ୍ୟାସ

# ନାତି



ଭାଗ-୨୯

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

'ନା', ମନେ ମନେ ଚିତ୍କାର କରି ଉଠିଲେ ଦୀନନାଥ । କାନ୍ଦି ନଥିବା କ୍ୱଚିତ ଶିଶୁ ଅର୍ଟିଷ୍ଟିକ୍ ନୁହନ୍ତି । ଈଶ୍ୱରଙ୍କୁ ଛାଡ଼ିଦେଲେ ଆଉ କିଛି ସଂସାରରେ ସତ୍ୟ ନୁହେଁ । କୌଣସି ତତ୍ତ୍ୱ ଶାଶ୍ୱତ ନୁହେଁ, ଚିରନ୍ତନ ବି ନୁହେଁ । ହୋଇପାରେ ଶୁଭର ବ୍ୟାଖ୍ୟା ଗୋଟିଏ ପ୍ରକାର ହାଇପୋଥେସିସ୍ । ଏମିତି ଏକ ଅନୁଭବ ହେଲା ତାଙ୍କୁ । କିଞ୍ଚିତ୍ ବିଳମ୍ବ ହେଲେ ବି ନାତି ତାଙ୍କର ଭଲଭାବେ କ୍ରନ୍ଦନ କରିଛି ଏସ୍.ଏନ୍.ସି.ୟୁ. ଭିତରେ, ଅବଶ୍ୟ ଅଳ୍ପ ସମୟ । କିନ୍ତୁ ଭଦ୍ରକରୁ କଟକ ଯାଏଁ ଦୀର୍ଘ ଅଢ଼େଇ ଘଣ୍ଟାର କୁଆଁ କୁଆଁ କାନ୍ଦକୁ କେହି ଅସ୍ୱୀକାର କରିପାରିବେ ନାହିଁ । ଆମ୍ବୁଲାନ୍ସ ଭିତରେ ଯେତିକି ସମୟ ତା'ର ଖୋଲା ଆଖିକୁ ସେ ଲକ୍ଷ୍ୟ କରିଛନ୍ତି, ଦୀନନାଥ ଦେଖିଛନ୍ତି ସେଠି ସେ ଆଖି ଯୋଡ଼ିକର ଔଜଲ୍ୟ । ତାହା ପୁଣି ସରଳ ତେଜଯୁକ୍ତ ଯାହା ଆର୍ଟିଷ୍ଟିକ୍ ପିଲାଙ୍କ ଆଖିରେ ଲକ୍ଷ୍ୟ କରାଯାଏନା । ଶିଶୁର ଭାଲପଟ ବି ଉଜ୍ଜ୍ୱଳ ଦିଶିଚି ତାଙ୍କୁ । ଏଇଥିପାଇଁ ବୋଧହୁଏ ନାତି ଜନ୍ମର କେଇ ଘଣ୍ଟା ପରେ ଏ ପ୍ରକାର ଅଘଟଣରେ ମ୍ରିୟମାଣ ହୋଇ ପଡ଼ିଥିବା ଜ୍ୱାଇଁ ଭବେଶଙ୍କୁ ଦୃଢ଼ୋକ୍ତି କରିଥିଲେ - "ପୁଅ ତୁମର ଶତପ୍ରତିଶତ ଠିକ୍ ଅଛି । ତା'ର କୌଣସି ବ୍ୟତିକ୍ରମ ବା ବିଘଟନ ନାହିଁ ।"

ହେଲେ ତାଙ୍କ ବଚନ ? ତାଙ୍କ ଦୃଢ଼ୋକ୍ତି ?

କୌଣସି କୌଣସି ସଂକଟ ବେଳାରେ ଦୀନନାଥ ଯାହାଙ୍କୁ ଯେମିତି ପ୍ରେଡ଼ିକ୍‌ସନ୍ କରିଥାନ୍ତି, ତାହା ଅବଶ୍ୟ ଫଳିତ ହୋଇଥାଏ । ଏହା କିପରି ସଂଭବ ହେଉଛି ବୋଲି ସେ ଆଶ୍ଚର୍ଯ୍ୟ ହୁଅନ୍ତି । ଦୀନନାଥ ନିଜେ ହୁଏତ ଜାଣନ୍ତି ନାହିଁ, ସତ୍ୟନିଷ୍ଠ ନିରଳସ ସାଂସାରିକ ଜୀବନ ଅତିବାହିତ କରୁଥିବା ସଂସାରୀ ଲୋକଟିର ଯା'ଭିତରେ କେତେବେଳେ ବଚନ ସିଦ୍ଧ ହୋଇସାରିଛି । କିନ୍ତୁ ନାତି ସଂପର୍କିତ ଦୃଢ଼ୋକ୍ତି ତାଙ୍କ ହୃଦୟର ଗଭୀର ସତ୍ତାରୁ ଉଚ୍ଚାରିତ ହୋଇ ଆସିଥିଲା । ହୁଏତ ନାତି ତାଙ୍କ ଭିତରୁ ତାହା ଉଚ୍ଚାରିତ କରି ଦେଇ ପାରିଥାଏ ! ତେଣୁ ଏ ବଚନ ଯେଉଁଠୁ ଆସିଥାଉ, ତାହା ଅନ୍ୟଥା ହେବନାହିଁ । ନାତିକୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କର ଅନୁମାନ ମିଥ୍ୟା ହୋଇଯିବ, ଡାକ୍ତରୀ ପୁଅର ଆଶଂକା ଆଶଂକାରେ ଅଟକିଯିବ, ହେଲେ ଦୀନନାଥଙ୍କର ଉକ୍ତି ଭୁଲ ପ୍ରମାଣିତ ହେବନାହିଁ ବୋଲି ଏଇମାତ୍ର ତାଙ୍କର ଉପଲବ୍ଧି ହେଉଛି ।

ଅଧା ନିଦ ଏବଂ ଅଧା ତନ୍ଦ୍ରାଛନ୍ନ ଅବସ୍ଥାରେ ରାତି ପାହିଥିଲା ଦୀନନାଥଙ୍କର । ବିଛଣାରେ ଉଠିବସି ସେ ନାତିର ଶୁଭ ମନାସିଲେ । ନାତି ଭଲରେ ଭଲରେ ଫେରି ଆସୁ ତାଙ୍କ ପାଖକୁ, ଶୁଭଦା କୋଳକୁ । ଦୁଇ ପରିବାରର ଦୁଃଖ ଓ ବିମର୍ଷତା ଲାଘବ ହେଉ !

ନିତ୍ୟକର୍ମ ସମାପନ ଅନ୍ତେ କଲେଜ ଅଭିମୁଖେ ବସ୍ତ୍ରଯାତ୍ରା କରୁଥିଲାବେଳେ ତାଙ୍କ ଫୋନ୍ ରିଂ ହେଲା । ଉଠାଇ ଦେଖିଲେ ଲତିକା !

"ହଁ, କ'ଣ ହେଲା ?"

"ମୁଁ ଏଇ ନର୍ସିଂହୋମ୍ ଚାଲି ଆସିଛି ସାର୍ ! ସାଂଗରେ ସେ ବି ଆସିଛନ୍ତି । ଆମେ ଭୁବନେଶ୍ୱରରୁ ଗତକାଲି ବିଳମ୍ବିତ ରାତିରେ ଆସି ପହଞ୍ଚିଲୁ । ଘରକୁ ଫୋନ୍ ଲଗେଇଥିଲି । ଦିଦି (କଳ୍ପଲତା) ବୋଧହୁଏ ବାଥ୍‌ରୁମ୍‌ରେ । ପ୍ରତୀକ୍ଷା ନ କରି ଚାଲିଆସିଲି । ହେଲେ ଶୁଭଦାର କ୍ୟାବିନ୍ ପାଉନାହିଁ । କେତେ ନମ୍ବର କେବିନ୍ ?"

"ଶହେ ଛ' ନମ୍ବର ।"

ଆଉ ଅଧିକ କିଛି କହିବାର ଆବଶ୍ୟକତା ଅନୁଭବ କଲେ ନାହିଁ ଦୀନନାଥ । ନିଜ ତରଫରୁ ଫୋନ୍ କାଟିଦେଲେ । ନାତିସଂପର୍କିତ ସମସ୍ତ ଘଟଣା ସମୟାନୁକ୍ରମିକ ସେ ତାଙ୍କ ପାଖରୁ କିମ୍ବା ଦିଦିଙ୍କ ପାଖରୁ ବୁଝି ଆସିଛି ଏ ଯାଏଁ । କେବଳ ଶୁଭଦାକୁ ଦେଖା କରିବା କଥା । ଏଇଥିପାଇଁ ନର୍ସିଂହୋମ୍ ।

ଶୁଭକାନ୍ତ ବୋଧହୁଏ ଏ ଯାଏଁ ବିଛଣା ଛାଡ଼ିନାହିଁ । ନଚେତ୍ ସେ ଲତିକାଙ୍କର ଫୋନ୍ ଉଠେଇ ପାରିଥାନ୍ତା ! ଗତ ପୂର୍ବଦିନ ରାତିରେ ସେ ଆଦୌ ବି ଶୋଇ ନଥିଲା । ବରଂ ଆଉ କିଛି ସମୟ ଶୋଇପଡୁ ।

ଏପଟେ ଲମ୍ବୋଦର ବାବୁଙ୍କୁ ତଳ ୱେଟିଂରୁମ୍‌ରେ ବସେଇ ଦେଇ ଲତିକା ଗଲେ ଉପରକୁ ଏବଂ ଅଳ୍ପ ପ୍ରୟାସ ପରେ ଶୁଭଦାର ରୁମ୍ ପାଇଗଲେ । ଦୁଆର ଠେଲିବା ପୂର୍ବରୁ କିଛିକ୍ଷଣ ବାହାରେ ଛିଡ଼ାହୋଇ ନିଜ ମୁହଁରୁ ଦୁଃଖ ଏବଂ ବିଷାଦର କାଳିମାକୁ ପୋଛି ପକେଇଲେ । ବଦଳରେ ସେଠି ଖୁସି ଏବଂ ହସର ପ୍ରଲେପ ମାଖି ତା' ପାଇଁ ବିସ୍କୁଟ୍, ପାଉଁରୁଟି ଓ ହରଲିକ୍ସର ସଂଭାର ଧରି ପ୍ରବେଶ କଲେ ।

ଆଣ୍ଟିଙ୍କୁ ଦେଖି ହସିଲା ଶୁଭଦା । କିନ୍ତୁ ସେ ହସରେ ଏତେ ଉଚ୍ଛଳତା ନ ଥିଲା । ଆଣ୍ଟି ତା' ନିକଟରେ ପୁଅ ଶୋଇ ନଥିବା ଦେଖି ଫେରିବେ ! ଏଇ ଦୁଃଖରେ ସେ ଭାଙ୍ଗି ପଡ଼ିଲା ।

ଲତିକା ଦେବୀ ମୁହଁରୁ ହସର ପ୍ରଲେପଟିକୁ ଲିଭେଇ ନ ଥିଲେ । ସମୁଦୁଣୀଙ୍କୁ ନମସ୍କାର ଜଣେଇ ଶୁଭଦାର ମୁଣ୍ଡ ଆଉଁସି ଦେଲେ କୃତ୍ରିମ ଖୁସିରେ । କହିଲେ -

"ଆମେ ନ ଥିଲୁ । ତୁମେ ଯେଉଁଦିନ ଓପରଓଳି ନର୍ସିଂହୋମ୍ ଆସିଛ, ଆମେ ସେଇଦିନ ସକାଳେ ଭୁବନେଶ୍ୱର ବାହାରି ଯାଇଥିଲୁ । ଗୁଡ଼ାଏ ଗୁରୁତ୍ୱପୂର୍ଣ୍ଣ କାମ ଥିଲା । ସେଇଠି ଆମର ଚତୁର୍ଦ୍ଦଶୀ ପାଳିବାର ଥିଲା। ପୁଅ ଝିଅଙ୍କ ସ୍କୁଲ ଓ ରେସିଡେନସିଆଲ୍ କଲେଜରେ କାମଥିଲା । କାମସାରି କାଲି ବିଳମ୍ବିତ ରାତିରେ ଘରକୁ ଫେରିଲୁ । ଅବଶ୍ୟ ଫୋନ୍ ମାଧ୍ୟମରେ ସାର୍ ଓ ଦିଦିଙ୍କ ପାଖରୁ ତୁମର ଟିକିନିଖି ଖବର ରଖିଥିଲି । ସାର୍ ତ ଆଗ ମୋତେ ଫୋନ୍ କରି କହିଲେ, ତାଙ୍କର ପ୍ରମୋଶନ୍ ହୋଇଚି ବୋଲି !"

ଶୁଭଦା ଚକିତ ହେଲା; "ପ୍ରମୋସନ୍ ?"

"ତୁମ ପରି ମୁଁ ବି ଚକିତ ହେଲି ତାଙ୍କ କଥାରେ । ତା'ପରେ ସେ ମୋତେ ସେଇ ଫୋନ୍‌ରେ 'ପ୍ରମୋସନ୍'ର ଅର୍ଥ ଅଜାହେବା କଥା ବୁଝେଇ ଦେଲେ ।"

ଏ କଥାରେ ସମସ୍ତେ ହସି ଉଠିଲେ । ଶୁଭଦା କହିଲା - "ବାପାଙ୍କ କଥା ସବୁବେଳେ ଏମିତି ।"

ପୁଅ କଥା ପଡ଼ିଲାବେଳକୁ ସାମୟିକ ହସଖୁସି ଓ ପୁଲକ ନିଆଁରେ ପାଣି ପଡ଼ିଲା ପରି ଲିଭିଗଲା । ଶୁଭଦାର ହାତ ଅଲକ୍ଷ୍ୟରେ ଦୋଳି ପର୍ଯ୍ୟନ୍ତ ଲମ୍ବିଗଲା । ସମୁଦୁଣୀ ବିଷଣ୍ଣ ଦିଶିଲେ । ଲତିକାଙ୍କ ମୁହଁରୁ କୃତ୍ରିମ ଖୁସିର ପ୍ରଲେପ ଲିଭିଗଲା । ଦୁଃଖରେ କରତି ହୋଇଥିବା ହୃଦୟ,ଶୁଭଦାକୁ ଚାହିଁ ଦେଇ ଆହୁରି ବିଗଳିତ ହୋଇ ପଡ଼ିଲା । ତଥାପି ମିଛ କହିଲେ ଲତିକା ।

"ପୁଅ ମେଡ଼ିକାଲ୍ ଏସ୍.ଏନ୍.ସି.ୟୁ.ରେ ଅଛି । ସାର୍‌ଙ୍କୁ ପଚାରୁଥିଲି, ଭଲ ଅଛି ବୋଲି କହୁଥିଲେ । ତୁମେ ତାକୁ ଦେଖିଛ ?"

"ନାଇଁ ।" - ବହୁ ଯନ୍ତ୍ରଣାସିକ୍ତ ଥିଲା ଏଇ ଶବ୍ଦଟି । ଆଉ କିଛି କଥା ଅନୁଚ୍ଚାରିତ ହୋଇ ରହିଗଲା ।

ମିଛ ଆଶ୍ୱାସନା ଦେଲେ ଲତିକା, ଶୁଭଦାକୁ ।

"ଏଇ ଦିନେ ଦୁଇଦିନ ଭିତରେ ସବୁ ଠିକ୍ ହୋଇଯିବ । ପୁଅ ଲେଉଟି ଆସିବ ଡାକ୍ତରଖାନାରୁ ତୁମ କୋଳକୁ । ଏଠୁ ଗଲାପରେ ବାଲେଶ୍ୱରରେ ରହିବ, ନା ଭଦ୍ରକ ଯିବ ?"

"କ'ଣ ହବ, ମୁଁ ଜାଣେନା ।"

ସମୁଦୁଣୀ ବି କିଛି କହିଲେ ନାହିଁ । ଅନିଶ୍ଚିତ ପଥରେ ଗତି କରୁଥିବା ସମୟ ଶୁଭଦା ପାଇଁ କି ନିର୍ଣ୍ଣୟ ନେବ, ତାହା ସେ ଆଦୌ ଅନୁମାନ କରିପାରୁ ନଥିଲେ । କହିଲେ -

"ସବୁ କୃପାମୟଙ୍କ ଇଚ୍ଛା ।"

ଅଧଘଣ୍ଟାରୁ ଊର୍ଦ୍ଧ୍ୱକାଳ ଅତିବାହିତ କରି ଥମ୍ ଥମ୍ ମୁହଁ ଓ ଭାରିପାଦରେ ଶୁଭଦାର କେବିନ୍‌ରୁ ବାହାରି ଆସିଲେ ଲତିକା । ପରିପାର୍ଶ୍ୱକୁ ଆଦୌ ନଜର ନ ଥିଲା ତାଙ୍କର । ନିଜର ହୃଦୟ ଭିତରେ ପ୍ରତିଫଳିତ ହେଉଥିଲା କେବଳ ଶୁଭଦାର ବିଷଣ୍ଣ ଓ ଶୁଖିଲା ମୁହଁ । କେତେବେଳେ ୱେଟିଂ ରୁମ୍‌ରେ ଆସି ଲମ୍ବୋଦର ବାବୁଙ୍କ ପାଖରେ ଛିଡ଼ା ହୋଇଥିଲେ, ସେ ଜାଣିପାରି ନ ଥିଲେ ।

"ଏବେ ଯିବା ?" - ପଚାରିଲେ ଲମ୍ବୋଦର ବାବୁ ।

କିଛି କହିପାରିଲାନି ଲତିକା । ତା' ଗଳାକୁ ସେତେବେଳେ କେଉଁ ଅଦୃଷ୍ଟ ଶକ୍ତିଟିଏ ଚାପି ଧରିଥିଲା କେଜାଣି, ହଁ, ବୋଲି ଉଚ୍ଚାରଣ କରିବା ଅସମ୍ଭବ ଥିଲା । ହାତରେ ଠାରି ଦେଇ ଆସି ବାହାରେ ଗାଡ଼ି ପାଖରେ ଛିଡ଼ା ହୋଇଗଲେ ।

ଲମ୍ବୋଦର ବାବୁଙ୍କୁ ଅଫିସ୍ ବିଦା କରିଦେଇ ଗାଧୋଇ ପାଧୋଇ ମନ୍ଦିର ଗଲେ ଲତିକା, ନାତିର ଶୁଭ ମାନସୀ ଫୁଲ ଚନ୍ଦନ ଲାଗି କରିବାକୁ ।

ପୁରୋହିତ ମନ୍ତ୍ର ଉଚ୍ଚାରଣ କରି ଫୁଲଚନ୍ଦନ ଠାକୁରଙ୍କ ମୁଣ୍ଡରେ ଲାଗି କରଉ କରଉ ପଚାରିଲେ -

"ଝିଅର ନାମ କ'ଣ ?"

"ଶୁଭଦା ।" - ଲତିକା କହିଲେ ।

କିଛିକ୍ଷଣ ଉତ୍ତାରେ ପୁଣି ପଚାରିଲେ -

"ନବ ଜାତକର ନାମ କ'ଣ ?"

"ପିଲାର ନାମ ଦିଆ ହୋଇନାହିଁ । ତିନିଦିନର ପିଲା । ସଂକଟରେ ଅଛି ।"

"ତଥାପି ଗୋଟେ କ'ଣ ନାଁ ଦେଇ ଦିଅନ୍ତୁ ।"

"ଆରିୟନ୍ । ଏଇ ନାମରେ ଫୁଲ ଦେଇ ମନ୍ତ୍ରୋଚ୍ଚାରଣ କରନ୍ତୁ ।"

- କହିଲେ ଲତିକା ଏବଂ ଆଶ୍ଚର୍ଯ୍ୟ ହେଲେ ଯେ ଏମିତି ଗୋଟେ ଦୁର୍ଲଭ ନାଁ ତାଙ୍କ ପାଟି ଭିତରୁ ଉଚ୍ଚାରିତ ହୋଇଗଲା କିପରି ?

'ଆରିୟନ୍' ବା 'ଆର୍ଯ୍ୟ' !! ପ୍ରାଚୀନ ଭାରତର ଆର୍ଯ୍ୟାବର୍ତ୍ତରେ ସମସ୍ତ ପ୍ରାଜ୍ଞ ପୁରୁଷମାନେ ଥିଲେ ଆର୍ଯ୍ୟ । ଶୁଭଦାର ପୁଅ ହେବ ଆର୍ଯ୍ୟ । ସମଗ୍ର ଭାରତବର୍ଷ ବା ଆର୍ଯ୍ୟଭୂମିରେ ନାଁ ଟେକ ରଖିବ ! ତୁରନ୍ତ ସେ ଭଲ ହୋଇ ଶୁଭଦା କୋଳକୁ ଫେରିବା ଦରକାର ।

ଜୁହାର ହୋଇ ଉଠିଲା ବେଳକୁ ଠାକୁରଙ୍କ ମସ୍ତକରୁ ଫୁଲଟିଏ ଖସି ପଡ଼ିଲା । ପୂଜକ ସେଇଟିକୁ ଉଠେଇ ଆଣି ଲତିକା ଦେବୀଙ୍କ ହାତରେ ଦେଲେ । ପୂଜକଙ୍କୁ ପାଉଣା ଦେଇ ଫୁଲଟି ଧରି ସେ ଲେଉଟି ଆସିଲେ ଘରକୁ । ଦୀନନାଥ ବାବୁଙ୍କ ଗେଟ୍ ଖୋଲି ଭିତରେ ପ୍ରବେଶ କଲେ । ଉଦ୍ଦେଶ୍ୟ ଦିଦିଙ୍କୁ ଦେଖାକରି ଯିବେ । ହେଲେ ଘରେ ଚାବି ଦିଆଯାଇଥିବା ଲକ୍ଷ୍ୟ କରି ସେ ପୁଣି ଲେଉଟି ଗଲେ ନିଜ ଘରକୁ ।

ନିଜ ଘର ନିଜକୁ ଭାରି ଶୂନ୍‌ଶାନ୍ ଲାଗିଲା ଲତିକାଙ୍କୁ । ସେତେବେଳେ ଲମ୍ବୋଦର ବାବୁ ଅଫିସ୍ ଯାଇଥିଲେ । ଏକୁଟିଆପଣ ତାଙ୍କୁ ଆହୁରି ମାଡ଼ି ବସିଲା । ଯାଙ୍କର ଅଫିସ୍‌ରୁ ଫେରୁ ଫେରୁ ସଂଧ୍ୟା ।

ଏକୁଟିଆ ଘର ଭିତରଟାରେ ଏପଟ ସେପଟ ହେଲେ ଯାହା । ସେ ରୁମ୍‌ରୁ ଏ ରୁମ୍, ଏ ରୁମ୍‌ରୁ ସେ ରୁମ୍ । କେଉଁଠି ତାଙ୍କର ମନ ଲାଗୁ ନଥିଲା । ନିଜକୁ ଭାରି ଦୁଃଖୀ ଦୁଃଖୀ ଲାଗୁଥିଲା । ଟିଭି ପାଖରେ ବି ମନ ଲାଗିଲା ନାହିଁ । ଏ ପାଖ ସେ ପାଖ ହୋଇ ଗୋଟିଏ ଦୁଃଖରେ ଶୋଇ ପଡ଼ିଲେ ଯେ, ଉଠୁ ଉଠୁ ସଂଧ୍ୟା ହୋଇ ଯାଇଥିଲା । ରୋଷେଇ ହେଲା ନାହିଁ, କି ଖିଆପିଆ ବି ହେଲା ନାହିଁ ।

ସେଦିନ ସକାଳେ ଭବେଶ ସଅଳ ସଅଳ ନିଜର ନିତ୍ୟକର୍ମ ସାରି ଦେଇ ବାହାରିଲା ଧବଳେଶ୍ୱର ପୀଠ । ସାରାରାତି ସେ ଶୋଇପାରି ନଥିଲା । ଉଜାଗର ରହି ବାରମ୍ବାର ପୁଅ ପାଖରୁ ଆପଣା କକ୍ଷକୁ, ପୁଣି ପୁଅ ପାଖକୁ ଯିବା ଆସିବା ଭିତରେ ରାତି ପାହି ଯାଇଥିଲା । (କ୍ରମଶଃ)

# ବାରହା

ଅଣୁ ଗଳ୍ପ



ପି.ପୁରବୀ ମହାନ୍ତି

ଝୁମୁରି ଝୁମୁରୀ ଆଃ.. ଆଃ.. କହିଲେ ଅତି ଅନାବିଳ ସ୍ନେହ , ଶ୍ରଦ୍ଧା , ବିଶ୍ୱାସ ଓ ମମତାର ବନ୍ଧନରେ ବାନ୍ଧି ହୋଇଥିବା ପଶୁ ଟି ପାଖକୁ ଦୌଡି ଆସେ । ବିଶ୍ୱାସରେ ଧରାଦିଏ ନା କିଛି ମାଗେ ନା କିଛି କହେ । ହୃଦୟର ଭାଷାକୁ ସେ କହେ ଆଉ ହିମା ତା ଅନ୍ତରକୁ ବୁଝିପାରେ । ସତେ ଯେପରି ହିମା ତାର ସର୍ବସ୍ୱ । ଆଉଁସି ଦେଲେ ପାଖରେ ଘଷି ହୁଏ, ପାଦତଳେ ଚାରି ଗୋଡ଼କୁ ଟେକି ଲୋଟିଯାଏ । ଅତି ଆପଣାର ଜୀବଟିଏ ସେ ହିମା ପାଇଁ । କି ଅନାବିଳ ପ୍ରେମ ତା ଭିତରେ ଭରି ରହିଛି ବ୍ୟକ୍ତ କରିବା ସମ୍ଭବ ନୁହେଁ । ପଶୁ ପାଖରେ ଏ ଆତ୍ମୀୟତା ସତରେ ହୃଦୟ ଛୁଇଁଯାଏ । ମଣିଷ ମୁହଁ ମୋଡ଼ି ଦେବେ କିନ୍ତୁ ସେ ପଶୁ ଟି ମୁହଁ ପାଖରୁ ଦୂରକୁ ଯାଇପାରେ ନାହିଁ । ସାଙ୍ଗରେ ଖାଇବା, ଗାଧୋଇବା, କର୍ମକ୍ଷେତ୍ରକୁ ଗଲେ ସାଙ୍ଗରେ ଯିବା ଓ କର୍ମକ୍ଷେତ୍ର ପିଲାମାନଙ୍କ ସହ ମିଶିଯିବା, ପିଲାମାନଙ୍କୁ ପାଠ ପଢ଼ାଇଲା ବେଳେ ମନଦେଇ ହୀମାକୁ ଶୁଣିବା, ବିଦ୍ୟାଳୟର ପ୍ରଥମ ଅବକାଶରେ ପିଲାମାନଙ୍କ ସହ ପରିସ୍ରା କରିଯିବା ଓ ଘଣ୍ଟା ବାଜିଲେ ଦୌଡି ଆସିବା । କିଏ କହିପାରିବ ଯେ କେଉଁ ଜନ୍ମର ସମ୍ପର୍କରେ ବନ୍ଧା ଏ ଡୋରି । ତାର ନିର୍ଦ୍ଦିଷ୍ଟ ସ୍ଥାନରେ ସବୁଦିନ ହିମାକୁ ଅନୁକରଣ କରୁଥାଏ । ଯେମିତି କି ସେ ହିମାର ଛାଇ । ଛାଇ ମଧ୍ୟ ଏକ ସମୟରେ ପାଖ ଛାଡିଦିଏ କିନ୍ତୁ ଏ ପଶୁଟି ସଦାବେଳେ ପାଖରେ ରହେ । ଚାଲ୍ ଖାଇଯିବା କହିଲେ ହିମା ଆଗରେ ଆଗରେ ଆସେ । କେବେ ଥକି ପଡ଼େନାହିଁ, ସବୁବେଳେ ଚଞ୍ଚଳ । ସବୁଦିନ ଅନ୍ୟତ୍ର ଶୋଇବା ଜାଗା କଲେ ମଧ୍ୟ ପଳାଇ ଆସେ ଆଉ ହିମା ଖଟତଳେ ଶୁଏ । ଯେମିତି କି ଶୋଇବା ପୂର୍ବରୁ ହିମାର ମୁହଁ ଆଉ ସକାଳୁ ଉଠିଲେ ମଧ୍ୟ ହିମାର ଚେହେରା ତାକୁ ଦେଖିବାର ଅଛି । ଗାଆଁ ଲୋକ କୁହନ୍ତି 'ଆଜ୍ଞା ନିଜର ଛୁଆ ପରି ପାଳୁଛନ୍ତି ତାକୁ ।' ଏତେ ଅନ୍ତରଙ୍ଗ ସମ୍ପର୍କ ସାଧାରଣତଃ ଦେଖିବାକୁ ମିଳେନାହିଁ । ହିମା ଯଦି ତାକୁ ଛୁଆ ଭାବି ତାର ଯତ୍ନ କରେ ତେବେ ସେ ମଧ୍ୟ ହିମାକୁ ତାର ସବୁକିଛି ଭାବି ସ୍ନେହ ଦିଏ ପ୍ରତି ମୁହୂର୍ତ୍ତରେ । ସେ ସମୟରେ ବିଦ୍ୟାଳୟକୁ ଗହମ ଗୁଣ୍ଡ ଓ ଦୁଗ୍ଧ ପାଉଡର ଆଦି ଅନେକ କିସମର ଖାଦ୍ୟ ଆସୁଥିଲା ପିଲାମାନଙ୍କ ପାଇଁ, ଆଉ ସେସବୁକୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଦିଆଯାଉଥିଲା । ସେ ପିଲାମାନଙ୍କ ସହ ଧାଡ଼ିରେ ଶେଷରେ ଠିଆ ହୋଇଥାଏ । ପିଲାମାନେ କୁହନ୍ତି ସାର୍ ତାକୁ ଆଗେ ଦିଅନ୍ତୁ । ପିଲାମାନେ ମଧ୍ୟ ତା ପ୍ରେମ, ବନ୍ଧୁତା ଓ ନିବିଡ଼ ସମ୍ପର୍କରେ ଯୋଡ଼ି ହୋଇ ଯାଇଥିଲେ । ତା ପାଖରେ ଶାଳପତ୍ର ଖଲି ପିଲାମାନେ ପକାଇ ଦିଅନ୍ତି, ତାକୁ ଦେଲେ ମଧ୍ୟ ସେ ଆଗରେ ଖାଏନାହିଁ । ସମସ୍ତ ପିଲାମାନଙ୍କୁ ଦେଲାପରେ ଭୋଜନ ମନ୍ତ୍ର ପଠନ କରିସାରିଲା ପରେ ପିଲାମାନେ ଖାଆନ୍ତି । ତେବେ ଯାଇଁ ସେ ବି ଖାଏ । ସେ ମଧ୍ୟ ଏକ ନିୟମ ଶୃଙ୍ଖଳାରେ ନିଜକୁ ପରିଚାଳିତ କରୁଥାଏ ଏବଂ ସବୁଠୁ ବେଶି ଆଶ୍ଚର୍ଯ୍ୟ କି ଏକ ପଶୁ ହୋଇ ଏତେ ବୁଦ୍ଧି ବିବେକ ଥିଲା ତା ପାଖରେ । ହିମା ଦିନେଦିନେ ଭାବେ ସେ ପଶୁଟି ବୋଧହୁଏ ଭାବୁଥିବ ମୋତେ କଣ ଦେଲେ ଆଉ ଅନ୍ୟ ପିଲାମାନଙ୍କୁ କଣ ଦେଲେ, ସେ ଅନୁଭବ କରେ ଏହା ମୋର ଖାଦ୍ୟ ତା ପରେ ସେ ଖାଏ । ପିଲାମାନଙ୍କ ସଦୃଶ ଅଭିମାନ ବି କରେ । ଆଉ ବେଶୀ ଅଭିମାନ ହିମା ଉପରେ ତାର । ପିଲାମାନେ ବର୍ଷାରେ ଓଦା ହୋଇ ଖେଳିଲେ ସେ ମଧ୍ୟ ତାଙ୍କ ସହିତ ଖେଳେ ଆଉ ହିମାକୁ ଦେଖି ଡରି ପିଲାମାନେ ଘର ଭିତରକୁ ଚାଲି ଆସିଲେ ସେ ମଧ୍ୟ ତାଙ୍କ ପଛେପଛେ ଆସେ । ନିଜକୁ ଭୁଲିଯାଏ ଯେ ମୁଁ ଏକ ପଶୁ ବାରହା, ଜଙ୍ଗଲରେ ରହିବାକୁ ବାଧ କାରଣ ଘଞ୍ଚଜଙ୍ଗଲ ମୋ ଘର । ଜଙ୍ଗଲରୁ ମିଳୁଥିବା ଖାଦ୍ୟ ଖାଇ ବଞ୍ଚିରହିଥାଏ । ଜଙ୍ଗଲକୁ ଛାଡି ବାହାରକୁ ବିଶେଷ କରି ମଣିଷ ସମାଜକୁ ସେମାନେ ଆସନ୍ତି ନାହିଁ । ଏହା ହେଉଛି ମଣିଷ ସମାଜ । ଏମାନଙ୍କର ପାଖରେ ରହି ଏଭଳି ସ୍ନେହ ମମତା ଭରା ସମ୍ପର୍କ ରହିବା କିପରି ସମ୍ଭବ। ସତେ ଯେପରି ସେ ଏକ ପଶୁ ନୁହେଁ ଭଗବାନ ସୃଷ୍ଟି । ଏକ ଅମୂଲ୍ୟ ବରଦାନ । ସେ ଚିନ୍ତାକରେ ମୁଁ ବି ଏମାନଙ୍କ ପରି ଜଣେ । କୁହନ୍ତି ନି ଖୁସିରେ ରହିଲେ ଅନ୍ୟ ମାନଙ୍କର ଆଖିରେ କଣ୍ଟା ଭଳି ଫୋଡି ହୋଇଯାଏ ଆଉ ଈର୍ଷାରେ କିଛି ବି କରି ଦିଅନ୍ତି । ଥରେ ସେମିତି ଜଣେ ଜଙ୍ଗଲ ବିଭାଗର କର୍ମଚାରୀ ଆସି କହିଲେ ଆପଣ କାହିଁକି ରଖିଛନ୍ତି ତାକୁ, ଜଙ୍ଗଲରେ ଛାଡି ଦେଇ ଆସନ୍ତୁ । ସେ ପରା ଜଂଗଲୀ ଜନ୍ତୁ । ହିମା କହିଲା 'ଆପଣ ନେଇ ଯାଆନ୍ତୁ ଜଙ୍ଗଲରେ ଛାଡ଼ିଦେବେ ତାକୁ । ମୋର ସାହସ ନାହିଁ ତାକୁ ନିଜଠାରୁ ଦୂରେଇ ଦେବାକୁ ।' ସେ କର୍ମଚାରୀ ତାକୁ ନେବା ପାଇଁ ଚାହିଁଲେ ଓ ସେ ବାରହାର କ୍ରୋଧ ମୂର୍ତ୍ତି ଦେଖି , ତା ରାଗ ଦେଖି ଛାନିଆରେ ସେ ସ୍ଥାନ ଛାଡି ଦୌଡି ପଳାଇଲେ । ତାପରେ ସେ ଯାଇ ଆନନ୍ଦପୁର ଡିଏଫଓଙ୍କୁ ଖବର ଦେଲେ ଆଉ ସେ ହୀମାକୁ କହିଲେ ଆପଣ ନେଇ ତାକୁ ନନ୍ଦନକାନନରେ ଛାଡି ଦିଅନ୍ତୁ । ଆମ ଗାଡ଼ି ଆପଣଙ୍କ ସାଙ୍ଗରେ ଯିବ ସେଠି ଛାଡ଼ିବାକୁ । ସେ ବାରହା କିନ୍ତୁ ସେ ସ୍ଥାନରୁ ଆସିଲା ନାହିଁ । ହିମା ସାଙ୍ଗରେ ହିଁ ରହିଲା । ସେମାନଙ୍କୁ ଦେଖି ରାଗରେ ଆକ୍ରମଣ କରିବା ପାଇଁ ଉଦ୍ୟତ ହେଲା । ପୁରାପୁରି ରାଗି ଯାଇଥାଏ ସେ । ସେ ବୋଧହୁଏ ଚିନ୍ତା କରୁଥିବ, ଏ ମଣିଷ ସମାଜରେ ହିମା ଭଳି ମଣିଷ ଯେମିତି ଥାଆନ୍ତି ସେପରି ଆହୁରି ସ୍ୱାର୍ଥପର ମଣିଷ ମଧ୍ୟ ଥାଆନ୍ତି । ତେଣୁ ସେ ଆକ୍ରମଣ କରିବାକୁ ଉଦ୍ୟତ ହେଉଥାଏ । ହିମା ନଥିଲେ ସେ କର୍ମକର୍ତ୍ତା ମାନେ ଜୀବନରେ ବଞ୍ଚିନଥାନ୍ତେ । ମାରିଦେଇଥାନ୍ତା ସେ ସଭିଙ୍କୁ ।

ଏମିତି ଚାଲିଲା ଜୀବନ ହିମାର ସେ ବାରହା ସହିତ । ତାପରେ ହିମାର ଗ୍ରୀଷ୍ମ ଛୁଟି ହେଲା । ହିମା ଆନନ୍ଦପୁର ଚାଲିଆସିଲା । ହିମା ବହୁ ଚେଷ୍ଟାକରି ତା'ଠୁ ଲୁଚି ପଳେଇଆସିଲା । ବାରହା କିଛି ଜାଣି ପାରିଲା ନାହିଁ । ତାପରେ ସେ ସେଠି ଖାଇଲା ନାହିଁ, ପିଇଲା ନାହିଁ, ଶୋଇ ରହିଲା । ତା ମନ ପୁରା ଖରାପ ହୋଇଯାଇଥାଏ ହିମାକୁ ନ ପାଇ । ହିମା ଯେଉଁ ରାସ୍ତାରେ ଗାଆଁକୁ ଯା ଆସ କରେ ସେହି ରାସ୍ତାକୁ ଆସି ଶୋଇରୁହେ। ଖୋଜିବୁଲେ ଚାରିଆଡ଼େ, ଯେଉଁ ଆଡ଼େ ହିମାର ଯିବା ଆସିବା ଲାଗି ରହିଥିଲା । କିଛିଦିନ ଗଲାପରେ ବାରହାଟି କେଉଁଆଡେ ଚାଲିଗଲା । ଲୋକମାନେ ତାକୁ ବହୁତ ଖୋଜିଲେ, ହିମା ପାଖକୁ ଆସିଲେ, ହିମା ଚାଲି ଚାଲି ଜଙ୍ଗଲ ସାରା ବୁଲି ବୁଲି ଖୋଜିଲା ଝୁମୁରି ଝୁମୁରି ବୋଲି କେତେ ଡାକିଲା ।

ଏକ ନିଭୃତ କୋଣରୁ ସେ ଉଚ୍ଚ ସ୍ୱରରେ ଜବାବ ଆସିଲା । ହିମା ଆଉ ଅନ୍ୟମାନେ ଯାଇ ସେଠାରେ ପହଞ୍ଚିଲେ । ସେ ମୂମୂର୍ଷ ଅବସ୍ଥାରେ ପଡ଼ିରହିଛି । ଅନ୍ୟ ବାରହାମାନେ ତାକୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଛନ୍ତି । ସେ ଭଲ ଭାବରେ ଆଖିଖୋଲି ଦେଖି ପାରୁ ନଥାଏ ହିମାକୁ । ପାଖକୁ ଆସି ସେବା କରିଲା ହିମା, ଡାକ୍ତରଙ୍କୁ ଦେଖାଇଲା । କିନ୍ତୁ ଆଠ ଦିନ ପରେ ସେ ଆଖି ବୁଜି ଦେଲା । ହିମା ଆଖିରୁ ଅନବରତ ଲୁହ ଝରିବାକୁ ଲାଗିଲା । ହିମା ନିଜକୁ ବିଶ୍ୱାସ କରିପାରିଲା ନାହିଁ କି ଏତେ ଆପଣାର ଥିଲା ସେ । ଗୋଟିଏ ପଶୁ, ଆଉ ଗୋଟିଏ ପଟେ ହିମା ମଣିଷ । କି ହୃଦୟ ସମ୍ପର୍କର ବନ୍ଧନ ! ତାର ଓ ହିମା ମଧ୍ୟରେ ଭରି ରହିଥିଲା ଅନାବିଳ ସ୍ନେହ, ମମତା, ଶ୍ରଦ୍ଧା ଓ ବିଶ୍ୱାସ । ଆଜି ପର୍ଯ୍ୟନ୍ତ ତାର ସ୍ମୃତି ହିମାର ମାନସପଟରୁ ଲିଭି ନାହିଁ ଯାହା ଲିପିବଦ୍ଧ ହୋଇ ରହି ଯାଇଛି ତା' ମନରେ।



+ ବଣାଇଁ ଗଡ଼, ସୁନ୍ଦରଗଡ଼
(ମୋ)୭୯୭୮୮୫୦୮୯୮

## ଚିନ୍ତା ଅନୁଚିନ୍ତା (୧୦)

# ପୂର୍ଣ୍ଣ ସମର୍ପଣରେ ହିଁ ଗୁରୁ ଆଶୀର୍ବାଦ ମିଳେ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।



ସୁନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ପୁରାକାଳର ଆଦର୍ଶଗୁରୁ ଓ ଆଦର୍ଶ ଶିଷ୍ୟର କାହାଣୀ ଏଯାବତ୍ ଆମ ସମାଜ ଜୀବନକୁ ପ୍ରେରଣା ଯୋଗାଇ ଆସୁଛି । ଉପମନ୍ୟୁ, ଏକଲବ୍ୟ, ଶିବାଜୀଙ୍କ କାହାଣୀ ପିଢ଼ି ପରେ ପିଢ଼ିକୁ ଆଚ୍ଛାଦିତ କରିଛି । ଗୁରୁଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ପୂର୍ଣ୍ଣ ସମର୍ପଣ ଭାବ ପ୍ରକଟ ଜରିଆରେ ସେମାନେ ଜନମାନସରେ ଆଦର୍ଶ ଶିଷ୍ୟର ମାନ୍ୟତା ଲଭିଛନ୍ତି । ଅନେକ ସମୟରେ ଛାତ୍ରସମାଜ(ଶିଷ୍ୟ) ଗୁରୁଙ୍କର ମହାନୁଭବତାକୁ ଜାଣିବା ପରିବର୍ତ୍ତେ ଯୁକ୍ତି ଓ ତର୍କରେ ନିମଜ୍ଜିତ ରହି ଗୁରୁଙ୍କ ହୃଦୟର କଲ୍ୟାଣକୁ ଧାରଣ କରିବାରୁ ବଞ୍ଚିତ ହୁଅନ୍ତି । ଗୁରୁବାକ୍ୟ ଶିରୋଧାର୍ଯ୍ୟ ମନେକରି ଯେଉଁମାନେ ସେ ଦିଗରେ ଧାବମାନ ହୋଇଛନ୍ତି ତାହାର ସୁଫଳ ଲାଭକରି ଜୀବନକୁ ଧନ୍ୟ ମନେ କରିଥାନ୍ତି ।

ଗୁରୁଙ୍କ ଆଦେଶ ବା ନିର୍ଦ୍ଦେଶ କେବେ ଶିଷ୍ୟର ଅମଙ୍ଗଳ ପାଇଁ ଉଦ୍ଦିଷ୍ଟ ହୁଏନା । ଗୁରୁ କେବଳ ଜ୍ଞାନଦାତା ନୁହଁନ୍ତି ବରଂ ସେ ମୁକ୍ତିଦାତା । ସକଳ ସମସ୍ୟାର ସମାଧାନର ସୂତ୍ର ସେ ତାଙ୍କ ସାଧ ମୋତେ ଶିଷ୍ୟଙ୍କୁ ବତାଇ ଦେଇଥାନ୍ତି । ଆଜ୍ଞାକାରୀ ଶିଷ୍ୟ ଏଥିରେ ସଦା ଉପକୃତ ହୋଇ ଗୁରୁଙ୍କର ଯଶକୀର୍ତ୍ତିକୁ ଦିଗଦିଗନ୍ତକୁ ଛୁଟାଇ ଦେଇଥାଏ । ସେଥିପାଇଁ ଗୁରୁଙ୍କୁ ଆମର ଶାସ୍ତ୍ରରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପେ ସମ୍ବୋଧିତ କରାଯାଇଛି । ଅର୍ଥାତ୍ ସେ ସୃଷ୍ଟି, ପାଳନ ଓ ସଂହାରର ପ୍ରତୀକ ସଦୃଶ । ସେ ଶିଷ୍ୟ ବା ଛାତ୍ର ମଧ୍ୟରେ ସୃଷ୍ଟିସର୍ଜନାର କଳାକୌଶଳ ଭରି ଦିଅନ୍ତି। ପାଳନର ବିଧି ବତାଇ ଥା'ନ୍ତି । ମାତ୍ର ସେଥିରୁ ବ୍ୟତିକ୍ରମ ଘଟାଇଲେ ତା'ର ସମୁଚିତ ଦଣ୍ଡବିଧାନ ବା ସଂହାରର ଅବସ୍ଥାକୁ ଚେତାଇ ଦେଇପାରନ୍ତି । ସେଥିପାଇଁ କୁହାଗଲା 'ଗୁରୁ ବିନା ନାହିଁ ଗତି ମୁକ୍ତି' ।

ତେବେ ଜଣେ ପ୍ରକୃତ ଶିଷ୍ୟ ହେବାକୁ ହେଲେ ଏବଂ ଗୁରୁଙ୍କ ହୃଦୟରୁ ଆଶୀର୍ବାଦ ଲାଭ କରିବାକୁ ହେଲେ କିଭଳି ପୂର୍ଣ୍ଣ ସମର୍ପଣ ଭାବ ଲୋଡ଼ା ହୁଏ ତାହା ଏକ ଆଖ୍ୟାୟନରୁ ଜାଣିବା । ସ୍ୱାମୀ ରାମଦାସ ମହାରାଜଙ୍କ କଥା ସର୍ବଜନବିଦିତ । ସେ ଥିଲେ ମହାନ ସନ୍ଥ, ସର୍ବୋପରି ସମାଜ ଜୀବନର ପରମ ହିତାକାଂକ୍ଷୀ । ସେ ଅନେକତ୍ର ମଠ ସ୍ଥାପନା କରି ସେଠାରେ ଯୋଗ୍ୟ ଶିଷ୍ୟମାନଙ୍କୁ ଦାୟିତ୍ୱ ଅର୍ପଣ ସହ ମଝିରେ ମଝିରେ ସେ ସବୁ ସ୍ଥାନକୁ ଯାଇ ଶିଷ୍ୟମାନଙ୍କୁ ଶିକ୍ଷାଦାନ ଦେଉଥିଲେ । ଥରେ ସ୍ୱାମୀ ରାମଦାସ ସମସ୍ତ ଶିଷ୍ୟଙ୍କୁ ଏକତ୍ର କରି ସେମାନଙ୍କ ସହ ଏକାଠି କିଛିଦିନ କଟାଇବାକୁ ମନସ୍ଥ କଲେ । ଏହି ସମୟରେ ସମସ୍ତ ଶିଷ୍ୟଗଣ ଗୁରୁଙ୍କର ସେବାସୁଶ୍ରୁଷା ସହ ତାଙ୍କର ନିକଟବର୍ତ୍ତୀ ହେବା ଦିଗରେ ଲାଗି ପଡ଼ିଲେ । ଏଭଳି ନିଜ ନିଜ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟିହେଲା, କିଏ ଗୁରୁଙ୍କର ପ୍ରିୟ ଶିଷ୍ୟ ରୂପେ ପ୍ରତିପାଦିତ ହେବେ । ଯେଉଁଥିପାଇଁ ସେମାନେ ନିଜ ନିଜ କ୍ଷେତ୍ରରେ ଗୁରୁଜୀଙ୍କ ଶ୍ରେଷ୍ଠ ଶିଷ୍ୟ ପ୍ରମାଣିତ କରିବାର ପ୍ରତିଯୋଗିତାରେ ସାମିଲ ହେଲେ । ଏକଥା ଗୁରୁଜୀଙ୍କୁ ଅଜଣା ନଥିଲା । ତେଣୁ ଶିଷ୍ୟଙ୍କ ଅଜାଣତରେ ସେମାନଙ୍କ ପରୀକ୍ଷା ନେବାକୁ ଉପାୟଟିଏ ପାଞ୍ଚିଲେ ।

ଗୋଟିଏ ଦିନର ଘଟଣା, ସମସ୍ତ ଶିଷ୍ୟଙ୍କ ସହ ଗୁରୁଜୀ ଯେତେବେଳେ ବସିଛନ୍ତି ସେତିକିବେଳେ ଗୁରୁଜୀ ଖୁବ୍ ଚିତ୍କାର କଲେ, ଯେମିତିକି ତାଙ୍କ ଶରୀରରେ ଭୀଷଣ ପୀଡ଼ା ହେଉଛି । ଉପସ୍ଥିତ ଶିଷ୍ୟଗଣ ଆଚମ୍ବିତ ହୋଇ ପୀଡ଼ାର କାରଣ ପଚାରିଲେ । ଗୁରୁଜୀ କହିଲେ ପ୍ରିୟ ଶିଷ୍ୟଗଣ, ମୋ ଗୋଡ଼ର ମାଂସପେଷୀରେ ବଡ଼ ଘା'ଟିଏ ହୋଇଯାଇଛି, ସେଥିପାଇଁ ଏମିତି ବେଦନା ହେଉଛି । ଏହା ଶୁଣି ଶିଷ୍ୟଗଣ ଗୁରୁଙ୍କୁ କିଭଳି ଏଥିରୁ କଷ୍ଟ ଲାଘବ ହେବ ସେଥିପାଇଁ ବ୍ୟସ୍ତ ହୋଇଉଠିଲେ । ସମସ୍ତ ଶିଷ୍ୟ କିଛି ନା କିଛି ଉପଚାର ପାଇଁ ଲାଗି ପଡ଼ିଲେ । ହେଲେ ଗୁରୁଜୀ ସେହି ମୁହୂର୍ତ୍ତରେ କହିଲେ ଶିଷ୍ୟଗଣ, ଏହା ସାଧାରଣ ଖଣ୍ଡିଆ ନୁହେଁ, ଏହାର ଉପଚାର ବି ସମ୍ଭବ ନୁହେଁ । ଏହା ଶୁଣି ଶିଷ୍ୟଗଣ କହିଲେ କିଛି ନା କିଛି ଉପଚାର ତ ଥିବ । ଗୁରୁଜୀ ଉତ୍ତରରେ କହିଲେ ଅଛି ଯେ, ମାତ୍ର ତାହା ଦୁଃସାଧ କାର୍ଯ୍ୟ । ଏତକ ଶୁଣିବା ମାତ୍ରେ ସମସ୍ତ ଶିଷ୍ୟଗଣ ସମସ୍ୱରରେ କହିଉଠିଲେ ଯେତେ କଷ୍ଟକର ହେଲେ ବି ଆମେ ଆପଣଙ୍କ ଆରୋଗ୍ୟଲାଭ ପାଇଁ ତାହା କରିବାକୁ ପ୍ରସ୍ତୁତ ଅଛୁ । ଗୁରୁଜୀ ତାହାହିଁ ଆଶା କରୁଥିଲେ । ଏଣୁ ଶିଷ୍ୟମାନଙ୍କ କଥା ନ ସରୁଣୁ ଗୁରୁଜୀ କହିଲେ 'ଯଦି କୌଣସି ମନୁଷ୍ୟ ତାଙ୍କର ଖଣ୍ଡିଆ ସ୍ଥାନରେ ମୁହଁ ଲଗାଇ ତା' ଭିତରର ଜିନିଷକୁ ଶୋଷି ନେବ ତାହାହେଲେ ସେ ତତ୍‌କ୍ଷଣାତ୍ ଆରୋଗ୍ୟଲାଭ କରିବେ, ହେଲେ ସେହି ମନୁଷ୍ୟର ମୃତ୍ୟୁ ହେବ । ଏତକ ଶୁଣିବା କ୍ଷଣି ସମସ୍ତ ଶିଷ୍ୟଗଣ ପରସ୍ପର ପରସ୍ପରର ମୁହଁକୁ ଅନାଇଲେ । କିଏବା କାହିଁକି ମୃତ୍ୟୁକୁ ବରଣ କରିବ ? ହଠାତ୍ କେହି ଆଗେଇ ଆସିଲେ ନାହିଁ ।

କିଛି ସମୟ ଅନ୍ତେ କଲ୍ୟାଣ ନାମକ ଜଣେ ଶିଷ୍ୟ ଗୁରୁଜୀଙ୍କ ପାଖକୁ ଆସି ପାଦ ପାଖରେ ବସିପଡ଼ି ଗୁରୁଜୀଙ୍କ ଗୋଡ଼ରେ ସେହି ଖଣ୍ଡିଆ ଅଂଶ ଯେଉଁଠାରେ କି ପଟି ବନ୍ଧା ଯାଇଥିବାର ଦେଖା ଯାଉଥିଲା, ସେଥିରେ ମୁହଁ ଲଗାଇବାକୁ ଆଗ୍ରହ ଦେଖାଇଲେ । ଗୁରୁଜୀ କହିଲେ ଠିକ୍ଅଛି, ପାଟି ଖୋଲିବ ନାହିଁ, କାରଣ ଅସହ୍ୟ ପୀଡ଼ା ହେବ । ଶିଷ୍ୟ କଲ୍ୟାଣ କହିଲେ ଗୁରୁଜୀ ମୁଁ ଏପରି କରିବି ନାହିଁ । ଠିକ୍ଅଛି କହି ଗୁରୁଜୀ ଅନୁମତି ପ୍ରଦାନ କରିଲେ । ଆଉ ସେ ପଟିଟିକୁ ସାମାନ୍ୟ ଖୋଲିଦେଲେ । ଏଥର ଶିଷ୍ୟ କଲ୍ୟାଣକୁ ଏକ ସ୍ଥାନରେ ଦୃଶ୍ୟମାନ ହେଉଥିବା କଳାଅଂଶକୁ ଶୋଷିବାକୁ କହିଲେ । ଗୁରୁଜୀଙ୍କ ଶ୍ରୀଚରଣରେ ନମସ୍କାର କରି ଶିଷ୍ୟ କଲ୍ୟାଣ ସେଇ ସ୍ଥାନକୁ ଶୋଷିବାକୁ ଆରମ୍ଭ କଲେ । ଘରି ଛଅଥର ପରେ କଲ୍ୟାଣ ଖୁବ୍‌ଜୋର୍‌ରେ ସାଧମତେ ବଳ ପ୍ରୟୋଗ କରି ଶୋଷିବାକୁ ଲାଗିଲେ । କାରଣ କଲ୍ୟାଣଙ୍କ ପାଟିକୁ ସେହି ସ୍ୱର୍ଶ ଖୁବ୍ ମିଠା ଲାଗୁଥିଲା । ଏତିକିବେଳେ ଗୁରୁଜୀ କହିଉଠିଲେ 'ଆରେ ଧୀରେ ଧୀରେ' । ହେଲେ ଶିଷ୍ୟଜଣକ କିଛି ବି ଶୁଣିବାକୁ ପ୍ରସ୍ତୁତ ନଥିଲେ । ବରଂ କହି ଉଠିଲେ, "ଗୁରୁଜୀ ! ଆପଣଙ୍କର ଏଭଳି ଖଣ୍ଡିଆ ଯଦି ପ୍ରତ୍ୟେକ ଦିନ ହେବ ତାହାହେଲେ ସବୁଦିନ ମୁଁ ଏ କାର୍ଯ୍ୟ କରିବାକୁ ପ୍ରସ୍ତୁତ ।" ଏତକ କହି ପୁନଶ୍ଚ ବଳପୂର୍ବକ ସବୁ ଶୋଷିବାକୁ ଲାଗିଲେ । ଶେଷରେ ଗୁରୁଜୀ ପଟି ଖୋଲିଲେ ଏବଂ ସେହି ପଟି ଭିତରୁ ତୋଟାପଲେଇ ଆମ୍ବର ଟାକୁଆ ଓ ଚୋପା ବାହାରିଲା । ଏହା ଦେଖି ଅନ୍ୟ ଶିଷ୍ୟମାନେ ଲଜ୍ଜା ଅନୁଭବ କଲେ ।

ଗୁରୁ ରାମଦାସ ନିଜ ଗୋଡ଼ରେ ପୂର୍ବରୁ ପାଚିଲା ଆମ୍ବଟିଏ ବାନ୍ଧି ଏପରି ଏକ ଘଟଣା ତିଆରି କରିଥିଲେ । ପରବର୍ତ୍ତୀ କାଳରେ ସେହି ଶିଷ୍ୟ କଲ୍ୟାଣ ଯେ କି ଗୁରୁଭକ୍ତ ବାଳକ ଦିନେ ଥିଲେ ସେ ହେଲେ ଶ୍ରୀ ସମର୍ଥ ସ୍ୱାମୀ ରାମଦାସଙ୍କର ପ୍ରଧାନ ଶିଷ୍ୟ । ଏଥିରୁ ଆମକୁ ଶିକ୍ଷା ମିଳେ ଯେ ପୂର୍ଣ୍ଣ ସମର୍ପଣ ହିଁ ଗୁରୁଭକ୍ତିର ନିଦର୍ଶନ ।

# ଭ୍ରଷ୍ଟାଚାର ମୁକ୍ତ ଭାରତ ଗଠନର ବେଳ



■ ଶରତ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସବୁଠୁ ଦୁର୍ଭାଗ୍ୟର କଥା, ବର୍ତ୍ତମାନ ଦେଶରେ ବିଭିନ୍ନ "ବାଦ୍"ର ନିଆଁ ଉଗ୍ରରୂପ ଧାରଣ କରିଛି। ସଂପୂର୍ଣ୍ଣ ଘଟଣାର ସୃଷ୍ଟିକର୍ତ୍ତା ଏହି ତଥା କଥିତ ନେତା ମାନେ। ଓଡ଼ିଶା ରାଜନୀତି ଓ ପ୍ରଶାସନତନ୍ତ୍ରକୁ ସରଗରମ କରି ରଖିଥିବା ଚିଟ୍‌ଫଣ୍ଡ୍ ଠକେଇ, ଖଣି ଓ ପାଣି ଦୁର୍ନୀତି, ମନରେଗା ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଶିଥିଳତା, ଅନିୟମିତତା ଓ ଦୁର୍ନୀତି, ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ଅବନତି, ନାରୀ ନିର୍ଯ୍ୟାତନା, ବିପର୍ଯ୍ୟସ୍ଥ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ପ୍ରସଙ୍ଗ ପାଇଁ ଦାୟୀ କେବଳ ପ୍ରଶାସନତନ୍ତ୍ର ଓ ତଥାକଥିତ ଭ୍ରଷ୍ଟ ନେତା ମାନେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସାଧାରଣ ମଣିଷର ଆର୍ଥିକ ଉନ୍ନତି ହୋଇ ପାରୁ ନାହିଁ। ଧନୀ ଆଉରି ଧୀନ ଓ ଗରିବ ଆଉରି ଗରିବ ହୋଇ ଚାଲିଛି। ଶାସକ ଦଳମାନେ ନିଜ ଉନ୍ନୟନ ଯୋଜନା ଗୁଡ଼ିକର ଫାଇଦା ଅଗଣତାନ୍ତ୍ରିକ ଭାବେ ନିଜ ସମର୍ଥକ ମାନଙ୍କୁ ବାଂଟିବାରେ ବ୍ୟସ୍ତ। କିଏ ଗରିବ ଓ କିଏ ଧନୀ, ଏଯାଏ ତାହାର ବାସ୍ତବ ମାପଦଣ୍ଡ ନିର୍ଦ୍ଧାରିତ ହୋଇ ପାରି ନାହିଁ କି ହେବାର ନାହିଁ। ଆମ ଦେଶରେ ଶାସନ କ୍ଷମତାରେ ରହିବାକୁ ହେଲେ ନୀତି ନୁହେଁ, ଅନୀତିକୁ ଆପଣେଇବାକୁ ହେବ। ସଚଳ ଗୋଷ୍ଠିକୁ ସବୁ ଯୋଜନାର ଲାଭ ଦେଇ ଗରିବ ପ୍ରଜାଙ୍କୁ କେବଳ ଭୋଟ୍ ବେଳେ ସାମାନ୍ୟ ଉପହାର ଦେବାକୁ ହେବ। ଏହି ନୀତି ସମସ୍ତେ ଠିକ୍ ଭାବେ କାର୍ଯ୍ୟକାରୀ କରୁଛନ୍ତି। କେତେକ ବିଧାୟକ ଏବଂ ସାଂସଦ ନିଜ ଅଂଚଳରେ ଚାଲିଥିବା ଯୋଜନା ଓ ନିଜ ଉନ୍ନୟନ ପାଣ୍ଠିର ଅପବ୍ୟବହାର କରୁଛନ୍ତି। ଅନ୍ୟ ଜନପ୍ରତିନିଧି ମାନେ ନିଜ ଅଧୀନରେ କାର୍ଯ୍ୟକାରୀ ଯୋଜନା ବା ସରକାରୀ ସେବା ଯୋଗାଣ କାର୍ଯ୍ୟରୁ ନିଜ ନିଜର ଭାଗ ନେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। (କ୍ରମଶଃ)

+ ଓଡ଼ିଶା ନ୍ୟୁଜ୍ ସର୍ଭିସ,ଭୁବନେଶ୍ୱର,
(ମୋ)୯୩୩୭୩୬୯୪୪୮

## ପ୍ରେମରେ ପ୍ରେମରେ ଗୀତି ....(୩)



■ ବିପିନ ମହାନ୍ତି

▲ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ତୁମେ ମାଟିଦୀପ ॥

ତୁମେ ମାଟିଦୀପ କେମିତି ବୁଝିବ
କିଏ ଘିଅ, କିଏ ଲୁହ,
ମୁଁ ତ ସଳିତା ଲୁହରେ ଜଳୁଛି
ଦେହକୁ କରିଛି ଘିଅ ।

ମୁଁ ତ ଜଳିଯିବି ପାଉଁଶ ହୋଇବି
ରାତି ଯାଇଥିବ ପାହି,
ତୁମେ ପୁଣି ଆଉ କାହାକୁ ଜାଳିବ
ସଳିତା ସଜେଇ ଦେଇ,
ନଥିବ ସେ ରାତି, ନଥିବ ସେ ସ୍ମୃତି
ଖୋଜିବ ଅଜଣା ଦେହ ।

ଭାଙ୍ଗିଯିବ ଦିନେ ମାଟିଦୀପ ତୁମେ
ଜାଳିବାର ମୋହ ଛାଡ଼ି,
ବୁଝିନିଅ ଥରେ ସଳିତାର ମନ
ମାର ନାହିଁ ଜାଳିପୋଡ଼ି,
ମୋତେ ଜଳିଦେବା ଆଗରୁ ସାଦରେ
ଥରେ ତ କୋଳେଇ ନିଅ ।

## ...କଥା କିଞ୍ଚିତ...



ପ୍ରେମ ହେଉଛି ସାରା ସଂସାରର ସାରବସ୍ତୁ । କୁହାଯାଏ, ପ୍ରେମ ଶୂନ୍ୟ ହୃଦୟ ପ୍ରେତ ପିଶାଚର ଚରାଭୂଇଁ । ପ୍ରକୃତରେ ଅଦ୍ଭୁତ ଏହାର ଶକ୍ତି, ବିଚିତ୍ର ଏହାର ଅନୁଭବ । ଯାହା ମୂକକୁ ବାଚାଳ କରିପାରେ ଆଉ ପଙ୍ଗୁକୁ ଚଢ଼ାଇପାରେ ପାହାଡ଼ । ପୁଣି ଟିକିଏ ବି ଏଥିରେ ବ୍ୟତିକ୍ରମ ହେଲେ ଏହା ପରମାଣୁ ବୋମା ପରି ସାରା ସଂସାରକୁ ଛାରଖାର କରିଦେଇପାରେ ମାତ୍ର କେତୋଟି ମୁହୂର୍ତ୍ତରେ । ସେଥିପାଇଁ ତ ଏହାର ସଠିକ୍ ସଂଜ୍ଞା ନିରୂପଣର କରିବା ସମ୍ଭବପର ହୋଇନି କାହାରି ପକ୍ଷରେ । କାରଣ ପ୍ରେମ ପ୍ରକାଶ୍ୟର ଭାଷା ନୁହେଁ, ଏହା ହେଉଛି ଅନୁଭବର ଅନ୍ୟ ନାମ । ଯାହା ପ୍ରାପ୍ତି ଆଶା ରଖେନି ବରଂ ରଖେ ତୃପ୍ତିର ।

ଏବେ ଏବେ କିନ୍ତୁ ପ୍ରେମର ପରିଭାଷା ଧୀରେ ଧୀରେ ବଦଳିଯିବାକୁ ବସିଲାଣି । ଆଧୁନିକତାର ସ୍ୱର୍ଶରେ ହେଉ ବା ଇଣ୍ଟରନେଟ୍‌ର ପ୍ରଭାବରେ ସବୁ ଜିନିଷର ଏବେ ପରୀକ୍ଷା ନିରୀକ୍ଷା । ଆବେଗ ଓ ଆନ୍ତରିକତା ଅପେକ୍ଷା ନିଜର ସୁବିଧା ଓ ଫାଇଦା ପାଇଁ ମଣିଷ ଅଧିକ ଉତ୍ସୁକତା ପ୍ରକାଶ କରୁଛି । ସମ୍ବେଦନତାର ସୂକ୍ଷ୍ମ ଅନୁଭବକୁ ପାଶୋରି ପାଲଟି ଯାଉଛି ସ୍ୱାର୍ଥପର ଓ ସୁବିଧାବାଦୀ । ସମ୍ପର୍କରେ କଷୁଛି ଲାଭକ୍ଷତିର ଗଣିତ । ନିଜ ପରିବାର ଭିତରେ ବି ଏଇ ମାରାତ୍ମକ ମତଲବୀଙ୍କର ସଂଖ୍ୟା କିଛି କମ୍ ନୁହେଁ । ବାପା-ମା, ଭାଇ ଭଉଣୀ, ବନ୍ଧୁ-ବାନ୍ଧବ, ସାଙ୍ଗସାଥି ଏପରିକି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବି ମାପଚୁପ ସମ୍ପର୍କ । ନିଜର ବୋଲି ନିଷ୍ଠା ନାହିଁ କିମ୍ବା ଆପଣେଇ ନେବାର ଚେଷ୍ଟା ନାହିଁ । କେବଳ ଦରକାର ଧନ ଆଉ କ୍ଷମତା । ଯାହା ପାଇଁ ସେ ସବୁ କିଛି କରିପାରେ ।

ଏମିତି ଏକସିଂଘା ହୋଇ କେତେଦିନ ଚଳିବ ଏ ମଣିଷ ? କ'ଣ ମିଳିବ ଏ ଧନସମ୍ପତ୍ତିରୁ ? ଖୋଲା ହସଟିଏ ହସି, ପେଟକୁ ଶାନ୍ତିରେ ମୁଠାଏ ଖାଇ ଯଦି ମେଲା ଆକାଶ ତଳେ ରାତିଏ ନିଦ ଶୋଇ ନ ପାରିଲା ତେବେ କ'ଣ ସେ ସୁଖ ? କ'ଣ ମିଳିବ ସେ ବୃଥା ଆଡ଼ମ୍ବରରୁ ? ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଗାଡ଼ି ମଟର, କୋଠାବାଡ଼ି, ବ୍ୟାଙ୍କ ବାଲାନ୍ସ, କ୍ଷମତା ପ୍ରତିପତ୍ତି ସବୁ ଛି !

ନିରୋଳାରେ ଥରଟେ ଭାବିଲ ଦେଖି ତମେ କେତେ ଖୁସି ? ପ୍ରହେଳିକାରୁ ଦୂରେଇ ଯାଇ ମଣିଷକୁ ଭଲପାଇ ଶିଖ । ପ୍ରେମର ଦିବ୍ୟ ଅନୁଭବରେ ସମସ୍ତଙ୍କୁ ଆପଣେଇ ନିଅ, ଦେଖିବ କେତେ କମନୀୟ ଏଇ ସଂସାର, ଆଉ କେତେ ସୁନ୍ଦର ଏଇ ଜୀବନ ।

- ଭଗବାନ ସାହୁ, ସଂପାଦକ : ସମୟର ପ୍ରାଚୀଧାରା
(ମୋ) ୯୦୪୦୬୨୪୯୮୫




# ॥ ଦର୍ପଣ ॥



ଗୁରୁଦେବ ସିଂହ ରୂପାଣା
(୧୯୩୩)

ମଣିଷକୁ ଆପଣା ପ୍ରତିବିମ୍ବ ଦେଖିବାର ସୁଯୋଗ ଦେଉଥିବା ପଦାର୍ଥଟି ଦର୍ପଣ । ତେଣୁ ଆମେ ସବୁବେଳେ ସେଇ ଗୋଟିଏ ଜିନିଷକୁ ଖୁବ୍ ଭୟ କରୁ । ତା'ଠୁଁ ପାରୁ ପର୍ଯ୍ୟନ୍ତେ ଆପଣାକୁ ଲୁଚାଉ । କିନ୍ତୁ ବେଳେ ବେଳେ ବିଫଳ ହେଉ ଆଉ ଦର୍ପଣ ଆମକୁ ଆମ ପ୍ରକୃତ ସ୍ୱରୂପ ଦେଖାଇ ଦିଏ । ଯାହା ସାରା ଜୀବନ ଶତଚେଷ୍ଟା କରି ସୁଦ୍ଧା ଭୁଲି ହୁଏନା । ଯେମିତି ଭୁଲି ପାରି ନାହାନ୍ତି ପ୍ରଖ୍ୟାତ ପଞ୍ଜାବୀ କଥାକାର ଗୁରୁଦେବ ସିଂହ ରୂପାଣା । ସେଇ ସମୟର ଅନୁଭୂତିକୁ ପଞ୍ଜାବୀ ଗଳ୍ପ 'ଶୀଶା' ମାଧ୍ୟମରେ ପାଠକ ସମ୍ମୁଖରେ ପରଷି ଦେଇଛନ୍ତି.....

ତଃ୍ୟା ବର୍ଷର ପତଳା ଫରାସୀ ଯୁବକଟିଏ ଡେନିସ୍ । ଗବେଷଣା କରୁଥିଲା ବିଂଶ ଶତାବ୍ଦୀର ପଞ୍ଜାବୀ ସାହିତ୍ୟ ଉପରେ । କିଛି ପୁସ୍ତକ ସଂଗ୍ରହ ତଥା ସ୍ଥାନୀୟ ଲେଖକଙ୍କୁ ଭେଟିବା ଉଦ୍ଦେଶ୍ୟରେ ସିଏ ଦିଲ୍ଲୀ ଆସିଥିବା ବେଳେ ତା' ସହ ମୋର ଭେଟ । କନ୍‌ହ୍ୱଲ୍ ଓ ଗୁରୁଦିଆଲ ସିଂହଙ୍କ ରଚିତ ଉପନ୍ୟାସ ଗୁଡ଼ିକରେ ବ୍ୟବହୃତ 'ମାଲୱାଇ' ବୋଲି ତା ପାଇଁ ଟିକେ କଷ୍ଟ ବୁଝିବାକୁ । ଶବ୍ଦକୋଷ ବିଫଳ ହେଲେ ସେ ଲୋଡୁଥାଏ ମୋର ସହଯୋଗ । ମୁଁ ଆମ ଗାଁ ରୁପାଣାକୁ କିଛିଦିନ ପାଇଁ ଯାଉଛି ବୋଲି ଦିନେ ସେ ଜାଣି ସେ ତା' ଖଣ୍ଡିଆ ପଞ୍ଜାବୀରେ ମୋତେ ପଚାରେ : "ମୁଁ.... ତୁମ ସହ .... ଯାଇପାରେ... ?" କାହା ଉପରେ କେବେ ବୋଝ ହେବାକୁ ପସନ୍ଦ କରୁ ନଥିବାରୁ ସେ ଦ୍ୱିଧାଗ୍ରସ୍ତ ଥାଏ । ମା' ଗାଁରେ ରହୁଥିବାରୁ ସେମିତି କିଛି ଅସୁବିଧା ହେବନି ବୋଲି ମୁଁ ତାକୁ ବୁଝାଏ । ରହିବା ଖାଇବାରେ ପାଞ୍ଚ ପଇସା ବି ଖର୍ଚ୍ଚ ହେବନି । କେବଳ ଯାହା ଯାତ୍ରାଖର୍ଚ୍ଚଟି ଆମକୁ ବହନ କରିବାକୁ ପଡ଼ିବ । ତେଣୁ ସେ ନିଶ୍ଚିତ ଆସିବା କଥା । ସେ ଖୁବ୍ ଉତ୍ସାହିତ ହୋଇଉଠେ ପଞ୍ଜାବ ପ୍ରଦେଶର ଗୋଟେ ଗାଁ ଦେଖିବା ଆଶାରେ । ପରଦିନ ଆମେ ଦିଲ୍ଲୀ-ଫିରୋଜପୁର ବସ୍‌ରେ ଚଢୁ । ବାଟସାରା ସେ ଗୁଡ଼ାଏ ପ୍ରଶ୍ନ ପଚାରୁଥାଏ । ମୋତେ ବି ସୁଯୋଗ ମିଳେ ଆମ ଲୋକଙ୍କ ପ୍ରଶଂସା ତଥା ଭଲପଣ ତା ଆଗରେ ବଖାଣିବାକୁ । ସେ ମୋ କଥାକୁ ଧ୍ୟାନ ଦେଇ ଶୁଣିବା ସହ ମଝିରେ ମଝିରେ କିଛି କିଛି ଟିପି ରଖୁଥାଏ । ଗାଁ ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଅପରାହ୍ନ ତିନିଟା ବେଳେ ଆମେ ପହଞ୍ଚୁ । ପୋଲ ଉପରେ ଠିଆହୋଇ ଡେନିସ୍ ଚାରିଆଡ଼କୁ ଅନାଇ ତା'ର ଖଣ୍ଡିଆ ଖଣ୍ଡିଆ ଦୁର୍ବଳ ପଞ୍ଜାବୀରେ ପଚାରେ : "ଏଇଟା ... ସେଇ ରାସ୍ତା ... କି ... ତୁମେ ବର୍ଣ୍ଣନା କରିଛ ... ଗପ ... ହୱା ... ?" ମୁଁ ସମ୍ମତିରେ ମୁଣ୍ଡ ଟୁଙ୍ଗାରେ । ଏଇ ରାସ୍ତା ଉପରେ ପାକିସ୍ତାନ ଅଭିମୁଖୀ କାଫିଲା ଯାଉଥିବା ବେଳେ ହଜାର ହଜାର ଲୋକଙ୍କ ଗଣହତ୍ୟା ହୋଇଥିଲା । ସେଥିମଧ୍ୟରୁ କିଛିଲୋକ ବର୍ତ୍ତିଯାଇ ଆମ ଗାଁରେ ବି ଶରଣ ନେଇଥିଲେ । ଏଇ ପୋଲ ତଳଦେଇ ଲମ୍ବିଥିବା ରାସ୍ତା 'ଧିଗାନେ' ଗାଁ ଦେଇ ଯାଇଛି । ଏଇ ରାସ୍ତାରେ ମଦନଲାଲ ଯାଇଥିଲା ତା' ଗାଁକୁ ଓଟଗାଡ଼ିରେ ଚଢ଼ି ମୋ 'ହୱା' ଗଳ୍ପର ଶେଷ ପର୍ଯ୍ୟାୟରେ । ଆମେ ଦୁହେଁ କଥା ହୋଇ ହୋଇ ଗାଁ ଆଡ଼େ ମୁହାଁଉ । କେନାଲ ଖଣ୍ଡିରେ ଗଲାବେଳେ ବାଟରେ ମଶାଣିରେ କାହାର ଚିତା ଜଳୁଥାଏ । ହୁତୁ ହୁତୁ ହୋଇ ନିଆଁ ଉଠୁଥାଏ ଉପରକୁ । ତାକୁ ଘେରି କିଛି ଲୋକ ଠିଆହୋଇଥାନ୍ତି । ଗାଁର କେହି ପୁରୁଖା ଲୋକଙ୍କର ବୋଧେ ଦେହାନ୍ତ ଘଟିଛି । ଆମେ ତାଙ୍କ ଆଡ଼କୁ ଯାଉ । ବୂର୍ହା, ଗାଁର ସବୁଠୁ ବଦମାସ ଲୋକଟି ଚାଲିଯାଇଛି । ମନେ ମନେ ଭଲ ହୋଇଛି ବୋଲି ଭାବେ । ବହୁ ଯୁବକଙ୍କୁ ସେ କୁପଥଗାମୀ କରାଉଥିଲା । ବୟସ ହେଲାପରେ ବି ପରିବର୍ତ୍ତନ ନଥିଲା ତା'ର । ବରଂ ନୂଆ ଗୋଟେ ପିଢ଼ିକୁ ସେ ଶିଷ୍ୟ ବନାଉଥିଲା । ନର୍ତ୍ତକୀଟେ ବୁଢ଼ୀ ହେଲେ ନାଚ ଶିଖାଇବାକୁ ସ୍କୁଲ ଖୋଲିଲା ଭଳି ଇୟେ ବି ସ୍କୁଲ ଖୋଲିଥିଲା ବଦମାସୀ ଶିଖାଇବାକୁ । ତା' କୁଶିକ୍ଷାରେ ପଡ଼ି ଗାଁର କେତେ ପିଲା ପାଠପଢ଼ା ଛାଡ଼ିଛନ୍ତି, ବାପାମା'ଙ୍କ ବିରୋଧ କରିଛନ୍ତି । ସେମାନଙ୍କର ଏଇସବୁ କାମ ଦେଖି ବୂର୍ହା ଭାରି ଖୁସି ହେଉଥିଲା । ବହୁତ ଘର ତା'ଯୋଗୁଁ ବରବାଦ ହୋଇଯାଇଛି ।

ଲୋକେ କିଛି କାଠ ଜଳନ୍ତା ଚିତା ଉପରକୁ ଫିଙ୍ଗି ପରସ୍ପର ଭିତରେ କଥା ହେବାକୁ ଲାଗନ୍ତି । "ଏଇଟା ଗୋଟେ ରାସ୍ତା ମରିବାର ।" - "ନା ଜ୍ୱର ନା ଯନ୍ତ୍ରଣା ।" - "ସେ ଦିନେ ପାଇଁ ବି ବେମାର ପଡ଼ି ନଥିଲା ।" - "ଦିନଟିଏ ତ ବହୁତ ଲମ୍ବା, ସେ ପାଞ୍ଚମିନିଟ ବି ଅସୁସ୍ଥ ନଥିଲା ।" - "ତା' ମୃତ୍ୟୁ ଦେଖିଲେ ଜଣେ ଭାବିବ ଯେମିତି ସେ ଖୁବ୍ ପୁଣ୍ୟବାନ ।" ଏଇ 'ପୁଣ୍ୟ' ଶବ୍ଦଟି ଡେନିସ୍ ବୁଝି ନପାରିବାରୁ ତା'ର ଅର୍ଥ ଜାଣିବାକୁ ଚାହେଁ । ତା'ପରେ ସେ ପଚାରେ ମୃତବ୍ୟକ୍ତିଟି ବହୁତ ଗୁଡ଼ିଏ ଭଲକାମ କରିଛିକି ବୋଲି । ଲୋକେ ଏ କଥା କାହିଁକି କହୁଛନ୍ତି ? ସଂକ୍ଷିପ୍ତରେ ମୁଁ ବୂର୍ହାର ଚରିତ୍ର ବିଷୟରେ ତାକୁ ସମ୍ୟକ୍ ଧାରଣା ଦିଏ । ସେ ଜଣେ ଆଗଧାଡ଼ିର ଗୁଣ୍ଡା, ମହାପାପୀ ଥିଲା । ଆମେ ସେଇଠି ଠିଆହୋଇଥିବା ଦେଖି ବୂର୍ହାର ପୁଅ 'କେହରୁ' ମୋ ପାଖକୁ ଆସେ । ସାନ୍ତ୍ୱନା ଦେବା ଉଦ୍ଦେଶ୍ୟରେ ମୁଁ ତାକୁ ପଚାରେ, ଭୈୟା କ'ଣ କିଛି ବେମାରରେ ପଡ଼ିଥିଲେ କି ? ଏଇ ପ୍ରଶ୍ନର ସମାନ ଉତ୍ତର ସମସ୍ତଙ୍କୁ ଦେଇ ଦେଇ ତାହା ଏକ ପ୍ରକାର ଘୋଷି ହୋଇଯାଇଥିଲା ତା'ର । "ନା, ସେ ଆଦୌ ବେମାର ନଥିଲେ । ବରଂ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ଜ୍ୱର କି ଥଣ୍ଡା ଟିକିଏ ବି ହୋଇ ନଥିଲା । ପେଟପୂରା ଖାଇ ପିଲାଙ୍କର ସହ ରାତି ଅଧଯାଏ ଗପନ୍ତି । ରାତିରେ ବିଛଣାକୁ ଗଲାବେଳେ ବି ଠିକ୍ ଥିଲେ । ସକାଳୁ ତାଙ୍କୁ ଚା' ଦେବାକୁ ଯାଇ ଡାକିବାରୁ ଶୁଣନ୍ତିନି । ମୁଁ ରେଜେଇ କାଢ଼ି ତାଙ୍କ ମୁହଁ ଦେଖେ । ଆଖି ବୁଜି ପାଟି ବନ୍ଦ କରି ଶୋଇଥାନ୍ତି । ମୃତ ଲୋକର ସାଧାରଣତଃ ଆଖି ଓ ପାଟି ମେଲା ଥାଏ । କିନ୍ତୁ ସେ ଗାଢ଼ ନିଦରେ ଶୋଇଥିବା ଭଳି ଲାଗୁଥାନ୍ତି । ମୁଁ ଚା'କପଟି ନେଇ ଷ୍ଟୋଭ୍ ଉପରେ ଥିବା ପାତ୍ରରେ ଢାଳିଦିଏ ତାକୁ ଗରମ ରଖିବା ଉଦ୍ଦେଶ୍ୟରେ । ସକାଳୁ ସକାଳୁ ବାଙ୍ଗଉଠା ଚା' ପିଇବା ତାଙ୍କର ନିତିଦିନିଆଁ ଅଭ୍ୟାସ । କିଛି କାମ ଥିବାରୁ ମୁଁ ବାହାରକୁ ଯାଏ । କାମସାରି ଘରକୁ ଫେରିଲା ବେଳେ ପାତ୍ରଟି ସେଇମିତି ଷ୍ଟୋଭ୍ ଉପରେ ରଖା ହୋଇଛି । ଦିନ ହୋଇଗଲାଣି । ଏବେ ବି ଡାକିବାରୁ ଶୁଣନ୍ତିନି । ମୁଁ ରେଜେଇ କାଢ଼ି ତାଙ୍କ ହାତ ଧରି ହଲାଏ । ସମଗ୍ର ଶରୀର ବରଫ ଭଳି ଥଣ୍ଡା ଲାଗୁଥାଏ । ସେ ନିଦ୍ରିତାବସ୍ଥାରେ ହିଁ ଚାଲିଯାଇଛନ୍ତି । କିଛି ଜାଣିପାରି ନାହାନ୍ତି ।"

ଆମ ପାଖରେ ଠିଆହୋଇଥିବା ଜଣେ ଲୋକ ମନେ ପକାଉଥାଏ ଧରମ୍ ସିଂହଙ୍କ ମୃତ୍ୟୁ ବିଷୟରେ । ସେ ଆମ ଗାଁର ଜଣେ ଖୁବ୍ ଧର୍ମପରାୟଣ ବ୍ୟକ୍ତି ଥିଲେ । ପୂଜାପାଠ ସରିଲେ ହିଁ ଅନ୍ନଜଳ ଗ୍ରହଣ କରନ୍ତି । କାହାରି ସୁବିଧା ଅସୁବିଧାରେ ସେ ହିଁ ପ୍ରଥମେ ଯାଇ ଠିଆ ହୁଅନ୍ତି । ହେଲେ ଦେଖ କେମିତି ମଲେ ? ବିଛଣାରେ ପଡ଼ି ରହିଲେ ଛ'ମାସ । ଦେହ ସାରା ଘା' ହୋଇଗଲା ତାଙ୍କର । ଝାଡ଼ା ପରିସ୍ରା ସେଇ ବିଛଣାରେ । ରାତି ସାରା ରଢ଼ି ବୋବାଳି ଛାଡ଼ନ୍ତି । ଯମକୁ କେତେ ହାରି-ଗୁହାରୀ କରନ୍ତି ତାଙ୍କୁ ଶୀଘ୍ର ନେଇଯିବା ପାଇଁ । ହେଲେ ମୃତ୍ୟୁ କେବେ କ'ଣ କାହା ଇଙ୍ଗିତରେ ଆସିଲାଣି ଆଜିଯାଏ ? ସିଏ ତା' ମର୍ଜିର ମାଲିକ । କେତେବେଳେ କାହା ପାଖରେ ହାବୁଡ଼ିଯିବ କିଏ ଜାଣିଛି ? ସେ ନର୍କ ବାଟଦେଇ ଯାଆନ୍ତି । ବିଧିର ବିଧାନ ସତରେ ବଡ଼ ବିଚିତ୍ର । ସେଠି ଉପସ୍ଥିତ ସଭିଙ୍କର କିଛି ନା କିଛି କହିବାର ଥିଲା ଧରମ୍ ସିଂହଙ୍କ ମୃତ୍ୟୁ ବିଷୟରେ । ତା'ପରେ ତୁଳନା ଦୁଇ ମୃତ୍ୟୁର । ଧରମ୍ ସିଂହ ଓ ବୂର୍ହା । ଜଣେ ପୂର୍ଣ୍ୟବନ୍ତ ତ ଆର ଜଣକ ମହାପାପୀ । ଭଗବତ୍ ବିଶ୍ୱାସୀ ଜଣକ ଭୀଷଣ କଷ୍ଟଭୋଗୀ ଦେହତ୍ୟାଗ କଲାବେଳେ ମହାପାପୀର ଖୁବ୍ ସୁଖଦ ମୃତ୍ୟୁ ! ଧରମ୍ ସିଂହଙ୍କ ଭଲକାମର କଳନା ନଥିବା ବେଳେ ବୂର୍ହା ଭଳି ମହାପାପୀର ତୁଳନା ନଥାଏ । ଏଇସବୁ ବିଚାର ଆଲୋଚନା ବେଳେ କେହରୁର ପରିସ୍ଥିତି ଖୁବ୍ କରୁଣ । ତା' ବାପର ଯନ୍ତ୍ରଣା ବିହୀନ ମୃତ୍ୟୁରେ ଗାଁଲୋକେ ଖୁବ୍ ବିବ୍ରତ । ତାଙ୍କ ପାଇଁ ସେଭଳି ମୃତ୍ୟୁ ସେମାନେ କେବେ ଆଶା ହିଁ କରି ନଥିଲେ । ଶେଷକୁ ସେ ପାଟି ଖୋଲେ : "ପ୍ରକୃତରେ ତାଙ୍କ ଗୋଟିଏ ହିଁ ଭଲକାମ ତାଙ୍କୁ ସାହାଯ୍ୟ କରିଛି । ସେଥିପାଇଁ ସେ ଆଦୌ କଷ୍ଟ ଭୋଗୀ ନାହାନ୍ତି ।" ଏକଥା ଶୁଣି ସମସ୍ତେ ଚିନ୍ତାରେ ପଡ଼ନ୍ତି । ମନେ ପକାଇବାକୁ ଚାହାନ୍ତି କ'ଣ ସେଇ ଭଲ କାମ ବୋଲି । କେହରୁ କହିଚାଲେ, "ଦଙ୍ଗା ସମୟରେ ଯେତେବେଳେ କାଫିଲା ଆମ ଗାଁ ଦେଇ ଯାଉଥିଲା ସେତେବେଳେ ବାପୁ ତିରିଶରୁ ଅଧିକ ଦୁଗ୍ଧପୋଷ୍ୟ ଶିଶୁଙ୍କୁ ମୁକ୍ତି ଦେଇଥିଲା । ସେଇ ପୁଣ୍ୟେ ହିଁ ତାକୁ ବଞ୍ଚେଇ ଦେଇଛି ମୃତ୍ୟୁ ସମୟର ଯନ୍ତ୍ରଣା ଭୋଗିବାରୁ ।"

୧୯୪୭ ବିଭାଜନ ବେଳେ ୧୫ ରୁ ୨୦ ମାଇଲ ଲମ୍ବା ମାନବ ଶୃଙ୍ଖଳ ଏଇ ଗାଁ ଦେଇ ଲମ୍ବିଥିଲା ପାକିସ୍ଥାନ ଅଭିମୁଖେ । ଲୁଟେରାମାନେ ପଛପଟୁ ଅଚାନକ ଆକ୍ରମଣ କରି ପୁରୁଷମାନଙ୍କୁ ମାରି ଯୁବତୀ ଝିଅ ବୋହୂଙ୍କୁ ଅପହରଣ କରି ନେଇଯାଉଥିଲେ । ସେମାନଙ୍କ ସହ ଆଉ ଅଧିକ ସଂଖ୍ୟାରେ ଦଙ୍ଗାକାରୀ ଯୋଗ ଦେବାରୁ ଏଥର ଗଣହତ୍ୟା ଆରମ୍ଭ ହୋଇଯାଏ । ରାସ୍ତାଘାଟ ଚାରିଆଡ଼େ କୁଢ଼ କୁଢ଼ ଶବ । ମହାମାରୀ ବ୍ୟାପିବା ଭୟରେ ଗାଁଲୋକେ ସେଇ ଶବଗୁଡ଼ିକର ସତ୍କାର କଲାବେଳେ ଅତି ଛୋଟ ଛୋଟ ଶିଶୁଙ୍କୁ ଜୀବିତାବସ୍ଥାରେ ସେଠି ପଡ଼ିଥିବାର ଦେଖନ୍ତି । ତାଙ୍କୁ ସବୁ ଟେକିଆଣି ଗାଁର ଧର୍ମଶାଳାରେ ରଖାଯାଏ । ହେଲେ ଏତେଗୁଡ଼ିଏ ଛୁଆଙ୍କୁ ନେଇ କ'ଣ କରିବେ ଗାଁଲୋକେ ? କିଛି ଛୁଆଙ୍କୁ ପଡ଼ୋଶୀ ଗାଁର ଲୋକେ ନେଇଯାଆନ୍ତି ପୋଷ୍ୟପୁତ୍ର ଭାବେ ରଖିବା ଉଦ୍ଦେଶ୍ୟରେ । ତିରିଶରୁ ଅଧିକ ତଥାପି ରହିଯାଆନ୍ତି । ସେମାନଙ୍କ ଭିତରୁ ଅଧିକାଂଶ ମାତ୍ର ଦୁଇ ତିନିମାସର ଛୁଆ । ସପ୍ତାହେ ଭିତରେ ଗାଁଲୋକେ ଥକିପଡ଼ନ୍ତି ସେମାନଙ୍କ ଦେଖାଶୁଣା କରି କରି । କିଏ ବା ଅପରିଚିତଙ୍କ ଛୁଆଙ୍କୁ ସମ୍ଭାଳିବାକୁ ଚାହିଁବ ? ଛୁଆଙ୍କ ଯତ୍ନ ନେବା ସେତେ ସହଜ କଥା ନୁହେଁ । ସେମାନଙ୍କ ଥଇଥାନ ବିଷୟକୁ ନେଇ ସମସ୍ତେ ଚିନ୍ତିତ ହୋଇ ପଡ଼ନ୍ତି । ସେମାନଙ୍କୁ ପାକିସ୍ତାନ ପଠାଇଦେବା କଥା ଜଣେ କହିବା ବେଳେ ଆଉଜଣେ କହେ ଅନାଥାଶ୍ରମରେ ଛାଡ଼ି ଆସିବାକୁ । ହେଲେ କିଏ ସେମାନଙ୍କୁ ନେଇକରି ଯିବ ? ଏଇ ଭୟାନକ ପରିସ୍ଥିତିରେ କେହି ଜାଣିଶୁଣି ବିପଦ ବରଣ କରିବାକୁ ଚାହାନ୍ତି ନାହିଁ । ସେତେବେଳେ ବୂର୍ହା କହେ, "ଏତେ ଚିନ୍ତା କାହିଁକି କରୁଛ ସମସ୍ତେ ? କିଏ ମିଠା ଧରିକି ଅପେକ୍ଷା କରି ରହିଛି ସେମାନଙ୍କୁ ପାକିସ୍ତାନରେ ସ୍ୱାଗତ କରିବା ପାଇଁ । ଏମାନଙ୍କୁ ସବୁ ମୁକ୍ତି ଦେଇଦେଲେ ରକ୍ଷା ମିଳିବ ଆମକୁ ।" ହେଲେ କିଏ ଏଇ ସରଳ, ନିଷ୍ପାପ, କୋମଳମତି ଶିଶୁଙ୍କର ହତ୍ୟା କରିବ ? ସେ କାମ ପାଇଁ କେହି ରାଜି ହୁଅନ୍ତିନି । କିଏ ହେବ ସେଇ ମୁକ୍ତିଦାତା ? ହେଇଥିଲେ ସେଇମାନେ ହୋଇପାରିଥାନ୍ତେ ଯେଉଁମାନେ ଏମାନଙ୍କ ବାପମାନଙ୍କୁ ମାରି, ମା'ମାନଙ୍କୁ ଘୋଷାଡ଼ି ନେଇଯାଇଛନ୍ତି । ସମସ୍ତେ ଆଗକୁ ଘଟିବାକୁ ଯାଉଥିବା ଦୃଶ୍ୟର କଳ୍ପନାରେ ହିଁ ଗୋଟାପଣେ ଶିହରି ଉଠନ୍ତି ।

"ଆସ, ମୁଁ ସେଇ ଭଲ କାମଟି କରିଦେବି ।" ବୂର୍ହା ଶେଷକୁ ନିଜେ ବାହାରିପଡ଼େ । "ଏଇଟା ଏତେ କଷ୍ଟକାମ ବୋଲି କାହିଁକି ଭାବୁଛ ? ଗୋଟେ ଗୋଟେ ଚୋଟର କଥା । ନହେଲେ ସେମାନେ ଅନାଥହୋଇ କେତେ କଷ୍ଟ ଭୋଗିବେ ସାରା ଜୀବନ ସେକଥା ଟିକିଏ ଭାବ ତ । ବୂର୍ହା ସେମାନଙ୍କୁ ସବୁ ଗୋଟେ ଶଗଡ଼ରେ ବୋଝେଇ କେନାଲ ପାଖକୁ ନେଇଯାଏ । ଏକା ଚୋଟକେ ଦି'ଗଡ଼ ଲେଖା କରି ଛାଟିଦିଏ ପାଣିକୁ । ଏଇଟା ସେଇ ଭଲକାମ ଯାହା କଥା କେହରୁ କହୁଥିଲା । ଅତୀତର ସେଇ ପୁଣ୍ୟକର୍ମ ଯୋଗୁଁ ତାକୁ ପରିଣତ ବୟସରେ ପ୍ରାପ୍ତହେଲା ଯନ୍ତ୍ରଣା ବିହୀନ ମୃତ୍ୟୁ । ଡେନିସ୍ ସବୁ ଧ୍ୟାନଦେଇ ଶୁଣି ଆଶ୍ଚର୍ଯ୍ୟ ହୋଇ କେହରୁକୁ ପଚାରେ, "ତୁମେ ... ସବୁ ଦେଖିଛ... ଆଖିରେ ... ?" କେହରୁ ବଡ଼ ସହଜ ଭାବେ ହଁ ଭରେ । ତାକୁ ସେତେବେଳେ ତେରବର୍ଷ ବୟସ । ସେଇ ଛୁଆମାନଙ୍କୁ ଶଗଡ଼ରେ ବୋଝେଇ କେନାଲ ଖଣ୍ଡିକୁ ନେବାରେ ସେ ବି ସାହାଯ୍ୟ କରିଥିଲା ତା' ବାପକୁ । ନିଜ ହାତ ଡେନିସ୍ ଆଡ଼କୁ ବଢ଼ାଇ ସେ କହେ, ଏଇ ହାତେ ଲୟରୁ ଅଧିକ ପ୍ରାୟ କେହି ନଥିଲେ ସେମାନଙ୍କ ଭିତରେ ବୋଲି । ଆଖି ବଡ଼ ବଡ଼ କରି ଡେନିସ୍ ପଚାରେ, "ସେମାନଙ୍କୁ ସବୁ ଖଣ୍ଡାରେ କଟା ହୋଇଥିଲା କି ?" କେହରୁ ହାତରେ କାଟିବା ଭଳି ଭଙ୍ଗୀ କରି ବତେଇ ଦିଏ କେମିତି ଗୋଟେ ଗୋଟେ ଚୋଟରେ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଉଥିଲା ତା ବାପ । ଡେନିସ୍ ସେସବୁ କଳ୍ପନା କରି ଶିହରି ଉଠେ । ତା ତଃ୍ୟାବର୍ଷର ମୁହଁ ଶେତା ପଡ଼ିଯାଏ । କଥା କହି ପାରେନି । ଚାଲି ଚାଲି ଆସିଲା ବେଳେ ଭୀଷଣ ବାନ୍ତି ହୁଏ ତା'ର । ଘରେ ପହଞ୍ଚିବାରୁ ମା' ଖୁବ୍ ଯତ୍ନ ନିଅନ୍ତି । ସେ କିନ୍ତୁ କାହା ସହିତ କଥା ନହୋଇ ଚୁପ୍‌ଚାପ୍ ରହେ । ତା' ମନ ଭୁଲେଇବା ପାଇଁ ମୁଁ ତାକୁ କାକାଙ୍କ ଘରକୁ ନେଇଯାଏ । ସେଠି ହ୍ୱିସ୍କି ଓ ଚିକେନ୍ ଦ୍ୱାରା ଆମକୁ ଆପ୍ୟାୟିତ କରାହୁଏ । ତଥାପି ତା'ର ପରିବର୍ତ୍ତନ ଆସେନି । ଗାଁ ବୁଲିବାର ଇଚ୍ଛା ସତେ ଯେମିତି ମରିଯାଇଛି । ଯେତେ ଆଗ୍ରହ କଲେ ବି ବହୁତ୍ କମ୍ ଖାଇ ଉଠିଯାଏ । ଆମେ ପଞ୍ଜାବୀମାନେ କେତେ ଅତିଥିପରାୟଣ ତାହା ତାକୁ ଦେଖାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଯାଏ ମୁଁ । ରାତିରେ ଦୁହେଁ ଗୋଟେ କୋଠରୀରେ ଶୋଉ । ଅଧରାତିରେ ଘରର ସବୁ ଲାଇଟ ଜାଳି ଖଟ ଉପରେ ସେ ବସିଥିବାର ଦେଖି ମୋ ନିଦ ଭାଙ୍ଗିଯାଏ । ତାଙ୍କ ଫରାସୀ ଭାଷାରେ ସେ ନିଜକୁ ନିଜେ କହୁଥାଏ, "୩୫ ବର୍ଷ ପରେ ବି ସେମାନେ ଏହାକୁ ଏକ ଭଲକାମ ବୋଲି ଭାବୁଛନ୍ତି । ହେ ପ୍ରଭୁ... ମୋ ଝିଅ ଏବେ ତିନିମାସର ... ଦୁଗ୍ଧପୋଷ୍ୟ ଶିଶୁ... ।" ସେ ବିଛଣାରୁ ଉଠି ଦର୍ପଣ ପାଖରେ ଯାଇ ଠିଆହୁଏ । ନିଜକୁ ଦେଖେ । ମୁଣ୍ଡବାଳ ଟାଣେ, ନିଜକୁ ନିଜେ ଚିମୁଟି ପରୀକ୍ଷା କରେ । କାହିଁ ତା' ଭିତରେ କିଛି ପରିବର୍ତ୍ତନ ହୋଇନି ତ ! ଶେଷକୁ ମୋ ଆଡ଼କୁ ବୁଲିପଡ଼ି ପଚାରେ, "ଆଚ୍ଛା ସେଇ ଲୋକ ଯେଉଁ କାଫିଲା କଥା କହୁଥିଲା ତାହା କ'ଣ ସେଇ କାଫିଲା ଯାହା ବିଷୟରେ ତୁମେ ତୁମ 'ହୱା' ଗପରେ ଲେଖିଛ ?" ମୁଁ ମୁଣ୍ଡ ଟୁଙ୍ଗାରି ହଁ କହିବାରୁ ସେ କହେ, "ତେବେ... ସେଥିରେ କାହିଁକି ତୁମେ ସେଇ ଛୁଆମାନଙ୍କ କଥା ଲେଖିଲନି ?" ମୁଁ ଏଇ ପ୍ରଶ୍ନ ତା'ଠାରୁ ଆଶା କରି ନଥିଲି । ମୋ ସପକ୍ଷରେ କିଛି କହିପାରିଥାନ୍ତି ଯେ, ସେ କିନ୍ତୁ ଜାଣି ସାରିଥିଲା ମୁଁ ମୋ ଗପରେ ନିଜ ଲୋକଙ୍କ ପ୍ରଶଂସା ହିଁ କେବଳ କରିଛି ବୋଲି । ଭୁଲି ଯାଇଥିଲି ବୋଲି ତା ଆଗରେ ବାହାନା କରେ । ସେ କିନ୍ତୁ କିଛି କଥା ଶୁଣିବାକୁ ନାରାଜ । ବଡ଼ିଭୋରରୁ ବାହାରି ସେ ପ୍ରଥମ ବସ୍‌ରେ ଫେରିଯାଏ ଦିଲ୍ଲୀ । ଯେତେ କହିଲେ ବି ଆଉ ରହିବାକୁ ରାଜି ହୁଏନି ମୋ ସହ ଗାଁରେ ଦୁଇ ଚାରିଦିନ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୦ ମଇ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୩୯)



# ମଙ୍ଗଳପ୍ରଦ ଅପମିଶ୍ରଣ


ଡ. ରାଧାରଂଜନ ପଟ୍ଟନାୟକ


ଏଭଳି ଏକ ନାମକରଣ ପାଠକମାନଙ୍କ ମନରେ ବିଭ୍ରାନ୍ତି ସୃଷ୍ଟି କରୁଛି। ଅପମିଶ୍ରଣ ପୂର୍ବରୁ ମଙ୍ଗଳପ୍ରଦ ଶବ୍ଦଟି ଯୋଗ କରିବା କେତେଦୂର ପ୍ରାସଙ୍ଗିକ, ଏଭଳି ଧାରଣା ପ୍ରତ୍ୟେକଙ୍କ ମନରେ ଆସିବା ସ୍ୱାଭାବିକ। ଏ ସମ୍ପର୍କରେ ମୁଁ ଯଥାର୍ଥ ତଥ୍ୟ ଉପସ୍ଥାପନ କଲେ ତାହା ସ୍ପଷ୍ଟ ହୋଇଯିବ। ନିକଟ ଅତୀତରେ ଜନୈକ ସେଲ୍ସମ୍ୟାନ ବନ୍ଧୁଙ୍କ ସହ ମୋର ସାକ୍ଷାତ୍ ହେଲା। ଅନେକ ଦିନ ପରେ ତାଙ୍କୁ ଭେଟୁଥିବାରୁ ପଚାରିଲି କେମିତି ଅଛ? କେମିତି ଚାଲିଛି ତୁମର ବ୍ୟବସାୟ? କିଛି ସମୟ ନୀରବ ରହି ସେଲ୍ସମ୍ୟାନ ବନ୍ଧୁ ଜଣକ କହିଲେ- "କ'ଣ କହିବି ବନ୍ଧୁ ରାଧାରଂଜନ, ଅବସ୍ଥା ଖୁବ୍ ଶୋଚନୀୟ। କରୋନାର ଦ୍ୱିତୀୟ ଲହର ଏବେ ସମଗ୍ର ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ବିଶେଷତଃ ଆମ ଦେଶରେ ଏହାର ମାତ୍ରା ଅଧିକ। ଏହି କରୋନା କାଳରେ ବ୍ୟବସାୟବା ଚାଲିବ କେମିତି? କେତେବେଳେ 'ଲକ୍‌ଡାଉନ୍ ତ' ପୁଣି କେତେବେଳେ ସଟ୍‌ଡାଉନ୍।" ମୋ କାନ ଉଠିବା ଦିନରୁ ଏଭଳି ଶବ୍ଦ ଶୁଣିନଥିଲି। ସତ କହିବାକୁ ଗଲେ ମୋ ନୂଆ ବ୍ୟବସାୟରେ ଆଉ ମଜା ଆସୁନାହିଁ। ତାଙ୍କ ଚେହେରାରେ କେମିତି ଏକ ଉଦାସ ଭାବ ମୁଁ ଲକ୍ଷ୍ୟ କଲି।


କିଛି ସମୟ ନୀରବ ରହି ସେଲ୍ସମ୍ୟାନ ବନ୍ଧୁ ଜଣକ କହିଲେ- "କ'ଣ କହିବି ବନ୍ଧୁ ରାଧାରଂଜନ? ଅବସ୍ଥା ଖୁବ୍ ଶୋଚନୀୟ। କରୋନାର ଦ୍ୱିତୀୟ ଲହର ଏବେ ସମଗ୍ର ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ବିଶେଷତଃ ଆମ ଦେଶରେ ଏହାର ମାତ୍ରା ଅଧିକ। ଏହି କରୋନା କାଳରେ ବ୍ୟବସାୟବା ଚାଲିବ କେମିତି? କେତେବେଳେ 'ଲକ୍‌ଡାଉନ୍ ତ' ପୁଣି କେତେବେଳେ ସଟ୍‌ଡାଉନ୍।"


ମୋ ପାଖରେ ଛିଡ଼ା ହୋଇଥିବା ଅନ୍ୟ ଜଣେ ବନ୍ଧୁ (ଯିଏକି ସେଲ୍ସମାନଙ୍କ ସହ ଯାହାର ସମ୍ପର୍କ ଅଛି।) ହଠାତ୍ କହି ଉଠିଲେ - "ମୁଁ ଦେଖୁଛି, ତୁମର କଥାବର୍ତ୍ତା ବଦଳି ଯାଇଛି। ତମେ ଖୁବ୍ ନମ୍ର ହୋଇଯାଇଛ। ତମେ ତ ଅବକାରୀ ବିଭାଗର ଜଣେ ପ୍ରମୁଖ ବ୍ୟବସାୟ ବୋଲି ଅନେକ ନାମ କମେଇଛ। କିନ୍ତୁ ତମର ଏ ପରିବର୍ତ୍ତନକୁ ମୁଁ ସହଜରେ ହଜମ କରିପାରୁ ନାହିଁ। ଏମିତି କଥା ଶୁଣି ହଠାତ୍ ସେଲ୍ସମ୍ୟାନ୍ ଜଣକ କହିଲେ, "ଜାଣିଛ, ମୋ ବ୍ୟବସାୟରେ ଆଗ ଭଳି ସେତେଟା ଉପାର୍ଜନ ହେଉନାହିଁ କି ଲାଭାଂଶ ଆସୁନାହିଁ। ଯିଏ ଅପମିଶ୍ରଣ କରିପାରିଲା, ସେ ବର୍ତ୍ତମାନ ଦୁନିଆରେ ସବୁଠୁ ସଚ୍ଚା ବ୍ୟବସାୟୀ ହୋଇପାରିଲା ଏବଂ ପ୍ରଚୁର ଅର୍ଥ ବି କମାଇ ପାରିଲା। ତାଙ୍କର ଏକଥା ଶୁଣି ମୁଁ ତାଙ୍କୁ ପ୍ରଶ୍ନ କଲି- "ଆରେ ଅପମିଶ୍ରଣ ବାଲାଙ୍କର ଏଭଳି ଛବିକୁ ତୁମେ ପ୍ରଶଂସା କରୁଛ? ସେମାନେ ପୁଣି ବ୍ୟବସାୟରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି??" ମୋର ଏଭଳି ଆଶ୍ଚର୍ଯ୍ୟପୂର୍ଣ୍ଣ କଥା ଶୁଣି ସେଲ୍ସମ୍ୟାନ ବନ୍ଧୁ ଜଣକ କହିଲେ - "ବନ୍ଧୁ ରାଧାରଂଜନ; ସେମାନଙ୍କ ଯୁକ୍ତି ହେଲା ମଙ୍ଗଳପ୍ରଦ ଅପମିଶ୍ରଣରେ କିଛି କ୍ଷତି ନାହିଁ। ତୁରନ୍ତ ମୁଁ କହିଲି ମଙ୍ଗଳପ୍ରଦ ଅପମିଶ୍ରଣ କ'ଣ ମୁଁ କିଛି ବୁଝି ପାରୁନାହିଁ।" ଉତ୍ତରରେ ସେ କହିଲେ - "ଅନେକ ମଦରେ ପାଣି ମିଶାଉଛନ୍ତି। ତାଙ୍କର ଯୁକ୍ତି ନିରୋଳା ମଦପାନ କଲେ ଲିଭର ଖରାପ ହୋଇଯାଏ ଏବଂ ମୂତ୍ରୋତ୍ସର୍ଜନକୁ ଆଗକୁ ବଢ଼ାଏ। ତେଣୁ ମଦରେ ପାଣି ମିଶାଇଲେ ପ୍ରତ୍ୟେକ ମଣିଷ ସୁରକ୍ଷିତ ରହିବେ। ତା'ଛଡ଼ା ଅସଲି ମଦ ଖାଇଲେ ମଣିଷ ଠିକ୍ ଭାବରେ ଛିଡ଼ାହୋଇ ପାରିବ ନାହିଁ। ଢ଼ଳଢ଼ଳ ହେବ। ଜାଗା ଅଜାଗାରେ ପଡ଼ିଯିବ। ମୁଖରୁ ଅବିଧାନ ବହିର୍ଭୂତ ଶବ୍ଦ ବାହାରିବ। ନିଜର ସାମାଜିକ ସ୍ୱୀକୃତି ମଧ୍ୟ ଦୋହଲିଯିବ। ତେଣୁ ମଦରେ ପାଣି ମିଶାଇଲେ ଏଇଟା କ'ଣ ମଙ୍ଗଳପ୍ରଦ ଅପମିଶ୍ରଣ ହେଲା ନାହିଁ କି? ମୁଁ କେବଳ ଏକ ଷ୍ଟାଚୁ ପରି ତାଙ୍କର କଥାକୁ ଶୁଣି ଚାଲିଥାଏ।

ପୁଣି ସେଲ୍ସମ୍ୟାନ ବନ୍ଧୁ ଜଣକ ଭିନ୍ନ ଏକ କାହାଣୀ ଅବତାରଣା କଲେ। ଅନେକ ବ୍ୟକ୍ତି ଶୁଦ୍ଧ କ୍ଷୀର ନ ମିଳିବାର ଅଭିଯୋଗ କରନ୍ତି। ହେଲେ ସେମାନଙ୍କ ଅଭିଯୋଗରେ ସେଭଳି କିଛି ଦମ୍ ନାହିଁ। ଏଭଳି ଅଭିଯୋଗ ବୋଧହୁଏ ତାଙ୍କର ଭ୍ରମାତ୍ମକ ଚିନ୍ତନ। ତେଣୁ "ହେ ଈଶ୍ୱର; ସେମାନଙ୍କୁ କ୍ଷମା କରିଦିଅ।" କ୍ଷୀରରେ ପାଣି ମିଳାଇଲେ ଛୋଟଛୋଟ ଶିଶୁଙ୍କ ଖାଦ୍ୟ ଶୀଘ୍ର ହଜମ ହୋଇଯାଏ। ଲିଭର ଉପରେ କୌଣସି ଆସର ପଡ଼େନାହିଁ। ଚା' ପ୍ରସ୍ତୁତ ସମୟରେ ଅନ୍ୟ ଆଡୁ ପାଣି ଆଣିବାକୁ ମଧ୍ୟ କଷ୍ଟ କରିବାକୁ ପଡ଼େନାହିଁ। ତେଣୁ କ୍ଷୀରରେ ପାଣି ମିଶ୍ରଣରେ ଅସୁବିଧା କେଉଁଠି ରହିଲା। ଠିକ୍ ସେଇଭଳି ଔଷଧରେ ବି କଲ୍ୟାଣକାରୀ ଅପମିଶ୍ରଣ ହେଉଛି। କହିଲ ଦେଖି, ବସ୍ତ୍ର କ'ଣ? ସୂତାର ଏକ ମିଶ୍ରଣ। ମଣିଷ କ'ଣ? ହାଡ଼, ମାଂସ, ରକ୍ତର ଏକ ଜୀବନ୍ତ ମୂର୍ତ୍ତି - ଏୟାତ!

ଯେଉଁମାନେ ପାନ ଖାଆନ୍ତି, ତମାଖୁ ଖାଆନ୍ତି, ସେମାନେ ସେଥିରେ ଚୂନ ମିଶ୍ରଣ କରିଥାନ୍ତି। ଏଥିରେ ଆନନ୍ଦ ହିଁ ଆନନ୍ଦ। ଆଚରଣ ଏବଂ ଭାଷଣରେ ମଧ୍ୟ ଧର୍ମର ମିଶ୍ରଣ କରି ସହଜରେ ଜଣେ ପ୍ରବୀଣ ବକ୍ତା ବି ହୋଇଯାଏ। ସାହିତ୍ୟ କ୍ଷେତ୍ରରେ ମଧ୍ୟ ପତ୍ରପତ୍ରିକାର ନିର୍ବାଚିତ ଶବ୍ଦଗୁଡ଼ିକୁ ସାଉଁଟିଆଣି ସୁନ୍ଦର ଗଳ୍ପ କବିତା ଲେଖିବାର ନଜିର୍ ବି ରହୁଛି। ଏତଦ୍‌ବ୍ୟତୀତ ଆମ ଜୀବନରେ ଗୋଟାଏ ଛଳନାର ଅପମିଶ୍ରଣ ରହୁଛି। ଅପମିଶ୍ରଣ ନହେଲେ କ'ଣ କିଛି ମଜବୁତ୍ ହୁଏ? ମେଟାଲରେ ପିଚୁ ମିଶିଲେ ହିଁ ରାସ୍ତା ତିଆରି ହୁଏ। ଠିକ୍ ସେହିପରି ଚଳଚ୍ଚିତ୍ର ନିର୍ମାତା ଏବଂ ସଙ୍ଗୀତକାର ଶବ୍ଦ ଓ ଧୁନ୍‌ର ଚୋରା ମିଶ୍ରଣ କରିଥାନ୍ତି। ତେଣୁ ଏଭଳି ମଙ୍ଗଳପ୍ରଦ ମିଶ୍ରଣକୁ ଆମେ କ'ର ହେୟଜ୍ଞାନ ମନେ କରିବା? ଏମିତି ଅନେକ ଉଦାହରଣ ଦେଉଦେଉ ହଠାତ୍ ସେ କହିଲେ, "ରାଧାରଂଜନ, ତମେ ନମକିନ୍ ଖାଅ?" ମୁଁ କହିଲି ତାହା ମୋର ସବୁଠୁ ପ୍ରିୟ। ଉତ୍ତରରେ ସେ କହିଲେ, ଡାଲି, ମଟର, ଚୁଡ଼ା, ବାଦାମ, ଗାଣ୍ଠିଆ ଏସବୁ ମିଶ୍ରଣରେ ନମକିନ୍ ହୁଏ। ତାହା କ'ଣ ତୁମକୁ ଭଲ ଲାଗେନି? ଖାଣ୍ଟି ସୁନାରେ କ'ଣ ଗହଣା ତିଆରି ହୁଏ? ଏବେ କୁହତ ଦେଖି, ମୋର ଏଇ କଥାକୁ ତମେ ସମର୍ଥନ କରୁଛ କି ନାହିଁ। ତାଙ୍କ ଏଳଭି ବିତଣ୍ଡା ବିତର୍କ ଶୁଣି ମୋ ମନରେ ଯଦିଓ କ୍ରୋଧ ଆସୁଥାଏ, ତାକୁ ମୁଁ ଚାପି ରଖିଲି। କିନ୍ତୁ ସେଲ୍ସମ୍ୟାନ ବନ୍ଧୁ ଜଣକ ପୁଣି ଗୋଟିଏ ଉଦ୍ଭଟ ଉଦାହରଣ ମୋ ସାମ୍ନାରେ ପ୍ରସ୍ତୁତ କଲେ। ବାହାଘର, ପୁନେଇପର୍ବ ଏବଂ ଦୀପାବଳୀରେ ଯେଉଁ ବାଣ ଫୁଟାଯାଏ, ସେଥିରେ ଯଦି ମିଶ୍ରଣ ନ ହେବ, ତେବେ ବାୟୁ ଶବ୍ଦ ପ୍ରଦୂଷଣରେ ବିମଣ୍ଡିତ ହୋଇଯିବ। ତେଣୁ ଆଜିର ସମୟରେ ମାନବର କଲ୍ୟାଣ କରିବା ପାଇଁ ଏଭଳି ଦୃଷ୍ଟି ହିଁ ଦରକାର। ଅଟା, ଡାଲିରେ ଯଦି ପାଣି ନ ମିଳେଇବ କେମିତି ଖାଇବ? ରାଜନୀତିରେ ମଧ୍ୟ ଏଭଳି ଅନେକ ମିଶ୍ରଣ ଘଟୁଛି। ଆଜିକାଲି ଇଭିଏମ୍ ବକ୍ସରେ ମତପତ୍ର ରହୁଛି। ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଦଳକୁ ବହୁମତ ନ ମିଳିଲା, ସେମାନେ ମିଳିମିଶି ସରକାର ଚଳଉଛନ୍ତି କି ନାହିଁ? କୁଆ ବସାରେ କୋଇଲି ଅଣ୍ଡା ରଖେ ଏବଂ ସାରା ଚିନ୍ତାରୁ ମୁକ୍ତ ହୋଇଯାଏ। ତେଣୁ ଏଇଭଳି ଅନେକ କଥା ଉପକଥା ଆମ ସାମ୍ନାରେ ଅଛି। ଏଭଳି ଅପମିଶ୍ରଣରେ କୌଣସି କ୍ଷତି ହୁଏ ନାହିଁ। ତାଙ୍କର ଯୁକ୍ତି ହେଲା, ମିଶ୍ରଣର କଥା "ହରି କଥା" ସହିତ ସମାନ ଏବଂ ଅନନ୍ତ। ଯେମିତି ହରି ଭଜନ ବିନା ମୁକ୍ତି ନାହିଁ। ମିଶ୍ରଣ ବିନା ମଧ୍ୟ ମୁକ୍ତି ନାହିଁ। ରାମାୟଣ, ମହାଭାରତ ମଧ୍ୟ କିଛି କଳ୍ପନାର ମିଶ୍ରଣ କରାଯାଇଛି। ଏହା ହିଁ ସତ୍ୟ। ସେତେବେଳକୁ ମୁଁ ଚପ୍‌ଚାପ୍ ଅଥର୍ବ ମଣିଷଟିଏ ପାଲଟି ଯାଇଥାଏ। ତାଙ୍କର ଏଭଳି ଯୁକ୍ତିରେ ମୁଁ କି ଉତ୍ତର ଦେବି ଜାଣିପାରୁ ନଥାଏ? ତେବେ ତାଙ୍କର ଏଭଳି ଯୁକ୍ତି ମଙ୍ଗଳପ୍ରଦ ଅପମିଶ୍ରଣ କେତେଦୂର ସମୀଚୀନ ତାହା ଆପଣମାନେ ହିଁ କହିବେ।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତି ଶତଦଳ ୧୯୭



# ସୋନାଲିର ସ୍ୱପ୍ନ


ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ବେଳେବେଳେ ମନ ହୋଇଯାଏ ସ୍ମୃତିମୟ ଓ ଦୁଇ ଆଖି ହୋଇଯାଏ ଦୃଶ୍ୟମୟ । ସ୍ମୃତିରପରଦା ଠେଲି ଅନେକ ଦିବ୍ୟ ଅନୁଭବ ସବୁ ହୃଦୟରେ ଉଦୀୟମାନ ହୁଏ ଏବଂ ଏତେ ବର୍ଷ ତଳର ସୁଖମୟ ଅନୁଭୂତି, ଆକାଶର ଇନ୍ଦ୍ରଧନୁରୁ ବିଚିତ୍ର ରଙ୍ଗ ନେଇ ଓହ୍ଲାଇ ଆସେ ପୃଥିବୀକୁ । ଝିଅ ସୋନାଲିର କ୍ରମେ କ୍ରମେ କଟକ ମେଡ଼ିକାଲ୍ କଲେଜରେ ହାଉସ୍‌ମେନ୍‌ସିପ୍ ସରି ଆସିବା ସମୟ ହୋଇଗଲା ଏବଂ ତତ୍ ସଙ୍ଗେ ସଙ୍ଗେ ଆମ ଉପରକୁ ଗୁରୁ ଦାୟିତ୍ୱଟିଏ ଓହ୍ଲାଇ ଆସିଲା ।

ଆମେ ଅଣନିଃଶ୍ୱାସୀ ଭାବେ ଖୋଜିବସିଲୁ ଡାକ୍ତର ଜୋଇଁ ଟିଏ ବିଶେଷଭାବରେ ଶିଶୁରୋଗ ବିଶେଷଜ୍ଞ । ଘରେ ଗାଇନୋକୋଲୋଜିଷ୍ଟ ଦୁଇ ଦୁଇ ଜଣ ଥିଲାବେଳେ ଶିଶୁରୋଗ ବିଶେଷଜ୍ଞ ନିହାତି ଜରୁରୀ । ପୁଅ ସିଦ୍ଧାର୍ଥ ସେତେବେଳେ ମୁମ୍ବାଇରେ ସର୍ଜରୀରେ ପିଜି କରୁଥିଲା କିନ୍ତୁ ମତେ ମୋର ଜୁନିଅର୍ ତଥା ସହକର୍ମୀ ଡଃ ଜ୍ୟୋସ୍ନା ଭଲ ପ୍ରସ୍ତାବଟିଏ ଦେଲେ । ଡଃ ରାଧାକାନ୍ତ ପ୍ରାଣିଗ୍ରାହୀ, ଗାଇନୋକୋଲୋଜିଷ୍ଟ ଏବଂ ସେ ସେତେବେଳେ ଏସ୍.ସି.ବି. ମେଡ଼ିକାଲ୍ କଲେଜରେ ପି.ଜି. କରୁଥାନ୍ତି । ସେ ଏମ୍.କେ.ସି.ଜି ମେଡ଼ିକାଲ କଲେଜରୁ ଏମ୍.ବି.ବି.ଏସ୍ ପାସ୍ କରି ଗୋଲ୍ଡ ମେଡାଲ ପାଇଥିଲେ ଏବଂ ଭଲ ପୋଜିସନ୍ ରଖି ଓଡ଼ିଶାରେ ପି.ଜି. ପାଇଥିଲେ । ଯୋଗକୁ ଏସ୍.ସି.ବି ମେଡ଼ିକାଲ୍ କଲେଜରେ ଗାଇନୋକୋଲୋଜିରେ ପି.ଜି. କରୁଥିଲେ । ମୁଁ ଡିପାର୍ଟମେଣ୍ଟରେ ପ୍ରଫେସର ଥିଲାବେଳେ ଆମରି ୟୁନିଟ୍‌ରେ ତାଙ୍କର ପୋଷ୍ଟିଂ ହୋଇଥିଲା । ତାଙ୍କ ଘର ବାଲେଶ୍ୱରର ସୋରୋ ପାଖରେ । ତାଙ୍କର ପାଠପଢ଼ା ସୋରୋ କଲେଜ, ରେଭେନ୍ସା କଲେଜ ଏବଂ ତା' ପରେ ବ୍ରହ୍ମପୁର ମେଡ଼ିକାଲ କଲେଜରେ ହୋଇଥିଲା । ସେ ବହୁତ ଭଲ ପଢୁଥିଲେ ଏବଂ ଡାକ୍ତରୀ ପରୀକ୍ଷାରେ ମଧ୍ୟ ଭଲ ନମ୍ବର ଅନର୍ସ ରଖି ଗୋଲ୍ଡ ମେଡ଼ାଲ ପାଇଥିଲେ।

ଆମେ ବେଳେବେଳେ କଳ୍ପନା ରାଜ୍ୟରେ ଘୁରିବୁଲୁ ସ୍ୱପ୍ନର କୁହୁକ ପରଦାରେ ଭାସିଥାଉ, ଏବଂ ସଦାବେଳେ ଭାବୁଥାଉ ଯେ, ଆମେ ହିଁ ସବୁକାମ କରୁଛୁଁ ବୋଲି, କିନ୍ତୁ ସବା ଉପରେ ଆମର ପରମ ଦେବତା ଈଶ୍ୱର ହିଁ ସବୁ କରିଥାନ୍ତି । ସେହିଁ କ୍ରିୟା, ସେହିଁ କର୍ମ୍ମ ଏବଂ ସେ ହିଁ କର୍ତ୍ତା। ଏସାରା ଜଗତର ଭାଗ୍ୟନିୟନ୍ତା । ତାଙ୍କରି ହାତରେ ସମସ୍ତଙ୍କ ଭାଗ୍ୟର ଡୋରି । କଥାରେ ଅଛି ସବୁ ବାହାଘର ସିନା ମର୍ତ୍ତ୍ୟରେ ହୋଇଥାଏ, କିନ୍ତୁ ଏ ପବିତ୍ର ବିବାହ ବନ୍ଧନ ସ୍ୱର୍ଗରେ ହିଁ ସ୍ଥିରୀକୃତ ହୋଇଥାଏ । ସେମିତି ସୋନାଲି ପାଇଁ ରାଧାକାନ୍ତଙ୍କର ବାପା ଓ ଅନ୍ୟ ମୁରବି ମାନେ ଆମଘରକୁ ଆସି ବୁଲିଗଲେ ଏବଂ ସର୍ବ ସମ୍ମତି କ୍ରମେ ବାହାଘର ଠିକ୍ ହେଲା। ପ୍ରସ୍ତାବ ବିଷୟରେ ଆମେ ଆଗରୁ ପୁଅ ସିଦ୍ଧାର୍ଥ ଓ ବୋହୂ ଶିଖାକୁ ଜଣାଇଥିଲୁ। ସବୁ ବିଷୟ ଆଗେଇଗଲା ପରେ ହଠାତ୍ ଜ୍ୟୋତିଷ କହିଲେ ୨୦୦୫ ଡିସେମ୍ବର ମାସ ୫ ତାରିଖ ରେ ବାହାଘର କରିବାକୁ। କିନ୍ତୁ ସେତେବେଳକୁ ସିଦ୍ଧାର୍ଥର ପି.ଜି. ପରୀକ୍ଷା । ତେଣୁ ଆମେ ସମସ୍ତେ ସ୍ଥିର କଲୁ ଯେ, ଡିସେମ୍ବର ୫ ତାରିଖ ଦିନ ନିର୍ବନ୍ଧ କରିଦେବୁ ବୋଲି । ପୁରୀର ବ୍ରାହ୍ମଣ ଓ ଜ୍ୟୋତିଷମାନଙ୍କର ପରାମର୍ଶ କ୍ରମେ ପୁରୀ ଶ୍ରୀମନ୍ଦିର ଭିତରେ ଥିବା ସୂର୍ଯ୍ୟମନ୍ଦିର ରେ ହିଁ ନିର୍ବନ୍ଧ କାର୍ଯ୍ୟ କରିବା ପାଇଁ ସ୍ଥିର ହେଲା ।

ପ୍ରଭୁ ନୀଳାଂଜନଙ୍କର ଯେମିତି ଆମ ନିକଟକୁ ସନ୍ଦେଶ ଆସିଲା - ସନ୍ଦେଶ ତ ନୁହେଁ, ରୀତିମତ ଆଦେଶ ଆସିଲା ଏଥିପାଇଁ । ବଡ଼ଦେଉଳର ପୁଷ୍ପାଳକ, ଯିଏ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିଲେ, ତାଙ୍କରି ହାତରେ ଆମେ ସବୁକାମ ନ୍ୟସ୍ତକଲୁ ଏବଂ ନିର୍ବନ୍ଧ ପାଇଁ ସ୍ୱତନ୍ତ୍ର ମହାପ୍ରସାଦ, ଯଥା ମିଠା କାନିକା, ବେସର, କ୍ଷିରୀ ଆଦି ଖାସ୍ ଲୋକଙ୍କୁ ବରାଦ ଦିଆଗଲା । ବରଘରୁ ଆସିଥିବା ଅତିଥିମାନଙ୍କ ପାଇଁ ମଧ୍ୟ ପୁରୀ ଗେଷ୍ଟହାଉସ୍ ରିଜର୍ଭ ହେଲା ତଥା ଆମ ପାଇଁ ଓ ଆମ ବନ୍ଧୁବାନ୍ଧବମାନଙ୍କ ପାଇଁ ମଧ୍ୟ ଗେଷ୍ଟହାଉସ୍ ରିଜର୍ଭ ହେଲା । ସମୁଦୀ ଓ ଅତିଥିମାନେ ତା' ଆଗଦିନଠାରୁ ଆସି ଗେଷ୍ଟ୍ ହାଉସ୍‌ରେ ରହିଥିଲେ ।

ମୁଁ ପ୍ରଭୁଙ୍କ ପାଖରେ ଏତେ କୃତଜ୍ଞ ଯେ, ତାକୁ ବର୍ଣ୍ଣନା କରିବା ମୋ ପାଇଁ ଅସମ୍ଭବ । ସୋନାଲି ଆମ ପରିବାରର ବଡ଼ ଝିଅ, ରମାରମଣଙ୍କ ପଟରୁ ଏବଂ ଆମ ଘରୁ ମଧ୍ୟ ମୋ ଭାଇ, ଭଉଣୀଙ୍କର ପୁଅଝିଅଙ୍କ ମଧ୍ୟରୁ ବଡ଼ଝିଅ । ସମସ୍ତେ ଉତ୍କଣ୍ଠିତ ଭାବରେ ଅନାଇ ରହିଥିଲେ ଏ ବାହାଘର ପାଇଁ । ତେଣୁ ଆମେ କହିଲା ପରେ ସବୁ ଭାଇଭଉଣୀ ଓ ବନ୍ଧୁବାନ୍ଧବମାନେ ଆସି ଆମଘରେ ପହଞ୍ଚିଗଲେ । ୨ଟି ବଡ଼ ବସ୍ ରିର୍ଜଭ୍ ହେଲା ଏବଂ ୫ଟି କାର୍‌ରେ ଆମେ ସମସ୍ତେ ପ୍ୟାକ୍ ହୋଇଚାଲିଲୁ । ପ୍ରତିଗାଡ଼ିରେ ପିଲାମାନେ ଗୀତଗାଇ ଓ ଡ୍ୟାନ୍ସ କରି ଯାଉଥିଲେ । ପ୍ରାୟ ଦୁଇ ଘଣ୍ଟା ପରେ ପୁରୀରେ ପହଞ୍ଚି ଆମେ ଗେଷ୍ଟ୍ ହାଉସ୍ ଗଲୁ ଏବଂ ଫ୍ରେସ୍ ହୋଇ ଶ୍ରୀମନ୍ଦିର ଭିତରେ ପହଞ୍ଚିଲୁ ।

ମନ୍ଦିର ଭିତରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରି ଆଭୂମ ପ୍ରଣତି ଜଣାଇଲୁ ଏବଂ ନୂଆକରି ଆରମ୍ଭ କରିବାକୁ ଯାଉଥିବା ସୋନାଲି ଓ ରାଧାକାନ୍ତଙ୍କର ଦାମ୍ପତ୍ୟ ଜୀବନ ଖୁବ୍ ସୁଖମୟ ଓ ଦୀର୍ଘସ୍ଥାୟୀ କରାନ୍ତୁ ବୋଲି ପ୍ରାର୍ଥନା କଲୁ ।

ସୂର୍ଯ୍ୟମନ୍ଦିର ଭିତରେ ଖୁବ୍ ନିଷ୍ଠାର ସହ ନିର୍ବନ୍ଧ ସରିଲା । ପୁରୀର ନୈଷ୍ଟିକ ବ୍ରାହ୍ମଣମାନେ ଏତେ ନିଷ୍ଠା, ନୈତିକତା ଓ ସଂସ୍କାର ସହ ନିର୍ବନ୍ଧ ସଂପନ୍ନ କଲେ ଏବଂ ପରସ୍ପର ଭିତରେ ଫୁଲମାଳା ଅର୍ପଣ କଲେ ଯେ, ସମସ୍ତେ କହିଲେ ପୁରା ବାହାଘରର ତିନି ଚତୁର୍ଥାଂଶ କାମ ସରିଗଲା । ସେତିକି ବେଳେ ଆମ ଦୁହିଁଙ୍କ ମନ ସନ୍ତୋଷରେ ଭରି ଯାଇଥିଲା ।

ତା'ପରେ ଆସିଲା ମହାପ୍ରସାଦ ସେବନ । ସେଦିନ ନିର୍ବନ୍ଧ ପରର ମହାପ୍ରସାଦ ଏତେ ସୁନ୍ଦର ହୋଇଥିଲା ଯେ, କହି ହବନି । ଆଗରୁ ବରାଦ ହୋଇଥିଲେ ବି ଆମ ଜୀବନକାଳ ଭିତରେ ବୋଧେ ଏତେ ସୁସ୍ୱାଦୁକର ପ୍ରସାଦ ଆମେ କେବେ ଖାଇନଥିଲୁ । ସତରେ ମହାପ୍ରସାଦ ତ' ଅମୃତ । ଆଉ ସେଥିରେ ମହାବାହୁଙ୍କର ବୁନ୍ଦାଏ ଆଶୀଷ ମିଶିନଥିଲେ କ'ଣ ସେ ଖାଦ୍ୟ ଏତେ ସ୍ୱାଦୁକର ହୋଇପାରିଥାନ୍ତା ?

ଗୋଟିଏ ପାର୍ଥିବ ଘଟଣା ଯେ, ଏତେ ଅପାର୍ଥିବ ଭାବରେ ଘଟିଯିବ, ଏକଥା କେହି ଭାବିନଥିଲେ କି କଳ୍ପନା ମଧ୍ୟ କରିନଥିଲେ । ମୋ ମନରେ ସେତେବେଳେ କୁହୁକ ଡେଣା ଲାଗିଯାଇଥିଲା । ଅତି ଚମତ୍କାର ଭାବରେ ତାର ଶୁଭାରମ୍ଭ ପ୍ରଭୁ କରି ଦେଲେ । ସେଇଠି ମୁଣ୍ଡଲଗାଇ ମୁଁ ଓ ରମାରମଣ ପ୍ରଣତି ଜଣାଇଲୁ ଚଉବାହାଙ୍କୁ ।

ଏତେ ବର୍ଷ ହେଲାଣି, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନମାନଙ୍କର ବହୁଗୁଡ଼ିଏ ନିର୍ବନ୍ଧକୁ ଯିବାର ସୌଭାଗ୍ୟ ଆମେ ପାଇଛୁ, କିନ୍ତୁ ଏଭଳି ଅମୃତ ଆମେ କେବେ ପାଇନଥିଲୁ ।

"ହେ କୋଟି କୈବଲ୍ୟ ନାଥ ! ମୁଁ କେବେ ହେଲେ କିଛି ତୁମକୁ ମାଗିନଥିଲି, କିନ୍ତୁ ତୁମେ ମୋର ଦୁଇ ଆଂଜୁଳାରେ ଚେନାଏ କୈବଲ୍ୟ ନୁହେଁ, ମାଠିଆଟିଏ ଅମୃତ ହିଁ ଢାଳିଦେଇଛ, ମୋର ପଣତକାନି ତ ଆଜି ପରିପୂର୍ଣ୍ଣ ହୋଇଯାଇଛି । ଏହିଭଳି ଦୟା ମୋ ଉପରେ ଚିରଦିନ ରଖିଥାଅ କାଳିଆ ସାଆନ୍ତେ !" (କ୍ରମଶଃ)

## ପୁସ୍ତକ ସମୀକ୍ଷା

**'ଥୁଃ'**
(କବିତା)
କବୟିତ୍ରୀ: ପ୍ରୀତିଲେଖା ଦାସ
ପ୍ରକାଶକ-କାଳୀପଦ ପଣ୍ଡା,
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନିଳିଆବାଗ, ବାଲେଶ୍ୱର-୧
ମୂଲ୍ୟ-୯୦




ସଂଘଟନ ହେଉ ଅଥବା ବିଘଟନ, ସଂଶ୍ଳେଷଣ ହେଉ ଅଥବା ବିଶ୍ଳେଷଣ, ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ବା ପ୍ରତ୍ୟୁତ୍ତର ଗୁରୁତ୍ୱପୂର୍ଣ୍ଣ । ପ୍ରତିକ୍ରୟା ହେଉଛି ଭାବନାର ବର୍ଷଣବିନ୍ଦୁ । ସମକାଳ ସାହିତ୍ୟର ପ୍ରତିଭାମୟୀ କବି ପ୍ରୀତିଲେଖା ଦାସଙ୍କର କାବ୍ୟିକ ପ୍ରକରଣ 'ଥୁଃ' ସାମାଜିକ ଅସଂଗତିର ଦୃଶ୍ୟ ପ୍ରତି ଦ୍ରୋହ ଫୁତ୍କାର । ଆଧୁନିକ ଜୀବନର ଦ୍ୱନ୍ଦ ଓ ଦ୍ୱୈତାଭାସ ସବୁ କବି ପ୍ରୀତିଲେଖାଙ୍କ କବିତାର ଅଗ୍ନିଶିଖା । ଯୁଗ ଯନ୍ତ୍ରଣା ଏବଂ ମୂଲ୍ୟବୋଧର ଅବକ୍ଷୟକୁ ସେ ଦେଖିଛନ୍ତି ସମୟର ସୌନ୍ଧବ ନେତ୍ରରେ । ଉତ୍ତର ଉପନିବେଶବାଦୀ ସାହିତ୍ୟର ବାସ୍ତବଧର୍ମୀ ଦିଗ ହେଉଛି 'ଥୁଃ' କବିତା ସମଗ୍ରର ଆଭିମୁଖ୍ୟ ।

ଅନ୍ତର୍ଦ୍ୱନ୍ଦ ଏବଂ ଅନ୍ତର୍ଜିଜ୍ଞାସା ଭିତରେ 'ଥୁଃ' ଏକ ପ୍ରତିକ୍ରିୟା ପ୍ରବଣ ମୁକ୍ତ ପ୍ରାଙ୍ଗଣୀୟ ଶ୍ଳେଷ ହେଲେ ମଧ୍ୟ କବି ଚାହନ୍ତି ନିରାଟ ସତ୍ୟର ବିରାଟ ଏବଂ ବିଷୁଛ ଉନ୍ମୋଚନ । ତେବେ ଜଣେ ସତ୍ୟଶୀଳ ଏବଂ କ୍ରାନ୍ତିଦର୍ଶୀ କବିର ସୃଜନଶୀଳ ଉପଲବ୍ଧି ଓ ଅନୁପ୍ରେରଣାରେ କବିତାର କଳ୍ପଲୋକ ବିଚିତ୍ରବର୍ଣ୍ଣା ହେବାକୁ ବାଧ । ଯୁଗ ଯନ୍ତ୍ରଣାର ସ୍ୱର ଓ ସ୍ୱାକ୍ଷର ଭୀତି ଏବଂ ବେଦନା ଆଡ଼କୁ ପ୍ରତୀକିତ ହେଲେ ମଧ୍ୟ ଉତ୍ତର ଉପନିବେଶବାଦୀ ସାହିତ୍ୟ ଆଶା କରେ ମୁକ୍ତିର ସୂର୍ଯ୍ୟୋଦୟରେ ଭରା ମୁକ୍ତାର ତିଥିଟିଏ । ଦ୍ୱିତୀୟ ଯୁଦ୍ଧୋତ୍ତର ବିଶ୍ୱରେ ସାମାଜିକ ସଂଜ୍ଞା ଓ ଗୋତ୍ର ନିରୂପଣ ଢାଳେ 'ତୃତୀୟ ବିଶ୍ୱ' ପରି ଏକ ସ୍ଥିତି ସୂଚକ ଶବ୍ଦ ଓ ସଂଜ୍ଞାର ସୂତ୍ରପାତ । ତେବେ ପତିତ, ଅବଦମିତ ଓ ଅବହେଳିତ ବ୍ୟକ୍ତିସତ୍ତା ଏବଂ ଗୋଷ୍ଠୀସତ୍ତାଙ୍କୁ ସାହିତ୍ୟର ଅଂଶୀଦାର କଲାବେଳେ ଲେଖକା କବି ଦୁଇଟି ଦିଗ ପ୍ରତି ସଂବେଦନଶୀଳ ଓ ଦାୟିତ୍ୱଶୀଳ ହୋଇଛନ୍ତି । ଯଥା- ସୋସିଆଲ କନ୍‌ସଷ୍ଟ୍ରକ୍ଟ ଟ୍ରୁଥ୍ (ସମାଜ ଗଠିତ ସତ୍ୟ) ତାହାର ୟୁନିକ୍ । ୟୁନିଭରଶଲ୍ କୋଡ୍ (ସ୍ୱତନ୍ତ୍ର ଏବଂ ସାର୍ବଜନୀନ ସଂକେତ ନିରୂପଣ) ଜଗତୀକରଣର ତୀବ୍ର ପ୍ରଭାବରେ ସରଳ ଏବଂ ନିଷ୍କପଟ ଜୀବନଚର୍ଯ୍ୟାର ମୃତ୍ୟୁ ଘଟିଲା ପରେ ସମାଜ ପାଲଟିଛି ଗୋଟେ ସନ୍ଦିଗ୍ଧ ଛକ । ସେ ଛକ ନିକଟରେ ସମାଜନିଷ୍ଠ ଦରଦୀ କବୀଙ୍କର ସ୍ୱର ଶାଣିତ ଏବଂ ସଂବେଦନଶୀଳ ହେବାକୁ ବାଧ । ସେହି ମର୍ମରେ କବୀ ପ୍ରୀତିଲେଖା ଦାସଙ୍କ 'ଥୁଃ' ସଂକଳନର ପ୍ରତ୍ୟେକ କବିତା ଅନୁଶୀଳନ ଯୋଗ୍ୟ ।

ସଂକଳନଟିରେ ସ୍ଥାନ ପାଇଛି ନାତିଦୀର୍ଘ କଳେବରର ମୋଟ ୫୧ଟି କବିତା । 'ପ୍ରଶ୍ନ' କବିତାଠାରୁ ଆରମ୍ଭ କରାଯାଉ କବୀଙ୍କର ଏ ସଂକଳନସ୍ଥ କବିତା ଉଚ୍ଚାରଣ ମାନଙ୍କୁ । "+++ ଆଖି ଖୋଲିଲେ ଅରଣ୍ୟ/ ଆଖି ବୁଜିଲେ ଅରଣ୍ୟ/ ତା' ଭିତରେ ଛଟପଟ ମୁଁ/ ଛାତିରେ ଧରି/ ଶରାଘାତ ପକ୍ଷୀର ଯନ୍ତ୍ରଣା/ ପିଇଛି ମୁଁ ଆଜି ଅନବରତ/ ପୋଷ ପୋଷ ନିଜ ଆଇଁସିଣିଆ ରକ୍ତ ।" କ୍ଷତାକ୍ତ ପକ୍ଷୀର ଯନ୍ତ୍ରଣାକୁ ଉଦରସ୍ଥ କରୁଥିବା ମଣିଷଙ୍କୁ କବୀ ପ୍ରଶ୍ନ କରିଛନ୍ତି ତା'ର ଅସ୍ତିତ୍ୱର ବାସ୍ତବତା ।

ଦିଶାହୀନ ବର୍ତ୍ତମାନ ଭିତରେ ବଂଚୁଥିବା ସ୍ୱୟଂଘୋଷିତ ଏକ ଚକ୍ରବର୍ତ୍ତୀ ସମ୍ରାଟମାନଙ୍କର ଯାତ୍ରା କୁଆଡ଼େ? ଏ ଯାତ୍ରା ଆଲୋକକୁ ଅଥବା ଆଲୋକରୁ ଅନ୍ଧାର ଆଡ଼କୁ ବୋଲି କବୀଙ୍କର ସୈନ୍ଧବ ନେତ୍ରର ପ୍ରଶ୍ନ ।

କବୀ ପ୍ରୀତିଲେଖାଙ୍କର କବିତାରେ ଜୀବନକୁ ନେଇ ଦୃଶ୍ୟମାନ ସଂସାର ଓ ଅଦୃଶ୍ୟ ଭବିଷ୍ୟତର ମଧ୍ୟବିନ୍ଦୁରେ ଉପନୀତ କଲାବେଳେ ଲହୁଲୁହାଣ ଅସ୍ତିତ୍ୱର ପରବର୍ତ୍ତୀ ଠିକଣା ବା ଯାତ୍ରା ବାବଦରେ କାବ୍ୟିକ ପ୍ରସଙ୍ଗଟି ହେଉଛି 'ଅଦୃଷ୍ଟ' । କାରଣ ସଂଚିତ ଓ କ୍ରିୟମାଣର ଫଳଭୋଗ ଭିତରେ କାଳ ଭଉଁରୀର 'ଆଁ' ଗର୍ଭରେ ସ୍ୱପ୍ନ ସବୁ ଲଭିଛି ସଲୀଳ ସମାଧି ।

"ସେତେବେଳେ/ ବଇଁଶୀ ଓଠରୁ/ ନିଗିଡ଼ି ପଡ଼େ ଲହୁ/ ପାଦତଳୁ ନିଖୋଜ ହୁଏ ରାସ୍ତା ।"

ଅପ୍ରମିତ ଦୁଃଖ ଭିତରେ ବି ଦିକ୍ ଦିକ୍ ହୋଇ ଜଳୁଛି ଜୀବନ । ଶବ୍ଦର ଅଣଚାଷ ବୁହାଇ ସାରିବା ପରେ ବି ଗ୍ଲାନିଗ୍ରସ୍ତ ଆତ୍ମାର ନୀରବପଣ ପ୍ରତି କବିଙ୍କର ଅବସୋସ ଭରା ଆରୋପ -

"କୋଉ କରିପାରିଲି ଯେ ବ୍ୟକ୍ତ/ ସଠିକ ଢଙ୍ଗରେ ଆପଣାକୁ/ ହଜାଇଦେଲି ଯାହା/ ସତକୁ ସତ କହିବା ପାଇଁ/ ଜିଭ ତଳେ ଲୁଚାଇ ରଖିଥିବା ହାଡ ଖଣ୍ଡକକୁ ।"

ଚେତନାର ଉଜ୍ଜ୍ୱଳ ଦୀପଶିଖାରେ କବୀ ନିରନ୍ଧ୍ର ଅନ୍ଧକାରର ଭେଦ ଅତିକ୍ରମ କରିବାକୁ ଚାହିଁଛନ୍ତି ସ୍ୱକୀୟ କୋମଳ ଅଥଚ ଆଗ୍ନେୟ ପଂକ୍ତିର କନକ ଦ୍ୟୁତି ନେଇ । ଦୃଶ୍ୟ ଏବଂ ଅଦୃଶ୍ୟ ଭିତରେ ବହୁ ଅପଦୃଶ୍ୟ କବୀଙ୍କୁ କରିଛି ବ୍ୟଥିତ । ଅପଦୃଶ୍ୟର କାବ୍ୟସାକ୍ଷ୍ୟ ଦେଇଥିବା 'ଥୁଃ' ଏକ ଥମିଯାଇଥିବା ଝଡ଼ର ବିପର୍ଯ୍ୟସ୍ତ ଥକ୍‌କାପଣ ଅଥବା ଥମିବାର ନାଁ ଧରୁନଥିବା ଝଡ଼ ଉଦ୍ଦେଶ୍ୟରେ ଗୋଟେ ଶ୍ଳେଷର ଶିଳାପାତ!!

ବର୍ଣ୍ଣନାର ଚିତ୍ରମୟତା ସହ ଶବ୍ଦ ଯୋଜନା ବା ୱାର୍ଡ଼ କଏନେଜ୍‌ରେ କବୀ ପ୍ରୀତିଲେଖା ମନେହୁଅନ୍ତି ସ୍ୱତନ୍ତ୍ର । ସେଇଥିପାଇଁ ହୁଏତ ସମାଜ ଜୀବନର ସମଷ୍ଟିଗତ ଅସଂଗତି ଓ ଏକକ ବ୍ୟକ୍ତିସତ୍ତାର ଜୀବନ ଯନ୍ତ୍ରଣା ବିଜଡ଼ିତ ଚିତ୍ର ସବୁର ରେଟିକୁଲେଟେଡ୍ ବା ଛନ୍ଦାଛନ୍ଦି ଦୃଶ୍ୟକୁ କବୀ ଶ୍ଳେଷାତ୍ମକ ଏକାକ୍ଷରରେ ଫୁତ୍‌କାରିଛନ୍ତି, ଯାହା 'ଥୁଃ' । 'Poetry is the shadows of life' ଭଳି ଆପ୍ତବାକ୍ୟ କବୀଙ୍କର 'ଥୁଃ' କବିତାରେ ପ୍ରତିପାଦିତ ହୋଇଛି । ଯାହାର କାବ୍ୟସ୍ୱର ବିଷାଦ ବିଦ୍ରୋହର ତୂର୍ଯ୍ୟନାଦରେ ବାସ୍ତବ ଜୀବନର ସ୍ତରକୁ ନେଇ ପାଲଟିବାକୁ ଚାହେଁ ଅନୁଭବର ସୂଚନାଙ୍କ ।

ତେବେ ନୀରବ ବିଦ୍ରୋହର 'ଶାଣିତ ସ୍ୱର ଭିତରେ ବି ବେଦୁଇନ୍‌ର ବ୍ୟଥା ସହ ଜଳି ଜଳି ପାଉଁଶ ହେବାର ଧୂପ ଭିତରେ ବି ଧୂସର ସୁଖର ସାରାଂଶ ଖୋଜିବା 'ଥୁଃ' କବିତାର ଆଭିମୁଖ୍ୟ ବୋଲି କୁହାଯାଇପାରେ । କବିଙ୍କର ପ୍ରତୀକ ଗୁଡ଼ିକ ଭାବବାହୀ । ଡବ୍ଲ୍ୟୁ ବି ଇଟ୍‌ସଙ୍କର କବିତାର ସଂଜ୍ଞା **'Poetry is always personal, always are man's vision of the world, one man's experience'** କବୀ ପ୍ରୀତିଲେଖାଙ୍କ କବିତାର ଯେତିକି ପର୍ସନାଲାଇଜ୍ ହୋଇଛି, ସେତିକି ନୈର୍ବ୍ୟକ୍ତିକ ଭାବେ ଜେନେରାଲାଇଜ୍ ହୋଇଉଠିଛି ପ୍ରତ୍ୟେକ ଏକକ ଅନୁଭବରୁ ବହୁ ବର୍ହିଜଗତର ସଂଯୋଗୀ କରଣ ଭିତରେ । ସେ ସମୟର ଦୁଃଖକୁ ଯେତିକି ଆତ୍ମସ୍ଥ କରିଛନ୍ତି ଓ ଚେତନାସ୍ଥ କରିଛନ୍ତି, ତାହାକୁ ସାର୍ବଜନୀନ ଭାଷାରେ ସେତିକି ଉଦାତ୍ତ କଣ୍ଠରେ ପ୍ରକାଶ କରିଛନ୍ତି । ବସ୍ତୁତଃ ଏହାହିଁ କବିଧର୍ମ । ଚିରନ୍ତନର ବ୍ୟାଖ୍ୟା ସହ ସମୟର ସ୍ପନ୍ଦନକୁ କବିତାରେ ଫୁଟାଇବା ହିଁ ଜଣେ ସମୟ ଏବଂ ସମାଜନିଷ୍ଠ କବିର ସିଦ୍ଧିର ସୀମା । ସୂଚୟିତ ଶବ୍ଦ ପାଇଁ ଯଥାର୍ଥ ପ୍ରତୀକ ଓ ରୂପକଳ୍ପ ନିରୂପଣରେ କବୀ ସ୍ୱତନ୍ତ୍ର ଏବଂ ମୌଳିକ । ଏହାହିଁ କବୀଙ୍କର କାବ୍ୟ କୌଳିନ୍ୟ । ଯେମିତିକି -

(କ) ଜାଣେନା, ପ୍ରେମ କେବେ ବୁଲୁଥିଲା ଭୋକ ହୋଇ ଚର୍ମ ଅରଣ୍ୟରେ (କବିତା- ଜାଣେନା)

(ଖ) ଆଉ କିଛି ଜିଦ୍ କଲେ/ ପୋଡ଼ା ଇଟା ଭାଙ୍ଗି, ପରଖିବାକୁ /ତା' ଭିତରେ କଞ୍ଚାମାଟିର ସତ୍ୟତା । (କବିତା- ବେଶ)

(ଗ) ଛିଣ୍ଡା ଜାଲ ଗୋଟାକରେ ଧରୁ ଥାଏ/ ମୁଁ କେମିତି/ ସମୁଦ୍ରରୁ ଜହ୍ନ । (କବିତା-ସ୍ୱାଧୀନତା)

(ଘ) ସମ୍ଭ୍ରାନ୍ତ ସ୍ୱପ୍ନମାନଙ୍କର ଆତଯାତ, (କବିତା- ସ୍ୱାଧୀନତା)

(ଙ) ତୁ ଗାରେ ଦୁଃଖ କିମ୍ବା ଧାରେ ଦରଜ (କବିତା-ନାରୀ)

(ଚ) ଖଣ୍ଡା ବୁଲାଇ ପବନରେ/ ହାଣି ନଶିଖିଲେ ଅନ୍ଧାରକୁ (କବିତା-ନିଆଁ)

ସୂଚୀପତ୍ରରୁ ବାହାରି 'ଥୁଃ' କବିତା ସଂକଳନର 'କବିତାର କଥା' କହିଥିବା ପୃଷ୍ଠାରେ କବୀ ପ୍ରୀତିଲେଖା କହୁଛନ୍ତି- "ମୋ' ଜୀବନର ଦଦରା ବାସ୍ତବତା ହିଁ ମୋର କବିତା/ ତଳକୁ ନିଗିଡ଼ି ପାରି ନଥିବା ବୁନ୍ଦେ ଲୁହ ହିଁ ମୋର କବିତା/ ମୋ' କବିତାର ଧାଡ଼ିଏ ଶୂନ୍ୟତା ହିଁ ମୋର କବିତା/ ମୋ' ଭିତରେ କବିତା ଥାଏ/ କବିତା ଭିତରେ ମୁଁ/ ତୃପ୍ତିଠାରୁ ଅତୃପ୍ତି ହିଁ ଟାଣିନିଏ ବେଶିବେଶି ମୋତେ/ କବିତାର 'ଆଁ' ଭିତରକୁ । ଏହାହିଁ କ'ଣ କବୀ ପ୍ରୀତିଲେଖାଙ୍କର ଯୁଗ ଯନ୍ତ୍ରଣାର ଯତିପାତ, ଏହାହିଁ କ'ଣ ଚେତନାର ଚିତ୍ରାପ୍ରୋଳା ତୀରରେ ଦୁଃଖୀ ଜୀବନର ଚିତ୍ରତ୍ତୋଳନ, ସୁଧୀପାଠକେ ଏହାର ଯଥାର୍ଥ ଉତ୍ତର ଦେବେ । ଶବ୍ଦ ସହ ଶବ୍ଦର ଯଥାର୍ଥ ସହାବସ୍ଥାନ ପାଇଁ କାବ୍ୟିକ ବିଘଟନରେ 'ଥୁଃ' ଏକ ବାଇ ପ୍ରୋଡକ୍ଟ । ଘର୍ମାକ୍ତ ଏବଂ ଲହୁଲୁହାଣ ବାସୁକୀର 'ଥୁଃ' ଫୁତ୍‌କାର ଗୋଟେ ଜ୍ୱାଳା ଏବଂ ଗୋଟେ ଜ୍ୱଳନ । ସ୍ୱାର୍ଥ ନ୍ୟସ୍ତ ଦେବାସୁରଙ୍କ ପାଇଁ ସାଗର ମନ୍ଥନର ଆଦ୍ୟପ୍ରାପ୍ତି, ଆଦ୍ୟକାବ୍ୟ ଉପହାର, ଆଦ୍ୟ ଉଦ୍‌ଗୀରଣ ।




ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

## ଟ୍ରେନ ଧକ୍କାରେ ମାଆ ପୁଅ ମୃତ

ବସ୍ତା,୨୯/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ନୂଆ ଗାଁ ରେଳ ଷ୍ଟେସନରେ ଟ୍ରେନ ଧକ୍କାରେ ମାଆ ପୁଅ ମୃତ । ମୃତକ ଜଣକ ହେଲେ ପଳାସିଆ ଗ୍ରାମର ମନ୍ମଥ ପରିଡାଙ୍କ ଝିଅ ରଞ୍ଜିତା ସେନାପତି ଓ ତାଙ୍କର ୩ ବର୍ଷର ପୁଅ । ସୂଚନା ଅନୁସାରେ ମୃତକ ଙ୍କ ଶାଶୁଘର ଦୁଧହସା ପଞ୍ଚାୟତ ର ଦୁଲାଲବାଟି ଗ୍ରାମ ର ହୋଇଥିବା ବେଳେ, ପାରିବାରିକ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିବା ଜଣାପଡିଛି । ତେବେ ମା ପୁଅ ର ମୃତ୍ୟୁବରଣ କୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## କଂଗ୍ରେସ ପକ୍ଷରୁ ବାତ୍ୟାଞ୍ଚଳରେ ରିଲିଫ ପ୍ରଦାନ

ବାଲେଶ୍ୱର,୨୯/୦୫ (ନି.ପ୍ର): କଂଗ୍ରେସ ନେତାମାନେ ବାଲେଶ୍ୱର ଜିଲାର ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ବୁଲି ଲୋକଙ୍କୁ ରିଲିଫ ପ୍ରଦାନ କରିଛନ୍ତି । ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରି, ସଦର ନିର୍ବାଚନମଣ୍ଡଳୀ ନେତ୍ରୀ ମମତା କୁଣ୍ଡୁ, ମହିଳା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ପାତ୍ରୀ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଓ ଜିଲା ସଭାପତି ପ୍ରମୁଖ ସଦର ବ୍ଲକ ଅନ୍ତର୍ଗତ ମିର୍ଜାପୁର ଅଞ୍ଚଳ ପରିଦର୍ଶନ ସହ ସେଠାକାର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ପଚାରି ବୁଝିଛନ୍ତି । ବାତ୍ୟାରେ ଘର ନଷ୍ଟ ହୋଇଯାଇଥିବା ପରିବାରକୁ ଶୁଖିଲା ଖାଦ୍ୟ ଓ ପଲିଥିନ ଆଦି ସେମାନେ ପ୍ରଦାନ କରିଥିଲେ ।

## ମାରୁତି ସେନା ପକ୍ଷରୁ ବାତ୍ୟା ଆଶ୍ରୟ ସ୍ଥଳିରେ ଖାଦ୍ୟ ବଂଟନ

ବାରିପଦା,୨୯/୦୫ (ନି.ପ୍ର): ବାତ୍ୟା ୟାସ ମୟୂରଭଞ୍ଜ ଜିଲ୍ଲାରେ ତାର ତାଣ୍ଡବ ରଚିଥିଲା ବେଳେ ଜିଲ୍ଲା ପ୍ରସାଶନ ପକ୍ଷରୁ ଲକ୍ଷାଧିକ ଲୋକଙ୍କୁ ତଳିଆ ଅଂଚଳରୁ ନେଇ ସ୍ଥାୟୀ ଏବଂ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖା ଯାଇଥିଲା ତେବେ ବାରିପଦା ବ୍ଲକ ଖଡିଶୋଳ ଗ୍ରାମରେ ଥିବା ସ୍କୁଲରେ ରହିଥିବା ବାତ୍ୟା ପ୍ରଭାବିତ ଲୋକଙ୍କୁ ମାରୁତିସେନା ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ଦେଖାଯାଇଥିଲା ମାରୁତି ସେନାର ମୟୂରଭଞ୍ଜ ଜିଲ୍ଲା ସଭାପତି ରଣଜିତ ରାଉତ ନିଜ ସଂଗଠନର ସ୍ୱେଚ୍ଛାସବୀ ମାନଙ୍କ ସହିତ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ଖାଦ୍ୟ ବଂଟନ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୨୯/୦୫ (ନି.ପ୍ର): ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱର୍ଗତ ଦାସ ଜଣେ ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ଭାବରେ ସୁନାମ କରିଥିଲେ ।ଅର୍ଦ୍ଧଶତାବ୍ଦୀ ରୁ ଅଧିକ ସମୟ ଧରି ସେ ସାମ୍ବାଦିକତା ବୃତ୍ତି ରେ ସକ୍ରିୟ ରହିଥିଲେ। ।ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ବାଲିଆପାଳ ବାତ୍ୟା ଅଞ୍ଚଳ ପରିଦର୍ଶନ କଲେ କଂଗ୍ରେସ ଟିମ୍



ବାଲିଆପାଳ,୨୯/୦୫ (ନି.ପ୍ର): ଗତ ସାଧାରଣ ନିର୍ବାଚନରେ ବାଲେଶ୍ୱର ସାଂସଦ ପ୍ରାଥୀ ହୋଇଥିବା କଂଗ୍ରେସ ନେତା ନବ ଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ ଆଜି ବାଲିଆପାଳ ବାତ୍ୟା ଅଞ୍ଚଳନ ପରିଦର୍ଶନ କରିଛନ୍ତି ।ଏହି ଟିମ ସର୍ବାଧିକ କ୍ଷତିଗ୍ରସ୍ତ ଚୌମୁଖ ପଞ୍ଚାୟତର କଙ୍କଡାପାଳ ଗ୍ରାମକୁ ଯାଇଥିଲେ । ସୁବର୍ଣ୍ଣରେକା ନଦୀ ମୁହାଁଣରେ ଥିବା ଏହି ଗ୍ରାମର ଲୋକଙ୍କୁ ଭେଟି ବାତ୍ୟା ସମୟରେ ସେମାନଙ୍କ ଦୟନୀୟ ସ୍ଥିତିକଥା ପଚାରିବୁଝିଥିଲେ । ତେବେ ବାତ୍ୟାର ଚାରିଦିନ ପରେ ମଧ କ୍ଷତିଗ୍ରସ୍ତ ଲୋକଙ୍କୁ ଏପର୍ଯ୍ୟନ୍ତ କିଛି ସରକାରୀ ସହାୟତା କିମ୍ବା ପଲଥିନଟିଏ ମଧ ମିଳିପାରିନଥିବା ଲୋକମାନେ ଅଭିଯୋଗ କରିଥିଲେ । ସେହିପରି ତିନିଦିନ ଲୋକଙ୍କ ଘରେ ଚୁଲି ଜଳିନଥିବା ବେଳେ ପ୍ରଶାସନ ପକ୍ଷରୁ ସେମାନଙ୍କୁ କିଛି ସୁଖିଲା ଖାଦ୍ୟ ମଧ ମିଳିନଥିବା ଲୋକମାନେ କହିଥିଲେ । କିଛି ଲୋକ ବାତ୍ୟା ଆଶ୍ରୟସ୍ଥଳୀକୁ ଯାଇଥିଲେ ମଧ ସେଠାରେ ସେଭଳି କିଛି ସୁବିଧା ନଥିବାରୁ ବହୁଲୋକ ନିଜ ଜୀବନକୁ ବିପନ୍ନକରି ଘରପାଖରେ ରହିଥିବା କହିଥିଲେ ।ଶ୍ରୀ ପଟ୍ଟନାୟକ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି କ୍ଷତିଗ୍ରସ୍ତ ଲୋକଙ୍କୁ କିପରି ଅଧିକ ସରକାରୀ ସହାୟତା ମିଳିବ ସେ ବିଷୟରେ ପ୍ରତିଶୃତି ଦେଇଥିଲେ । ସେହିପରି ଗ୍ରାମକୁ ସୁରକ୍ଷା ଦେବା ପାଇଁ କଙ୍କଡାପାଳ ନିକଟରେ ଥିବା ଲୁଣି ବନ୍ଧକୁ ଆମ୍ବଚୁଆ ପର୍ଯ୍ୟନ୍ତ ସଂଯୋଗ କରିବା ପାଇଁ ଏହି ଟିମ ଭିଡିଓ କନଫାରେନସିଙ୍ଗ ମାଧମରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବୀ ଉପସ୍ଥାପନା କରିଥିବା ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧରେ କଂଗ୍ରେସ ନେତା ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ରାଜ୍ୟ ପ୍ରବକ୍ତ । ପଦ୍ମାକର ଗୁରୁ,ସୁଦର୍ଶନ ଦାସ,ଭୋଗାରାଇ କଂଗ୍ରେସ ନେତା ସତ୍ୟଶିବ ଦାସ,ବାଲିଆପାଳ ବ୍ଲକ ଅଧକ୍ଷ ବିଜନ ନାୟକ,ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଜେନା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଦେବ କୁମାର ଦେ, ମୁରଲୀ ମୋହନ ସାହୁ,ନାରାୟଣ ଖଟୁଆ,ଜଗନ୍ନାଥ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ ।ପରେ ଏହି ଟିମ କ୍ଷତିଗ୍ରସ୍ତ ଚୌମୁଖ, ଡଗରା, ଯୁଗଡିହା, ଆମ୍ବଚୁଆ ପ୍ରଭୃତି ଅଁଚଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ ।

# ବାତ୍ୟା ଦୁର୍ଗତଙ୍କ ପାଖରେ ସମାଜ ରିଲିଫ



ବାଲେଶ୍ୱର,୨୯/୦୫ (ନି.ପ୍ର): ବାତ୍ୟା 'ୟସ' ଚାଲି ଯାଇଥିଲେ ବି ପ୍ରଳୟର ଚିହ୍ନ ଛାଡି ଯାଇଛି ଉପକୂଳ ଅଞ୍ଚଳରେ । ତାଣ୍ଡବର ଛବି ଏବେ ବି ଉପକୂଳର ୮୪ଟି ଗାଁରେ ଦେଖିବାକୁ ମିଳିଛି । ହଜାର ହଜାର ଏକର ଚାଷଜମି ଲୁଣା ମାଡି ଯାଇଛି ତ ସମଗ୍ର ଉପକୂଳର ଛିନ୍ନଛତ୍ର ହୋଇ ଯାଇଛି ଘର, ଗଛ ଓ ଉପକୂଳବାସୀଙ୍କ ଜୀବିକା । ଲୋକେ ପାଣି ଘେରରେ ରହିଥିଲା ବେଳେ ଜୀବିକା ଦୁର୍ବିସହ ହୋଇ ପଡିଛି । କରୋନା ମାହମାରୀ ସାଙ୍ଗକୁ ବାତ୍ୟା ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି । ଏମିତି ବେଳେ ଅନେକ ଅଞ୍ଚଳର ଲୋକଙ୍କ ଘରେ ଚୁଲି ଜଳୁ ନାହିଁ । ଏହି ସମୟରେ ଲୋକଙ୍କ ପାଖରେ ସହାୟ ହୋଇ ପହଞ୍ଚିଥିଲା 'ସମାଜ' ରିଲିଫ । ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବାହାନଗା, ରେମୁଣାର ୧୦ଟି ପଞ୍ଚାୟତରେ ୧୫୦୦ରୁ ଅଧିକ ପରିବାରକୁ ରିଲିଫ ପ୍ରଦାନ କରାଯାଇଥିଲା । ତାଳପଦା, ପଞ୍ଚାୟତର କଳମଗଡିଆ, ରେମୁଣାର ବିଛିନ୍ନାଞ୍ଚଳ, ଆରୁହାବାଡ ପଞ୍ଚାୟତର ଦାମୋଦରପୁର ଛକ, ବଙ୍ଗାଳି ସାହି ସ୍କୁଲ, ବାରୁଣୀ ଛକ, ଖରାସାହାପୁର ପଞ୍ଚାୟତ, ବରିପଦା ପଞ୍ଚାୟତ, ରୂପଖଣ୍ଡ ପଞ୍ଚାୟତ, ଉପର ଆଡିଆ, ମାଟିଆ ମଙ୍ଗଳା, ବରଜଦେଉଳୀ, ବରିପଦା ଆଦି ସ୍ଥାନରେ ରିଲିଫ ପ୍ରଦାନ କରାଯାଇଥିଲା । ୨୭ ତାରିଖ ଦିନ ଧାମରା ଅଞ୍ଚଳରେ ମଧ ବାତ୍ୟା ଓ ବନ୍ୟା ପିଡୀତଙ୍କୁ ରିଲିଫ ପ୍ରଦାନ କରାଯାଇଥିଲା । ରିଲିଫରେ ଚୁଡା, ବିସ୍କୁଟ, କ୍ଷୀରଗୁଣ୍ଡ, ମହମବତୀ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦିଆଯାଇଛି । ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ ବାଲେଶ୍ୱର ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ସାମ୍ବାଦିକ ରତିକାନ୍ତ ପାଢ଼ୀ, ସୁଧାନିଧି ମହାପାତ୍ର, ରାଜାରାମ ଦାସ, ଚନ୍ଦ୍ରମୋହନ ମହାପାତ୍ର, ସନ୍ଦୀପ ପଣ୍ଡା ସହ ବିଭିନ୍ନ ଅଞ୍ଚଳର ସୁବାସ ନାୟକ, ଶିଶିର ଅଗସ୍ତି, ଅନିରୁଦ୍ଧ ଦାସ, ସୁଧୀର ମଲ୍ଲିକ, ଭଗବାନ ପଲେଇ, ଗୀତାଞ୍ଜଳି ରାଉତ, କୈଳାସଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ବିଜେଡି ସିସିଏଫ ପକ୍ଷରୁ ବାତ୍ୟା ପ୍ରଭାବିତଙ୍କୁ ଖାଦ୍ୟ ବଂଟନ

ବାରିପଦା,୨୯/୦୫ (ନି.ପ୍ର): ବାତ୍ୟା ୟାସ ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ, ୫ଲକ୍ଷରୁ ଅଧିକ ଲୋକ କ୍ଷତିଗ୍ରସ୍ତ ହୋଇଥିବାର ଜଣା ଯାଇଛି । ଜିଲ୍ଲା ପ୍ରସାଶନ ପକ୍ଷରୁ ଲକ୍ଷାଧିକ ଲୋକଙ୍କୁ ତଳିଆ ଅଂଚଳରୁ ନେଇ ସ୍ଥାୟୀ ଏବଂ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖା ଯାଇଥିଲା ତେବେ ବାରିପଦା ବ୍ଲକର ଡୁମାପଦା ଗ୍ରାମରେ ଥିବା ସ୍କୁଲରେ ରହିଥିବା ବାତ୍ୟା ପ୍ରଭାବିତ ଲୋକଙ୍କୁ ମାରୁତିସେନା ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ଦେଖାଯାଇଥିଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମୁଖ୍ୟର ମୟୂରଭଞ୍ଜ ଜିଲ୍ଲା ସଂଯୋଜକଙ୍କ ତତ୍ତ୍ୱାବଧାନ କ୍ରମେ ରାସଗୋବିନ୍ଦପୁର ବ୍ଲକ ସଂଯୋଜକ ରମାକାନ୍ତ ରାଉତ ଏବଂ କୁଳିଅଣା ବ୍ଲକ ସଂଯୋଜକ ଦିଲ୍ଲିପ କୁମାର ପାତ୍ରଙ୍କ ସହିତ ବହୁ ଗ୍ରାମପଂଚାୟତ ସଂଯୋଜକ ମିଶି ଡୁମାପଦା ଗ୍ରାମକୁ ଯାଇ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର



ବାରିପଦା,୨୯/୦୫ (ନି.ପ୍ର): ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତ୍ୱର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାର ସୂଚନା ମିଳିଛି । ଘଟଣା ଘଟିଛି ବେତନଟି ରେଞ୍ଜ ଅଧିନସ୍ଥ ମୋରଡା ବ୍ଲକର ଭାଲିଆଡିହା ପଂଚାୟତ ବନ୍ଧସାହି ଗ୍ରାମ ନିକଟରେ । ତେବେ ହାତୀ ଆକ୍ରମଣର ଶୀକାର ହୋଇ ଗରୁତ୍ୱର ହୋଇଥିବା ବ୍ୟକ୍ତିଙ୍କ ନାମ ମଧୁ ମୁର୍ମୁ(୬୨)ବୋଲି ଜଣା ଯାଇଛି । ସୂଚନା ମୁତାବକ ଗାଁ ନିକଟସ୍ଥ ଜଙ୍ଗଲକୁ ସକାଳୁ ସକାଳୁ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତ୍ୱର ହୋଇଥିଲେ ବ୍ୟକ୍ତି ଜଣକ । ସ୍ଥାନୀୟ ଗ୍ରାମବାସୀ ଖବର ପାଇ ବନ ବିଭାଗକୁ ଖବର ଦେଇଥିଲେ । ତେବେ ବନବିଭାଗ ହାତୀ କବଳରୁ ବୃଦ୍ଧକୁ ଉଦ୍ଧାର କରି ଗୁରୁତ୍ୱର ଅବସ୍ଥାରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି କରାଇଥିବା ଜଣାପଡିଛି । ସୂଚନା ଯୋଗ୍ୟ ଝାରଖଣ୍ଡର ଦଲମା ଜଙ୍ଗଲରୁ ୨୦ରୁ ଉର୍ଦ୍ଧ ହାତୀ ଆସିଥିବା ବେଳେ ରାସଗୋବିନ୍ଦପୁର ଏବଂ ବେତନଟି ରେଞ୍ଜରେ ଉତ୍ପାତ ଚଳାଇଥିବା ଥିବେ ବେଳେ ବନବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବା ଦେଖିବାକୁ ମିଳିଛି । ତେବେ ଗୁରୁତ୍ୱର ମଧୁଙ୍କ ସ୍ତ୍ରୀ ମାଲଭା ମୁର୍ମୁ ସରକାରଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ସହିତ ସରକାରଙ୍କ ଠାରୁ ସହାୟତା ଦାବି କରିଛନ୍ତି ।

# ଓଡ଼ିଶାର ବିପତ୍ତି ସମୟରେ ସବୁବେଳେ ତତ୍ପର ଓ ସକ୍ରିୟ ଭାବେ ଆଗେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ



ଭୁବନେଶ୍ୱର,୨୯/୦୫(ନି.ପ୍ର): ବାତ୍ୟା ଓ ବନ୍ୟା ପ୍ରବଣ ଓଡ଼ିଶା ପ୍ରତ୍ ସବୁବେଳେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିପତ୍ତି ସମୟରେ ଆସି ରାଜ୍ୟର ବିପନ୍ନଙ୍କ ସହିତ ଛିଡ଼ା ହେବା ଠାରୁ ଆରମ୍ଭ କରି ବିପର୍ଯ୍ୟୟ ଜନିତ କ୍ଷତ୍ ଭରଣା ଲାଗି କେନ୍ଦ୍ରୀୟ ସହାୟତାର ଭଣ୍ଡାର ଖୋଲିବାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମେବେବି କୁଣ୍ଠାବୋଧ କରିନାହାନ୍ତି । ପ୍ରଧାନମନ୍ତ୍ରୀ ହେବାରୋ ୭ବର୍ଷ ମଧରେ, ବିପତ୍ତି ସମୟରେ ସେ ଓଡ଼ିଶାକୁ ମୋଟ୍ ୩ ଥର ଗସ୍ତ କରିଛନ୍ତି । ଶେଷଥର ପାଇଁ ଗତ ମେ ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିଲେ। ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି । ସେଥିପାଇଁ ସେ ଓଡ଼ିଶାର କଲ୍ୟାଣ ପ୍ରତୀ ଅଧିକ ଧ୍ୟାନ ଦେଉଛନ୍ତି ବୋଲି ବହୁ ରାଜ୍ୟବାସୀ ମତ ଦିଅନ୍ତି । ଗତବର୍ଷ ମେ ମାସରେ-ସରା ଭାରତ କୋଭିଡ ପ୍ରଥମ ଲହରୀ ସହିତ ସଂଘର୍ଷ କରୁଥିଲା । ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିଲା ଏବଂ ଟିକା ସେତେବେଳେ ବିକଶିତ ସୁଦ୍ଧା ହୋଇନଥିଲା । ଏପରି ଏକ ସମୟରେ ଅମ୍ଫାନ୍ ବାତ୍ୟା ଆସିଥିଲା । ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିଲା । ୨୨ ମେ ୨୦୨୦ରେ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶା ଗସ୍ତରେ ଆସିଥିଲେ ଏବଂ ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ନିରୀକ୍ଷଣ କରିଥିଲ । ଏଥିସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନୟକଙ୍କ ସହିତ ଏକ ବୈଠକରେ ପରିସ୍ଥିତିର ସମୀକ୍ଷା କରିଥିଲେ । ଅନୁରୂପ ଭାବେ ଯେତେବେଳେ ମେ ୨୦୧୯ରେ ଓଡ଼ିଶାରେ ଫନି ବାତ୍ୟା ମାଡ଼ ହୋଇଥିଲା, ମେ ୬ ତାରିଖରେ ସେ ନିର୍ବାଚନୀ ବାତ୍ୟା ଶୋଭାଯାତ୍ରା ବାତିଲ କରି ଓଡ଼ିଶା ଗସ୍ତରେ ଆସିଥିଲେ ।

## ବସନ୍ତ ଦାସଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୨୯/୦୫ (ନି.ପ୍ର): ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ଲେଖକ ତଥା ରାଜନୈତିକ ସମୀକ୍ଷକ ବସନ୍ତ ଦାସଙ୍କ ପରଲୋକରେ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବରିଷ୍ଠ ସାମ୍ବାଦିକ,ରାଜନୈତିକ ବିଶ୍ଳେଷକ ବସନ୍ତ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ସେ ଜଣେ ନିଆରା ବ୍ୟକ୍ତିତ୍ୱ ଥିଲେ । ଓଡ଼ିଶା ରାଜନୀତିକୁ ନେଇ ତାଙ୍କର ଲମ୍ବା ଅନୁଭୂତି ଆଧାରରେ ସେ ଲେଖିଥିବା ପୁସ୍ତକ ସର୍ବଜନ ଗ୍ରହଣୀୟ ହୋଇଥିଲା । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମନ୍ତ୍ରିପରିଷଦ ବୈଠକରେ....

ରାଜ୍ୟ ମନ୍ତ୍ରିପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଜନସାଧାରଣଙ୍କୁ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ସଂପର୍କରେ ଉପଯୁକ୍ତ ଜ୍ଞାନ ଓ ଦକ୍ଷତାରେ ସଶକ୍ତ କରିବା ପାଇଁ ଏକ ସୁବ୍ୟବସ୍ଥିତ ତଥା ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସଂକଳ୍ପ ପାରିତ କରାଯାଇଛି । ଏହା ଓଡିଶାକୁ ବିପର୍ଯ୍ୟୟ ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟ ଭାବରେ ଗଢିତୋଳିବା ଏବଂ ବିପର୍ଯ୍ୟୟ - ଏହା ଜୈବିକ ବା ଜଳବାୟୁ ଜନିତ - ଯାହା ବି ହେଉ, ତାର ମୁକାବିଲା ପାଇଁ ଓଡିଶା ଭବିଷ୍ୟତରେ ସବୁବେଳେ ପ୍ରସ୍ତୁତ ରହିବ । ମୁଖ୍ୟତଃ ଆମର ଲକ୍ଷ୍ୟ ହେଉଛି ଯେକୌଣସି ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ଓଡିଶାର ଘରେ ଘରେ ଯୋଦ୍ଧା ସୃଷ୍ଟି କରିବା ।ଏହି ମିଶନକୁ ଆଗେଇ ନେଇ ଓଡିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ପ୍ରତିରୋଧୀ ରାଜ୍ୟ ଭାବରେ ଗଢିତୋଳିବା ପାଇଁ ଏକ ଟ୍ୟାସ୍କଫୋର୍ସ ଗଠନ କରାଯିବ । ଭବିଷ୍ୟତରେ ଯେକୌଣସି ଜରୁରୀ ପରିସ୍ଥିତି ପାଇଁ ଏହା ହେବ ଆମର ସର୍ବ ବୃହତ ପ୍ରସ୍ତୁତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପଂଚମ ପାଳିର ସରକାର ଆରମ୍ଭ ହେବା ପୂର୍ବରୁ ମଇ ୨୦୧୯ ରେ ଆମକୁ ଫନି ପରି ବାତ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ଗତ ଦୁଇ ବର୍ଷ ହେଲା ଆମେ ବାତ୍ୟା ଏବଂ କୋଭିଡ ମହାମାରୀର ବିପର୍ଯ୍ୟୟକାରୀ ପ୍ରଭାବ ସାମ୍ନା କରିଆସୁଛୁ । ସାରା ବିଶ୍ୱରେ ବିପର୍ଯ୍ୟୟ ପରିଚାଳନାରେ ଏକ ମଡେଲ ଭାବରେ ସ୍ୱୀକୃତ ଓଡିଶା ଏ କ୍ଷେତ୍ରରେ ତାର ମାନବୀୟ ଦୃଷ୍ଟିଭଙ୍ଗୀ ଓ ଦକ୍ଷତା ପାଇଁ ସୁନାମ କରିଛି । ଅପରପକ୍ଷରେ ଏପର୍ଯ୍ୟନ୍ତ ଆମ ରାଜ୍ୟ କରୋନା ସଂକ୍ରମଣର ଦୁଇଟି ଲହର ଦ୍ୱାରା ପ୍ରଭାବିତ ହୋଇସାରିଲାଣି । ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସଠିକ୍ ଭାବରେ ପରିଚାଳନା କରିବାରେ ଆମେ ସକ୍ଷମ ହୋଇପାରିଛୁ ଏବଂ ସଂକ୍ରମଣର ପ୍ରସାର ଦ୍ୱାରା ଆମର ବ୍ୟବସ୍ଥା ଏପର୍ଯ୍ୟନ୍ତ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇନାହିଁ । ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଆମ ସରକାର ସବୁବେଳେ ଆଗୁଆ ପଦକ୍ଷେପ ନେଇଆସିଛନ୍ତି । କୋଭିଡ ପରିଚାଳନାରେ ଆମକୁ ଆଗକୁ ଆହୁରି ପଥ ଅତିକ୍ରାନ୍ତ କରିବାକୁ ଅଛି । ବର୍ତମାନ ଟିକାକରଣ ଉପରେ ଫୋକସ କରିଛୁ । ଟିକାକରଣ ନିମନ୍ତେ ଆମର ସମ୍ବଳର ଉପଯୋଗ କରି ଆମର ଲୋକମାନଙ୍କୁ ଯେତେଶୀଘ୍ର ସମ୍ଭବ, ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେଇଛୁ । ଓଡିଶାର ଜନସାଧାରଣ ପଂଚମ ଥର ପାଇଁ ଆମକୁ ଆଶୀର୍ବାଦ କରି ସେବାର ସୁଯୋଗ ଦେଇଛନ୍ତି । ଲୋକଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତି ଏବଂ ସେମାନଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ କଠିନ ପରିଶ୍ରମ କରୁଛୁ । ଏହି ମହାମାରୀ ଏକ ଅନନ୍ୟ ପରିସ୍ଥିତି ସୃଷ୍ଟି କରିଛି, ଯାହାଦ୍ୱାରାକି ଲୋକମାନଙ୍କ ଜୀବନ ଓ ଜୀବିକା ଗଭୀର ଭାବରେ ପ୍ରଭାବିତ ହୋଇଛି । ଏସବୁ ଆହ୍ୱାନ ସତ୍ୱେ ଆମର ଦୃଢ ବିଶ୍ୱାସ ଯେ ଓଡିଶାର ଜନସାଧାରଣଙ୍କ ସହଯୋଗରେ ଏହି ସଂକଟର ମୁକାବିଲାରେ ଆମେ ବିଜୟୀ ହେବୁ ତଥା ଓଡିଶାର ରୂପାନ୍ତର ନିମନ୍ତେ ଆମର ଭଲ କାମକୁ ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଗୋଟିଏ ଦିନରେ ୭୧୮୮....

ରାଜ୍ୟରେ ବର୍ତମାନ ସୁଦ୍ଧା ୬୪୭୧୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୭୨୭୧ ରହିଛି । ଆଜି ଚିହ୍ନଟ ହୋଇଥିବା ୭୧୮୮ ଜଣଙ୍କ ମଧ୍ୟରୁ ୪୦୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୧୬୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୧୩୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୦୩ ଜଣ, ବରଗଡ଼ରୁ ୨୭୧ ଜଣ, ଭଦ୍ରକରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୯୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୫୭ , କଟକରୁ ୬୯୦ ଜଣ, ଦେବଗଡ ଜିଲ୍ଲାରୁ ୬୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫୫ ଜଣ, ଗଜପତି ଜିଲ୍ଲାରୁ ୧୦୬ , ଗଞ୍ଜାମରୁ ୧୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫୪ ଜଣ, ଯାଜପୁରରୁ ୪୦୬ ଜଣ, ଝାରସୁଗୁଡ଼ାରୁ ୧୧୪ ଜଣ, କଳାହାଣ୍ଡିରୁ ୧୭୭ ଜଣ, କନ୍ଧମାଳ ଜିଲ୍ଲାରୁ ୫୪ ଜଣ. କେନ୍ଦ୍ରାପଡ଼ାରୁ ୭୫ ଜଣ, କେନ୍ଦୁଝରରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୧୩୪ ଜଣ, କୋରାପୁଟରୁ ୨୦୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୨୦ ଜଣ, ନବରଙ୍ଗପୁରରୁ ୨୧୬ ଜଣ, ନୟାଗଡ଼ରୁ ୨୪୨ ଜଣ, ନୂଆପଡ଼ାରୁ ୬୨ ଜଣ, ପୁରୀରୁ ୪୫୭ ଜଣ, ରାୟଗଡ଼ାରୁ ୧୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୨୦ ଜଣ, ସୋନପୁରରୁ ୧୨୯ ଜଣ, ସୁନ୍ଦରଗଡ଼ରୁ ୧୭୨ ଜଣ ଓ ଷ୍ଟେଟ୍ ପୁଲରୁ ୨୩୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ପଶ୍ଚିମବଙ୍ଗ ....

ନେତାଙ୍କୁ ବୈଠକରେ କାହିଁକି ସାମିଲ କରାଗଲା ନାହିଁ ? ଏଠାରେ ଶୁଭେନ୍ଦୁ ଅଧିକାରୀ କେଉଁ ଅଧିକାରରେ ପ୍ରଧାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧରେ ହେବାକୁ ଥିବା ବୈଠକରେ ଯୋଗ ଦେଇଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହୁରି କହିଛନ୍ତି କି ମୋ କାର୍ଯ୍ୟକ୍ରମ ସ୍ଥିର ହେବା ପରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ମୋତେ ସୂଚନା ମିଳିଥିଲା । ଏହାପରେ ବି ମୁଁ ତାଙ୍କୁ କଲାଇକୁଣ୍ଡା ଠାରେ ୨୦ ମିନିଟ୍ ଅପେକ୍ଷା କରିଥିଲି । ଏହାସହ ବୈଠକରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଅନୁମତି ନେଇ ମୁଁ ଦୀଘା ଗସ୍ତ କରିଥିଲି । ଏହାପରେ ବି ବିଜେପି ମୋତେ ବଦନାମ୍ କରିବାକୁ ଚେଷ୍ଟା କରୁଛି । ହେଲେ ପଶ୍ଚିମବଙ୍ଗବାସୀଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ ପଡିଲେ ମୁଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି ।

## ରାମଦେବ ବାବାଙ୍କ ବିବଦୀୟ ....

ବୟାନ ଉପରେ ପ୍ରମାଣ ନହେଲେ ବାବା ରାମଦେବ କ୍ଷମା ମାଗିବାକୁ ଦାବି କରିଛି ଏଫଏଆଇଏମଏ । କହିରଖୁ କି କରୋନା ଭଳି ମହାମାରୀ ବେଳେ ଦେଶରେ ଆର୍ୟୁବେଦ ଓ ଏଲୋପାଥିକ ମଧରେ ଯୁଦ୍ଧ ପରିସ୍ଥିତି । ଏହାସହ ବାବା ରାମଦେବଙ୍କ ନୂଆ ଭିଡିଓ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ମେଡିକାଲ ଆସୋସିଏସନ । ଏହାସହ କିଛି ୟେଲୋପାଥି ଡାକ୍ତର ବ୍ୟକ୍ତିଗତ ପେଷାକୁ ଅପମାନିତ କରୁଥିବା ଭଳି ମନ୍ତବ୍ୟ ବିରୋଧରେ ମାନହାନୀ ନୋଟିସ ପଠାଯିବା ସହ ୧ କୋଟି ଟଙ୍କା ମଗାଯାଇଛି । ସେପଟେ ବାବା ରାମଦେବଙ୍କ ନୂଆ ଭିଡିଓ ବେସ୍ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ବାବା ରାମଦେବ କହୁଛନ୍ତି କି, 'କାହା ବାପର ତାକତ୍ ନାହିଁ ମୋତେ ଗିରଫ୍ କରିବ' । ଏଭଳି ଭିଡିକୁ ନେଇ ବିଭିନ୍ନ ସ୍ତରରୁ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବେଳେ ବାବାଙ୍କ ଅତି ନିକଟତର କୁହାଯାଉଥିବା ବାବା ଆଚାର୍ଯ୍ୟ ବାଲକୃଷ୍ଣ ସଫେଇ ଦେବାକୁ ଯାଇ କହିଛନ୍ତି କି ଏହି ଭିଡିଓ କିଛିବର୍ଷ ତଳର । କିଛି ବିରୋଧୀ ଏକଥା କହୁଛନ୍ତି ଯେ ଏହି ଭିଡିଓରେ କରୋନା କଥା କୁହାଯାଉଥିବା ବେଳେ ଏହା କିଛିବର୍ଷ ତଳର କେମିତି ହେଲା । ମାମଲା କେବଳ ଥାନା , କୋର୍ଟ, କଚେରୀ ନୁହେଁ ମାମଲା ପୁରା ପ୍ରଧାନମନ୍ତ୍ରୀଙ୍କ ପାଖକୁ ଯାଇଛି । ଆଇଏମଏ ପକ୍ଷରୁ ବାବା ରାମଦେବ କରୋନା ପାଇଁ ସରକାର ପ୍ରସ୍ତୁତ କରିଥିବା ପ୍ରୋଟୋକଲକୁ ଚ୍ୟାଲେଞ୍ଜ କରିବା ଓ ଟିକାକରଣକୁ ନେଇ ଲୋକମାନଙ୍କ ମନରେ ଭୟ ସୃଷ୍ଟି କରିଥିବା ଯୋଗୁଁ ତାଙ୍କ ଉପରେ ରାଜଦ୍ରୋହ ମାମଲା ରୁଜୁ କରାଯାଉ ।

## ଆସନ୍ତା ୫ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ....

କନ୍ଧମାଳ, ବୌଦ୍ଧ, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହିତ ରାଜ୍ୟର କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଆଦି ଜିଲ୍ଲାରେ ୩୦ରୁ ୩୧ ତାରିଖ ମଧରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ସମୟରେ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେହିପରି ୧ରୁ ୨ ତାରିଖ ମଧରେ ସୁବର୍ଣ୍ଣପୁର, ବେ ?ଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବରଗଡ଼, ସମ୍ବଲପୁର, ଅନୁଗୁଳ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି । ଏଥିସହିତ ନବରଙ୍ଗପୁର, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଅଛି । ସେଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ।

# ରାଜଧାନୀରେ ୨୪ ଘଂଟାରେ ୮୭୧ ପଜିଟିଭ୍, ୧୦୭୩ ସୁସ୍ଥ

ଭୁବନେଶ୍ୱର,୨୯/୦୫ (ନି.ପ୍ର): ରାଜଧାନୀରେ ପୁଣି ବଢିଛି ଦୈନିକ ସଂକ୍ରମଣ । ତେବେ ସଂକ୍ରମିତଙ୍କ ଠାରୁ ସୁସ୍ଥଙ୍କ ସଂଖ୍ୟା ଅଧିକ ରହିଛି । ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଆଉ ୮୭୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୧୮୨ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୬୮୯ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୦୭୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୩୭ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଖଣ୍ଡଗିରି ରୁ ୩୬ଜଣ, ଓଲ୍ଡ ଟାଉନ୍ ରୁ ୩୫ ଜଣ, ନୟାପଲ୍ଲୀରୁ ୩୨ ଜଣ,ଝାରପଡା ରୁ ୨୫ ଜଣ, ଲକ୍ଷ୍ମୀସାଗରରୁ ୨୪ ଜଣ, ଶୈଳଶ୍ରୀବିହାରରୁ ୨୪ ଜଣ, ୟୁନିଟ୍ ୯ ରୁ ୨୧ ଜଣ, ଡୁମଡୁମା ଓ ଜୟଦେବବିହାରରୁ ୨୦ ଜଣ ଲେଖାଏଁ ,ବଡଗଡରୁ ୧୯ ଜଣ, ରସୁଲଗଡରୁ ୧୮ ଜଣ, ୟୁନିଟ୍ ୮ ଓ ବିଜେବି ନଗରରୁ ୧୭ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ସେହିପରି ନୟାପଲ୍ଲୀରୁ ୧୫ ଜଣ, ୟୁନିଟ୍ ୬ରୁ ୧୦ ଜଣ , ପଟିଆ ଓ ଚନ୍ଦ୍ରଶେଖରପୁରରୁ ୯ ଜଣ ଲେଖାଏଁ, ଓଲ୍ଡଟାଉନ୍ ରୁ ୮ଜଣ, ଶୈଳଶ୍ରୀବିହାର ରୁ ୭ ଜଣ, ଝାରପଡା ଓ ୟୁନିଟ୍ ୮ ରୁ ୬ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୩୯୭୨ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୬୧୯୭୬ କୁ ବୃଦ୍ଧି ପାଇଛି ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର 'ଆମ ଭରସା ନବୀନ' ଅଭିଯାନ

ଭୁବନେଶ୍ୱର,୨୯/୦୫(ନି.ପ୍ର): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତୃଣମୂଳ ସ୍ତରରେ କରୋନା ମହାମାରୀରୁ ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ଅନୁଭୂତି ଏବଂ ଅନୁଭବ ଲୋକଲୋଚନକୁ ଆଣିବା ପାଇଁ ରାଜ୍ୟରେ 'ଆମ ଭରସା ନବୀନ' ଅଭିଯାନର ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜିଲ୍ଲାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକମାନେ ସଂଯୋଜନା କରିବେ ଏବଂ ବ୍ଲକ, ଗ୍ରାମପଂଚାୟତ ସ୍ତରୀୟ ସାମ୍ମୁଖ୍ୟ ସଂଯୋଜକ ଓ ଗ୍ରାମସ୍ତରରେ ସଂସ୍କୃତି ସୈନିକମାନେ ପରିଚାଳନା କରିବେ। ଶନିବାର ଦିନ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଏକ ରାଜ୍ୟସ୍ତରୀୟ ପ୍ରତିନିଧି ମଣ୍ଡଳ ବୈଠକ ଡିଜିଟାଲ ମୋଡ଼ରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଂଚଳ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ଆଂଚଳିକ କଥିତ ଭାଷାରେ ସଚେତନତା ଓ ଟୀକାକରଣ ନିମନ୍ତେ ସଚେତନତା ବାର୍ତ୍ତା ପ୍ରସାର କରିବାର ଦାୟିତ୍ୱ ସାମ୍ମୁଖ୍ୟ ବହନ କରିଛି। ଏହି ସବୁ ଭାଷାରେ ଭିଡିଓ କ୍ଲିପ୍ ପ୍ରସ୍ତୁତ କରାଯାଇ ସମ୍ପୃକ୍ତ ଅଂଚଳରେ ପ୍ରଚାର ଓ ପ୍ରସାର କରାଯିବା ନିମନ୍ତେ ଏକ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରାଯାଇଥିଲା। ଆମ ରାଜ୍ୟରେ 'କରୋନା' ମୃତ୍ୟୁହାର ସର୍ବନିମ୍ନ ଏବଂ ସୁସ୍ଥତା ହାର ସର୍ବାଧିକ। ଆରୋଗ୍ୟ ଲାଭ କରିଥିବା ଲୋକଙ୍କ ଅନୁଭୂତିର ଭିଡିଓ କ୍ଲିପ୍ ପ୍ରସ୍ତୁତ କରାଯାଇ ରାଜ୍ୟରେ ଏକ ସକାରାତ୍ମକ ବାତାବରଣ ସାମାଜିକ ଗଣମାଧ୍ୟମ ଜରିଆରେ ସୃଷ୍ଟି କରାଯିବ, ଯାହାଫଳରେ ସମାଜରେ ନୂତନ ଆଶାର ସଂଚାର ହେବା ସହିତ କୋଭିଡ୍ ସଂକ୍ରମିତ ତଥା ଜନସାଧାରଣଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ବୃଦ୍ଧି ପାଇବ ଏବଂ କରୋନାରେ ନିୟୋଜିତ ଚିକିତ୍ସକ ଓ ଅନ୍ୟାନ୍ୟ କର୍ମଚାରୀଙ୍କର ମନୋବଳ ବୃଦ୍ଧି କରିବାରେ ଏହା ସହାୟକ ହେବ। ଏହି ସଭାରେ ସାଂସଦ ଡ. ଅମର ପଟ୍ଟନାୟକ , ସାମ୍ମୁଖ୍ୟର ଆବାହକ ରବିନାରାୟଣ ନନ୍ଦ , ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲା ସଂଯୋଜକ ମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲାପାଳଙ୍କ ଗାଡି ଅଟକାଇ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଗିରଫ

ବାଲିଆପାଳ,୨୯/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାପାଳ ଙ୍କ ଗାଡିକୁ ଅଟକାଇବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିବା କୋଭିଡି ଆଇନ ଉଲଂଘନ ଅଭିଯୋଗରେ ଡଗରା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସତ୍ୟାନନ୍ଦ ମହାନ୍ତିଙ୍କୁ ବାଲିଆପାଳ ପୋଲିସ ରାତି ଅଧିଆ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛନ୍ତି । ଏହି ଘଟଣାକୁ ନେଇ ଡଗରା ପଞ୍ଚାୟତରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ବେଳେ ଆଜି ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଡଗରା ପଞ୍ଚାୟତ ଗସ୍ତକରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ।ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ବାଲିଆପାଳ ଗସ୍ତରେ ଆସି ତହସିଲଦାର ଶ୍ରୀ ଦାସଙ୍କ ସହିତ କ୍ଷତିଗ୍ରସ୍ତ ଚୌମୁଖ ଓ ଡଗରା ପଞ୍ଚାୟତର ବାସ୍ତବସ୍ଥିତି ଅନୁଧ୍ୟାନ ପାଇଁ ଯାଇଥିଲେ । ଫେରିବା ସମୟରେ ଡଗରା ସରପଞ୍ଚଙ୍କ ଘର ନିକଟରେ କିଛି ଲୋକ ଜିଲ୍ଲାପାଳଙ୍କ ଗାଡି ଆଗରେ ଶୋଇ ତହସିଲଦାରଙ୍କ ବିରୋଧରେ ଅଭିଯୋଗ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କୁ ତୁରନ୍ତ ପଲଥିନ ଦେବାକୁ ଦାବି କରିଥିଲେ ।ଜିଲ୍ଲାପାଳ ଦୁଇଦିନ ଭିତରେ ତଦନ୍ତ କରାଯାଇ ପଲଥିନ ଦିଆଯିବ ବୋଲି ପ୍ରତିଶ୍ରୁତିଦେବାପରେ ଲୋକମାନେ ରାସ୍ତାରୁ ଉଠିଥିଲେ । ତେବେ କୋଭିଡ ଆଇନ ଉଲଘଂନ ଓ ଜିଲ୍ଲାପାଳଙ୍କ ଗାଡି ଅଟକାଇ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟିକରିବା ଅଭିଯୋଗକରି ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଶୁକ୍ରବାର ରାତିରେ ସତ୍ୟାନନ୍ଦ ମହାନ୍ତି,ତୀର୍ଥକୁମାର ନାଗ ଓ ପ୍ରମୋଦ କୁମାର ପାତ୍ର ସମେତ ଆଉ କିଛି ଲୋକଙ୍କ ନାମରେ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତହସିଲଦାରଙ୍କ ଏତାଲା ଭିତ୍ତିରେ ପୋଲିସ ୯୪/୨୧ରେ ଏକ ମାମଲା ରୁଜୁକରି ଶୁକ୍ରବାର ବିଳମ୍ବିତ ରାତ୍ରୀରେ ସତ୍ୟାନନ୍ଦ ମହାନ୍ତିଙ୍କୁ ଗିରଫ କରି ଥାନାକୁ ନେଇଆସିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ ।ତେବେ ବିଜେପି ପକ୍ଷରୁ ଏହି ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି ।

# କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ବାଲିଆପାଳ ବାତ୍ୟା ଅଞ୍ଚଳ ଗସ୍ତ



ବାଲିଆପାଳ,୨୯/୦୫ (ନି.ପ୍ର): ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଆଜି ବାଲିଆପାଳ ଗସ୍ତରେ ଆସି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଶ୍ରୀ ଷଡଙ୍ଗୀ ପ୍ରଥମେ ସର୍ବାଧିକ କ୍ଷତିଗ୍ରସ୍ତ ଡଗରା ପଞ୍ଚାୟତର ଯୁଗଡିହା ଗ୍ରାମକୁ ଯାଇଥିଲେ । ସେଠାରେ ଲୋକଙ୍କୁ ଭେଟି ବାତ୍ୟା ସମୟରେ ସମୁଦ୍ର ଜୁଆରପାଣି ମାଡିଆସି ଲୋକଙ୍କ ଧନଜୀବନ କିପରି ବିପନ୍ନ କରିଥିଲା ସେ ବିଷୟରେ ଶୁଣିଥିଲେ ।ଆୟଚୁଆଠାରୁ ଡଗରା ପର୍ଯ୍ୟନ୍ତ ନଦୀ କୂଳରେ ଆଡିବନ୍ଧ ଓ ପଥର ପ୍ୟାଚିଙ୍ଗ ହେଉନଥିବାରୁ ଏହିଭଳି ସମସ୍ୟା ସୃଷ୍ଟିହେଉଥିବା ଲୋକମାନେ ଅଭିଯୋଗ କରିଥିଲେ ।ମନ୍ତ୍ରୀ ଏବିଷୟରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରି ପଦେକ୍ଷପ ନେବେ ବୋଲି ପ୍ରତିଶୃତି ଦେଇଥିଲେ ।ପରେ ସେଠାରୁ ଚୌମୁଖ ପଞ୍ଚାୟତର କଙ୍କଡାପାଳ ଯାଇଥିଲେ ।ସୁବର୍ଣ୍ଣରେଖା ନଦୀ ମୁହାଁଣ ନିକଟରେ ଥିବା ଏହି ଗ୍ରାମରେ ବ୍ୟାପକ କ୍ଷତି ହୋଇଥିବା ନିଜ ଆଖିଆଗରେ ଦେଖି ଜିଲ୍ଲାପାଳଙ୍କ ସହ ଆଲୋଚନା କରି କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହାପରେ ସେ ବଡାଶ ପଞ୍ଚାୟତର କିଛି ଗ୍ରାମ ବୁଲି ଜାମାକୁଣ୍ଡା ପଞ୍ଚାୟତର କୁହ୍ଲାଚଡ ଗ୍ରାମକୁ ଯାଇଥିଲେ । ସେଠାରେ ବ୍ୟାପକ ପରିବା ଚାଷ ନଷ୍ଟ ହୋଇଥିବା ଦେଖିଥିଲେ । ଏହାପରେ ବିଷ୍ଣୁପୁର ପଞ୍ଚାୟତର କିଛି ଗ୍ରାମ ବୁଲି ଭୋଗାରାଇ ଯାଇଥିଲେ ।କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଉପସଭାପତି ପ୍ରଦୀପ ପଣ୍ଡା,ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ବିଜେପି ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ ସାହୁ,ରାଧା ଗୋବିନ୍ଦ ବିଶ୍ୱାଳ, ଗଗନ ସାହୁ , ପରେଶ କର, ସରପଞ୍ଚ ଅବନ୍ତୀ ମହାନ୍ତି, ରବୀନ୍ଦ୍ର ଜେନା ,ସୁନୀଲ ପରିଡାଙ୍କ ସମେତ ବହୁ ଦଳୀୟକର୍ମୀମାନେ ଉପସ୍ଥିତ ଥିଲେ ।

# ମନ୍ତ୍ରୀ ବାଂଟିଲେ ଶୁଖିଲା ଖାଦ୍ୟ ସହ ମାସ୍କ ଓ ସାନିଟାଇଜର



ବାରିପଦା,୨୯/୦୫ (ନି.ପ୍ର): ଏକ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିଛନ୍ତି ଶାସକ ଦଳର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରାଣେନ୍ଦ୍ର ପ୍ରତାପ ସ୍ୱାଇଁ। ଜିଲ୍ଲାର ବିଜୁ ଜନତା ଦଳର ବହୁ ବରିଷ୍ଠ କର୍ମକର୍ତ୍ତା, ମହିଳା, ଯୁବ ଓ ଛାତ୍ର କର୍ମକର୍ତ୍ତାଙ୍କ ସହିତ ବାତ୍ୟା ୟାସରେ କ୍ଷୟକ୍ଷତି ସମ୍ବନ୍ଧରେ ବାରିପଦାର ସର୍କିଟ ହାଉସରେ ଆଲୋଚନା କରିଥିଲେ। ଏହା ପରେ ବାତ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି ମନ୍ତ୍ରୀ। ସିଧାସଳଖ ଭାବେ ଲୋକଙ୍କ ଦୁଃଖ ବୁଝି ସହାୟତା ହାତ ବଢାଇଛନ୍ତି। ବାରିପଦାର ବୁଢ଼ାବଳଙ୍ଗ ନଦୀର ତଟବର୍ତ୍ତୀ ବେଲଗଡ଼ିଆ ଅଞ୍ଚଳ ପରିଦର୍ଶନ କରି ବାତ୍ୟା ପିଡିତାଙ୍କ ଦୁଃଖ ବୁଝିଥିଲେ। ଏହା ପରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକମାନଙ୍କୁ ମାସ୍କ, ସାବୁନ, ସାନିଟାଇଜର, ଚୁଡା, ଗୁଡ଼, ବିସ୍କୁଟ, ପାନୀୟ ଜଳ ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ରାଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହିତ ରାଜ୍ୟ କୃଷି ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, କୃଷ୍ଣାନନ୍ଦ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଶୁଭ୍ରମନ୍ୟମ ମହାନ୍ତି, ଦେବିଦତ୍ତ ଦାସ, ଅନନ୍ତ ଦାସ, ପ୍ରଭାତ ମହାନ୍ତି, ଦ୍ରୌପଦୀ ସାହୁ, ଦୁର୍ଗମଣି ଆଚାର୍ଯ୍ୟ, ବିଭୁଦତ୍ତ ମହାନ୍ତି, ଅରୁଣ ବରାଡ, ସୁନୀଲ ନାଏକ ଏବଂ ମୟୂରଭଞ୍ଜ ଜିଲ୍ଲାର ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବାଲିଆପାଳ ବ୍ଲକର ପାଞ୍ଚଟି ପଞ୍ଚାୟତର ତଳିଆଅଞ୍ଚଳ ଜଳମଗ୍ନ

ବାଲିଆପାଳ,୨୯/୦୫ (ନି.ପ୍ର): ଚଳିତବର୍ଷ ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟା ଆଜି ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ପାଞ୍ଚଟି ପଞ୍ଚାୟତର ୨୦ଟି ଗ୍ରାମରେ ଜଳମଗ୍ନ ହୋଇଛି ।ନଦୀର ଉପରମୁଣ୍ଡ ଝାଡଖଣ୍ଡରେ ଥିବା ଗାଲୁଡିହ ବ୍ୟାରେଜ ତିନିଲକ୍ଷ କ୍ୟୁସେକ ପାଣିଛାଡିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।ତେବେ ନଦୀର ଜଳସ୍ତର ସତର୍କ ସଂକେତ ଛୁଇଁନଥିଲେ ମଧ ତଳ ମୁଣ୍ଡରେ ଥିବା ସୂର୍ଯ୍ୟାପୁର, ବଡଖାନପୁର, ପାଳ ଚମ୍ପେଇ,ଚଡ ବଢାପାାଳ, ଆଠବାଟିଆ, କୁଦମାନସିଂ, କୁଦମାନାସିଂ ଚଡ, ମନୋନଗର, ସୁଙ୍ଗମୁହଁ, ତଳବାଲିଆପାଳ, ଗୁନାପୁର, ବିଷ୍ଣୁପୁର, ରସଲପୁର, ନୟାବାଲି, ଇକିଡିପାଳ, କୁହ୍ଲାଚଡ, ତାଳପଦା, ଜୁଣପାହିଁ, ନଖପାାଳ, ଚୌଧୁରୀକୁଦ, ଚଡବସ୍ତ କାଳରୁଇ, ପଞ୍ଚରୁଖି ପ୍ରଭୃତି ଗ୍ରାମର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ତେବେ ଜଳର ସ୍ତର ଅଧିକ ନଥିବାରୁ କାହିରି ଘରେ ପାଣି ପ୍ରବେଶ କରିନାହିଁ ।ରବି ଧାନ ଅମଳ ସରିଥିବାରୁ କେବଳ ପରିବା ଚାଷ କିଛି ନଷ୍ଟ ହୋଇଛି ।ତେବେ ଏହି ବନ୍ୟାକୁ ନେଇ ବାଲିଆପାଳରେ ସେଭଳି କିଛି ବିପଦ ନଥିବା ବିଡିଓ ଲଳିତ ସୋରେଙ୍ଗ କହିଛନ୍ତି ।

# ହେମନ୍ତ ଶାହା ହେଲେ ମାରଓ୍ୱାରୀ ୟୁଥ୍ ଫୋରମର ଆନ୍ତର୍ଜାତୀୟ ଉପାଧ୍ୟକ୍ଷ



ବାରିପଦା,୨୯/୦୫ (ନି.ପ୍ର): ଦେଶର ପ୍ରମୁଖ ଜନସେବା ସଂଗଠନ ଗୁଡ଼ିକ ମଧ୍ୟରେ ଅଖିଳ ଭାରତୀ ମାରଓ୍ୱାଡି ଯୁବ ମଞ୍ଚର ଜନସେବା ପରିସର କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ବେଳେ, ସଂଗଠନର ଅଲ ଇଣ୍ଡିଆ ପୂର୍ବତନ ରାଷ୍ଟ୍ରୀୟ ଉପରାଷ୍ଟ୍ରପତି ବାରିପଦା ଓଡିଶାର ହେମନ୍ତ ଶାହା ମାରଓ୍ୱାରୀ ୟୁଥ୍ ଫୋରମର ଆନ୍ତର୍ଜାତୀୟ ଉପାଧ୍ୟକ୍ଷ ଭାବରେ ନିଯୁକ୍ତ ହୋଇ ଥିବାର ଜଣାଯାଇଛି। ତାଙ୍କୁ ଏହି ଦାୟିତ୍ୟ ସଂଗଠନର ଜାତୀୟ ସଭାପତି କପିଲ ଲାଖୋଟିଆ ପ୍ରଦାନ କରିଛନ୍ତି। ଶ୍ରୀ ଶାହାଙ୍କ ନିଯୁକ୍ତି ସହିତ ଓଡ଼ିଶା, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ରାଜସ୍ଥାନ ସମେତ ସମଗ୍ର ଦେଶରେ ମଂଚ ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ଶାହା ଦୁବାଇ, ଆବୁଧାବି, ମାଲେସିଆର କ୍ୱାଲାଲମପୁର, ବ୍ୟାଙ୍କକ୍, ଥାଇଲ୍ୟାଣ୍ଡ ଆଦି ବିଦେଶ ରାଷ୍ଟ୍ରରେ ଅନେକ ଅନ୍ତର୍ଜାତୀୟ ଶାଖା ଖୋଲିଥିଲେ। ଏହି ନିଯୁକ୍ତିକୁ ନେଇ ତାଙ୍କୁ ଜାତୀୟ ଉପରାଷ୍ଟ୍ରପତି ଅର୍ଚ୍ଚନା ଗର୍ଗ, ଓଡିଶା ପ୍ରଦେଶର ପ୍ରାଦେଶିକ ସଭାପତି ନରେଶ ଅଗ୍ରୱାଲ, ଛତିଶଗଡର ପ୍ରାଦେଶିକ ରାଷ୍ଟ୍ରପତି ଅମର ସୁଲତାନିଆ, ଜାମସେଦପୁରର ପୂର୍ବତନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନନ୍ଦୁ ଅଗ୍ରୱାଲ, ପୂର୍ବତନ ଜାତୀୟ ଉପରାଷ୍ଟ୍ରପତି ସୁନୀଲ ଜୈନ, ଦିଲ୍ଲୀ ପ୍ରଦେଶର ଅଧ୍ୟକ୍ଷ ନିକୁଞ୍ଜ ଗୁପ୍ତା, ଅନେକ ଅଧିକାରୀ ଅଭିନନ୍ଦନ ଜଣାଇଛନ୍ତି। ଦେଶ ବାହାରେ ପ୍ଲାଟଫର୍ମର ସେବା ପ୍ରକଳ୍ପ ପ୍ରତିଷ୍ଠା କରିବା ଏବଂ ଦେଶ ବାହାରେ ଥିବା ଆଦିବାସୀମାନଙ୍କୁ ଭାରତୀୟ ସଂସ୍କୃତି, କଳା, ସମୃଦ୍ଧ ଭୂମି, ଖାଦ୍ୟ ଏବଂ ପାନୀୟ ସହିତ ସଂଯୁକ୍ତ ରଖିବା ପାଇଁ ଏହା ଏକ ଅନନ୍ୟ ସୁଯୋଗ ହେବ ବୋଲି ତଥା ତାଙ୍କର ପ୍ରାଥମିକତା ହେବ ବୋଲି ଶ୍ରୀ ଶାହା କହିଛନ୍ତି।

# ବାତ୍ୟାଞ୍ଚଳରେ ଯୁବ ବିଜେଡି ନେତାଙ୍କ ପାନୀୟ ଜଳ ଯୋଗାଣ

ବାଲେଶ୍ୱର,୨୯/୦୫ (ନି.ପ୍ର): ବିଜେଡିର ବାଲେଶ୍ୱର ଜିଲା ମିଡିଆ ସଂଯୋଜକ ଯୁବନେତା ରଘୁନାଥ ଲେଙ୍କା ବାତ୍ୟା ଦୁର୍ଗତଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟା ସମାଧାନ ପାଇଁ ଉଦ୍ୟମ ଜାରି ରଖଛନ୍ତି। ଏକ ଟିମ ସହ ସେ ସଦର ବ୍ଲକର ସାର୍ଥା ପଞ୍ଚାୟତରେ ପହଞ୍ଚି ଗନଦିଆ, ମେଘା, ବୁଦ୍ଧିଆମାରି, ହଳଦୀଗୁଡ଼ି, ଖାରପଟିଆ, ଖୁଦକାଣ୍ଡିଆ, ରଣସପୁରଡିହ ପ୍ରଭୃତି ଅଞ୍ଚଳକୁ ଯାଇ ଲୋକଙ୍କ ଦୁର୍ଦ୍ଦଶା ଅନୁଧ୍ୟାନ କରିଥିଲେ। ଲୁଣିବନ୍ୟା ପାଣିରେ ଏହି ଅଞ୍ଚଳର ମଧୁର ପୋଖରୀର ମାଛ ମଡ଼କ ହେବା ଫଳରେ ସେଠାରେ ପୋତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପିଇବା ପାଣି ପାଇଁ ଲୋକେ ଡହଳ ବିକଳ ହେଉଥିବା ସେ ଲକ୍ଷ୍ୟ କରିଥିଲେ। ନଳକୂପ ଗୁଡ଼ିକ ବନ୍ୟାଜଳରେ ବୁଡ଼ି ରହିଥିବା ଦେଖି ଶ୍ରୀ ଲେଙ୍କା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହ ଯୋଗଯୋଗ କରି ଟ୍ୟାଙ୍କର ଯୋଗେ ପାନୀୟ ଜଳ ପ୍ରଦାନର ସୁବିଧା ସେ କରିଥିଲେ। ଟ୍ୟାଙ୍କର ଯୋଗେ ଆଲୁମେଦା ପଞ୍ଚାୟତର ଏକ ପାଣିପମ୍ପରୁ ପିଇବା ପାଣି ଉଠାଇ ଟ୍ୟାଙ୍କର ଯୋଗେ ଗନଦିଆ, ମେଘା, ବୁଦ୍ଧିଆମାରି, ହଳଦୀଗୁଡ଼ି, ଖାରପଟିଆ, ଖୁଦକାଣ୍ଡିଆ, ରଣସପୁରଡିହ ପ୍ରଭୃତି ଅଞ୍ଚଳର ଲୋକଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ଲେଙ୍କାର ଏହି ଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ସହଯୋଗ ପାଇଁ ସେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି।

# ବାତ୍ୟା ପ୍ରପୀଡ଼ିତଙ୍କୁ ଭାରତୀୟ ପୂର୍ବତନ ସେନାନୀ ସଂଘର ସହାୟତା

ବାଲେଶ୍ୱର,୨୯/୦୫ (ନି.ପ୍ର): ଭାରତୀୟ ପୂର୍ବତନ ସେନାନୀ ସଂଘ ଉତ୍ତର ଓଡ଼ିଶା ଶାଖାର ସଭ୍ୟ ଅନନ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ବାରଜଣିଆ ଟିମ ଭାରତୀୟ ନୌସେନା ସହିତ ମିଶି ବାତ୍ୟା ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ ପ୍ରଦାନ କରୁଛନ୍ତି। ବାତ୍ୟାର ପୂର୍ବଦିନ ଏହି ଟିମ ରେମୁଣାର ତହସିଲଦାରଙ୍କ ସହ ରହି ତାଳପଦା ଅଞ୍ଚଳରେ ଲୋକମାନଙ୍କୁ ଆଣି ବାତ୍ୟା ଆଶ୍ରୟସ୍ଥଳକୁ ପହଞ୍ଚାଇଥିଲେ। ବାତ୍ୟା ବେଳେ ଓଡ୍ରାଫ ଟିମ ସହ ବାଲେଶ୍ୱର ସହର ଓ ସହରର ଉପକଣ୍ଠ ଅଞ୍ଚଳରେ ପଡ଼ିଥିବା ଗଛ କାଟି ରାସ୍ତା ସଫା କରିଥିଲେ। ବାତ୍ୟା ପରଦିନ ପୁଣି ଭାରତୀୟ ନୌସେନା ସହିତ ପରିଖଠାରେ କମ୍ୟୁନିଟି କିଚେନ ମାଧ୍ୟମରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଇଥିଲେ। ବାତ୍ୟାର ୨ୟ ଦିବସରେ ପରିଖି ଏବଂ କଷାଫଳଠାରେ ଲୋକମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରୁଛନ୍ତି। ଏଥିପାଇଁ ଭାରତୀୟ ନୌସେନା ଏବଂ ପୂର୍ବତନ ସୈନିକ ସଂଘର କାର୍ଯ୍ୟକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଇଷାମଣି ମହାପାତ୍ରଙ୍କ ପରଲୋକ



ବାଲେଶ୍ୱର,୨୯/୦୫ (ନି.ପ୍ର): ଅବସରପ୍ରାପ୍ତ ପଞ୍ଚାୟତ ସମ୍ପାଦକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ଭଗବାନ ମହାପାତ୍ରଙ୍କ ପତ୍ନୀ ଇଷାମଣୀ (୭୧)ଙ୍କର ଆଜି ମଧ୍ୟାହ୍ନ ସାଢ଼େ୨ଟା ସମୟରେ ପରଲୋକ ଘଟିଛି । ସକାଳେ ଇଷାମଣି ବାଡ଼ିରେ କାମ କରୁଥିବା ବେଳେ ହଠାତ୍ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଋଷା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧିନ ଅବସ୍ଥାରେର ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ ଚତୁର୍ଭୁଜ, ଅନ୍ତର୍ଯ୍ୟାମୀ, ସୁଦର୍ଶନ, ଚକ୍ରଧର, ଝିଅ ବିଜୟଲକ୍ଷ୍ମୀ, ଶୁଭଲକ୍ଷ୍ମୀ, ଜୟଲକ୍ଷ୍ମୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଇଷାମଣିଙ୍କ ମୃତ୍ୟୁ ଖବର ପାଇ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଋଷା ଭଗବାନପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଗ୍ରାମରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ଼ପୁଅ ଚତୁର୍ଭୁଜ ମୁଖାଗ୍ନି ଦେଇଥିଲେ ।

# ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବବି ଦାସଙ୍କ ମୟୂରଭଞ୍ଜ ଗସ୍ତ



ବାରିପଦା,୨୯/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାତ୍ୟା 'ୟାସ' ତାର ତାଣ୍ଡବ ରଚିଥିବା ବେଳେ ବହୁ ଘର ଭାଙ୍ଗିଥିବା ସହିତ ବଡବଡ ଗଛ ଓ ବିଦ୍ୟୁତ ଖୁଂଟି ଉପୁଡି ଯାଇଥିବାର ଦେଖା ଯାଇଛି। ପ୍ରସାଶନ ପକ୍ଷରୁ ବହୁସଂଖ୍ୟାରେ ତଳିଆ ଅଂଚଳ ତଥା କଚ୍ଚା ଘର ମାନଙ୍କରୁ ଲୋକଙ୍କୁ ନେଇ ବାତ୍ୟା ଆଶ୍ରୟ ସ୍ଥଳିରେ ରଖା ଯାଇଛି । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୭ଦିନ ପାଇଁ ରିଲିଫ ଦେବାକୁ ଘୋଷଣା କରିଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲାର ବାତ୍ୟା ପ୍ରପିଡିତ ଲୋକଙ୍କ ନିକଟରେ ପହଂଚିଛନ୍ତି ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ। ବାରିପଦାରେ ବୁଢ଼ାବଳଙ୍ଗ ତଳବର୍ତ୍ତୀ ସ୍ଥାନକୁ ଯାଇ ଲୋକମାନଙ୍କ ସହିତ ବାତ୍ୟା ସମୟର ଦୁଃଖ ଦୁର୍ଦ୍ଦଶା ବୁଝିଥିଲେ। ବିଜେଡି କର୍ମକର୍ତ୍ତାଙ୍କ ସହିତ ବାତ୍ୟା ୟାସ ପରବର୍ତ୍ତୀ ସ୍ଥିତି ସମୀକ୍ଷା ସହିତ ବାତ୍ୟାଂଚଳ ବୁଲି ବାରିପଦା ମଧୁବନ ତଳ ସାହି ବସ୍ତିର ଶତାଧିକ ଲୋକ ମାନଙ୍କୁ ମାସ୍କ, ସାନିଟାଇଜର, ଚାଉଳ ଓ ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି। ତେବେ ପ୍ରଥମେ ଲଗାଣ ବର୍ଷା ପବନ ଯୋଗୁ ଘର କାନ୍ଥ ଧସି ଯିବାରୁ ପ୍ରାଣ ହରାଇଥିବା ମୋରଡ଼ା ବ୍ଲକ ପଳାଶ ମୁଣ୍ଡୁଳି ପଂଚାୟତ କୁସୁମକୁଟି ଗ୍ରାମର ବୁଧୁନି ସିଂ(୭୦)ଙ୍କ ପରିବାରକୁ ଭେଟିଥିଲେ।

# ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀଙ୍କ ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ

## ପିଡିଏସ, ରବି ଧାନ ସଂଗ୍ରହ ଏବଂ ବାତ୍ୟା ପରବର୍ତ୍ତୀ ରିଲିଫ ପୁନରୁଦ୍ଧାର କାର୍ଯ୍ୟକ୍ରମର ସମୀକ୍ଷା



ବାରିପଦା,୨୯/୦୫ (ନି.ପ୍ର): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ଯୋଜନା ଅନ୍ତର୍ଗତ ସାଧାରଣ ବଂଟନ ବ୍ୟବସ୍ଥା, ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମର ଅଗ୍ରଗତି, ସ୍ଥିତି ଏବଂ ବାତ୍ୟା ୟସ ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର ଆଦି କାର୍ଯ୍ୟ ଉପରେ ସମୀକ୍ଷା କରିଥିବାର ଜଣାଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ତତ୍ୱାବଧାନ କ୍ରମେ ଆୟୋଜିତ ଏକ ବୈଠକରେ ଯୋଗଦେଇ ବିଶେଷ କରି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖାଦ୍ୟ ସୁରକ୍ଷା ଯୋଜନାରେ ସାଧାରଣ ବଂଟନ ବ୍ୟବସ୍ଥାରେ ଜିଲ୍ଲାର ସମସ୍ତ ହିତାଧିକାରୀ ଖାଉଟି ମାନଙ୍କୁ ପ୍ରତିମାସରେ ଚାଉଳ/ଗହମ ଆଦି ଖାଦ୍ୟ ସାମଗ୍ରୀ ବଂଟନର ଅଗ୍ରଗତି ଓ ସ୍ଥିତି ଉପରେ ସବିଶେଷ ସମୀକ୍ଷା କରିବା ସହିତ ଏଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ (ପିଏମ ଜିକେଓ୍ୱାଇ) ଯୋଜନା ରେ ପ୍ରତିହିତାଧିକାରୀଙ୍କୁ ୫ କିଲୋ ହିସାବରେ ଚାଉଳ ଜୁନ ୧ ତାରିଖରୁ ପ୍ରଦାନ କରାଯିବାକୁ ପରାମର୍ଶ ଦେଇଥିଲେ ଏବଂ ଜିଲ୍ଲାରେ ଥିବା ଶଶ୍ୟ ଭଣ୍ଡାରର ମହଜୁଦ ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରିଥିଲେ । ସେହିପରି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖାଦ୍ୟ ଯୋଜନାରେ ଚଳିତ ୨୦୨୧ ରବିଧାନ ସଂଗ୍ରହ ପାଇଁ ଜିଲ୍ଲାରୁ ୫୦ ହଜାର କୁଇଂଟାଲ ଲକ୍ଷ୍ୟ ଧାର୍ଯ୍ୟ ଥିବା ଧାନ ସଂଗ୍ରହ ପାଇଁ କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ୧୭୨୪ଜଣ ଚାଷୀ ଅନଲାଇନ ପଂଜିକରଣ କରାଯାଇଥିବା ବେଳେ, ସେମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଟୋକେନ ଆଧାରରେ ପ୍ୟାକ୍ସ ଦ୍ୱାରା ନିର୍ଦ୍ଧାରିତ ୧୮ଟି ମଣ୍ଡିରେ ରବିଧାନ ସଂଗ୍ରହ କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରିବା ସହିତ ଚାଷୀ ମାନଙ୍କୁ ଠିକ ସମୟରେ ବ୍ୟାଙ୍କ ପାସବୁକରେ ଅନଲାଇନ ପେମେଂଟ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏକ୍ଷେତ୍ରରେ ସମସ୍ତ ପଂଜିକୃତ ଚାଷୀ ମାନଙ୍କ ଧାନ ବିକ୍ରୟର ପରିମାଣ ଠିକ ଭାବେ ଯାଂଚ କରି ପି.ପାସ ପୋର୍ଟାଲରେ ସବିଶେଷ ତଥ୍ୟ ଆପଲୋଡ କରିବା ପାଇଁ ଗୁରୁତ୍ୱରୋପ କରିଥିଲେ । ମଣ୍ଡିରେ କିଣାଯାଉଥିବା ଧାନ ଟ୍ୟାଗିଂ କରାଯାଇଥିବା ମିଲର ମାନଙ୍କ ଦ୍ୱାରା ଠିକ ସମୟରେ ଧାନ ଉଠାଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚଳିତ ବାତ୍ୟା ୟସ ଜନୀତ ଜିଲ୍ଲାରେ ଘଟିଯାଇଥିବା କ୍ଷୟକ୍ଷତିର ଆକଳନ ବିଷୟରେ ଆଲୋଚନା କରିବା ସହିତ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ମୂଳକ ସମୀକ୍ଷା କରିଥିଲେ । ଆଲୋଚନାରେ ବିଶେଷ କରି ବାତ୍ୟା /ବନ୍ୟା କ୍ଷୟକ୍ଷତି ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ ପୂର୍ତ୍ତ (ଗୃହ ଓ କୋଠାବାଡି), ଗ୍ରମ୍ୟ ନିର୍ମାଣ (ଆରଡି), ପଂଚାୟତିରାଜ (ଡିଆରଡିଏ), କୃଷି, ବିଦ୍ୟୁତ ଆଦି ବିଭାଗ ଅଧିନସ୍ଥ ପରିଚାଳିତ ସର୍ବସାଧାରଣ ସମ୍ପତ୍ତି ଏବଂ ପ୍ରଭାବିତ ପରିବାର ମାନଙ୍କ କ୍ଷୟକ୍ଷତିର ସବିଶେଷ ଆକଳନ ପାଇଁ ସଂପୃକ୍ତ ବିଭାଗ ତତ୍ୱାବଧାନରେ ସ୍ୱତନ୍ତ୍ର ରାପିଡ ରେସପନ୍ସ ଟିମ ଦ୍ୱାରା କ୍ଷେତ୍ର ଅନୁଧ୍ୟାନ କରି ଚୁଡାନ୍ତ କ୍ଷୟକ୍ଷତିର ବୀବରଣୀ ପ୍ରସ୍ତୁତ କରି ଜିଲ୍ଲା ପ୍ରସାଶନର ସୁପାରିସ କ୍ରମେ ବିଭାଗ ନିକଟକୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo